# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
18 OCTOBER 2024
ଶୁକ୍ରବାର
୧୮ ଅକ୍ଟୋବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 150 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୧୫୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ଜଷ୍ଟିସ୍ ସଞ୍ଜୀବ ଖାନ୍ନା ପରବର୍ତ୍ତୀ ସିଜେଆଇ

**ନୂଆଦିଲ୍ଲୀ, ୧୭।୧୦/ଏଜେନ୍ସି:**



ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡଙ୍କ ପରେ ତାଙ୍କ ଉତ୍ତରାଧିକାରୀ ଭାବେ ସୁପ୍ରିମକୋର୍ଟର ଅନ୍ୟତମ ବରିଷ୍ଠ ବିଚାରପତି ଜଷ୍ଟିସ ସଞ୍ଜୀନ ଖାନ୍ନା ଦାୟିତ୍ୱ ଗ୍ରହଣ କରିବେ । ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ଦେଶର ପରବର୍ତ୍ତୀ ସିଜେଆଇ କାହାକୁ କରାଯିବ ସେନେଇ ସରକାର ଚିନ୍ତାରେ ଥିବାବେଳେ ନିଜେ ଜଷ୍ଟିସ୍ ଚନ୍ଦ୍ରଚୂଡ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ଖାନ୍ନାଙ୍କ ନାମ ସୁପାରିସ କରିଛନ୍ତି । ବାସ୍ତବରେ ଗତ ସପ୍ତାହରେ କେନ୍ଦ୍ର ସରକାର ସିଜେଆଇ ଡିଓ୍ୱାଇ ଚନ୍ଦ୍ରଚୂଡଙ୍କୁ ଚିଠି ଲେଖି ତାଙ୍କ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବାକୁ ଜଣାଇଥିଲେ । ଏହା ପରେ ସିଜେଆଇ ଚନ୍ଦ୍ରଚୂଡ଼ ଜଷ୍ଟିସ ଖାନ୍ନାଙ୍କ ନାମ ସୁପାରିସ କରିଛନ୍ତି । ପ୍ରକାଶ, ଆସନ୍ତା ନଭେମ୍ବର ୧୦ ତାରିଖରେ ସିଜେଆଇ ଚନ୍ଦ୍ରଚୂଡ଼ ଅବସର ଗ୍ରହଣ କରିବେ । ତାଙ୍କ ସ୍ଥାନରେ ଜଷ୍ଟିସ ଖାନ୍ନାଙ୍କୁ ଦେଶ ତଥା ଛସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ସିଜେଆଇ ଭାବେ ନିଯୁକ୍ତି ଦିଆଯିବ । ଜଷ୍ଟିସ୍ ଖାନ୍ନା ସିଜେଆଇ ଭାବେ ମାତ୍ର ୬ ମାସ ପର୍ଯ୍ୟନ୍ତ ହିଁ କାର୍ଯ୍ୟ କରିପାରିବେ । କାରଣ ୨୦୨୫ ମେ ମାସ ୧୩ ତାରିଖରେ ଜଷ୍ଟିସ ଖାନ୍ନାଙ୍କ ଅବସର କାଳ ଶେଷ ହେବ ।

୧୯୮୩ରେ ଦିଲ୍ଲୀ ବାର୍ କାଉନସିଲ୍‌ରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା । ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ଜଣେ ଓକିଲ ଭାବେ ଅଭ୍ୟାସ କରିଥିଲେ ।

▶▶ ୭

# ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି

### ଟାସ୍କଫୋର୍ସ ଓ ୬ଟି ସବ୍‌କମିଟି ଗଢ଼ିଲେ ରାଜ୍ୟ ସରକାର

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ଜାତୀୟ ଶିକ୍ଷା ନୀତି-୨୦୨୦କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଆଜି ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ପୁର୍ନଗଠନ ସହ ୬ଟି ଥିମେଟିକ୍ ସବକମିଟି ଗଠନ କରାଯାଇଛି । ପୂର୍ବ ବିଜେଡି ସରକାର ଜାତୀୟ ଶିକ୍ଷା ନୀତିକୁ ଓଡ଼ିଶାରେ ଲାଗୁ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ ।

ଆଜି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଜାତୀୟ ଶିକ୍ଷା ନୀତି-୨୦୨୦କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ପୁର୍ନଗଠନ କରାଯାଇଛି । ଏହି ଟାସ୍କଫୋର୍ସରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ,ଅର୍ଥ ବିଭାଗର ପ୍ରମୁଖ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ, କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ପ୍ରମୁଖ ସଚିବ, ଉଚ୍ଚଶିକ୍ଷା ବିଭାଗର ସଚିବ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ ଏଜୁକେସନର ପ୍ରିନ୍ସିପାଲଙ୍କୁ ଏକ୍ସଅଫିସୋ ସଦସ୍ୟ ଭାବେ ସାମିଲ କରାଯାଇଛି । ଟିଚର୍ସ ଏଜୁକେସନ ଆଣ୍ଡ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ଏହି ଜାତୀୟ ଶିକ୍ଷା ନୀତି-୨୦୨୦ର ନୋଡାଲ ଅଫିସର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ଆବାହକ ସଦସ୍ୟ ଭାବେ ସାମିଲ କରାଯାଇଛି ।




ଏହି ଟାସ୍କଫୋର୍ସରେ ଏକ୍ସପର୍ଟ ସଦସ୍ୟ ଭାବେ ୟୁନିସେଫ, ସେଂଟ୍ରାଲ ସ୍କୋୟାର ଫାଉଣ୍ଡେସନ, ଅକ୍ଷର ଫାଉଣ୍ଡେସନ, ଲାଙ୍ଗୁଏଜ୍ ଲର୍ଣ୍ଣ ଫାଉଣ୍ଡେସନ, ପ୍ରଥମର ପ୍ରତିନିଧିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ମନୋନୀତ ସଦସ୍ୟ ମଧ୍ୟ ରହିବେ ।

ସେହିପରି ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଉପାଦାନକୁ ଅନୁଧ୍ୟାନ ପାଇଁ ୬ଟି ଥିମେଟିକ୍ ସବକମିଟି ମଧ୍ୟ ଗଠନ କରାଯାଇଛି । ଏହି ସବକମିଟିରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତମାନଙ୍କୁ ସାମିଲ କରାଯାଇଛି । ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଖୁବଶୀଘ୍ର ଲାଗୁ କରାଯିବାକୁ ନେଇ ସରକାର ସ୍ପଷ୍ଟ କରିଥିଲେ ।

## ଲଘୁଚାପ ପ୍ରଭାବରେ ୨୨ ଓ ୨୩ରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । କ୍ରମେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଅଧିକ ଘନୀଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହାର ପ୍ରଭାବରେ ୨୩ ଓ ୨୪ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା



ହେବାର ସମ୍ଭାବନା ରହିଛି । କିନ୍ତୁ ଏ ନେଇ କୌଣସି ଓ୍ୱାର୍ଣ୍ଣିଂ ଦିଆଯାଇ ନାହିଁ । ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ଚିତ୍ର ଆହୁରି ସ୍ପଷ୍ଟ ହେବ । ତେବେ ବାତ୍ୟା ନେଇ କୌଣସି ସୂଚନା ନାହିଁ । ମାତ୍ର ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଲଘୁଚାପଟି ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ତାରିଖ ବେଳକୁ ଗଭୀର ଅବପାତ କିମ୍ବା ଏକ ଛୋଟ ବାତ୍ୟାର ରୂପ ନେଇପାରେ । ବିଭିନ୍ନ ମଡେଲର ଆକଳନ ଅନୁଯାୟୀ ଏହା ଓଡ଼ିଶା ଉପକୂଳ କିମ୍ବା ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି । ତେବେ ଏ ସଂପର୍କରେ ୨୨ କିମ୍ବା ୨୩ ବେଳକୁ ସ୍ପଷ୍ଟ ଚିତ୍ର ଆସିବ । ତେବେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ସମୁଦ୍ରରୁ ବଳ ଗୋଟାଇବ । ଫଳରେ ଏହା ବାତ୍ୟାରେ ପରିଣତ ହୋଇପାରେ । ତେବେ ଏହାର ତୀବ୍ରତା ଓ ଗତିପଥକୁ ନେଇ ବାରମ୍ବାର ଆକଳନ ପରିବର୍ତ୍ତନ କରୁଛି ଏକ ମଡେଲ ।

▶▶ ୭

## ସୁପ୍ରିମକୋର୍ଟଙ୍କ ରାୟ
## ବିଦାହେବେ ଅଯୋଗ୍ୟ ବାଂଲାଦେଶୀ ଶରଣାର୍ଥୀ

**ନୂଆଦିଲ୍ଲୀ, ୧୭।୧୦/ଏଜେନ୍ସି:**

ନାଗରିକତା ଆଇନର ଧାରା ୬(କ)କୁ ବୈଧ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଗୁରୁବାର ନାଗରିକତା ଆଇନ୍ ଅନ୍ତର୍ଗତ ଧାରା ୬(କ)ର ବୈଧତାକୁ ଚ୍ୟାଲେଞ୍ଜ୍ କରାଯିବା ପୂର୍ବକ କରାଯାଇଥିବା ଆବେଦନ ଉପରେ ଶୁଣାଣି କରିବାକୁ ଯାଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି । ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ୪:୧ ବହୁମତ ଆଧାରରେ ନିଜ ରାୟରେ କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ତଥା ମହତ୍ୱପୂର୍ଣ୍ଣ ବ୍ୟବସ୍ଥା ଅନୁଯାୟୀ ଅନ୍ତର୍ଭୁକ୍ତ ନଥିବା ବ୍ୟକ୍ତିଙ୍କୁ



ଭାରତୀୟ ନାଗରିକତା ଆଇନ୍ ଧାରା ୬ (କ) ନାଗରିକତ୍ୱ ପ୍ରଦାନ କରିଥାଏ । ଅର୍ଥାତ୍ ଏହା ସେହି

### ନାଗରିକତା ନିୟମ ଧାରା ୬(କ) ବୈଧ

ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ଅନୁଚ୍ଛେଧ ୬ ଓ ୭ ଅଧୀନରେ ନାହାନ୍ତି । ସିଧାସଳଖ କହିଲେ '୬ (କ)' ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ କି ୧୯୬୬ ମସିହା ଜାନୁଆରି ପହିଲା ପୂର୍ବରୁ ପ୍ରବାସିତ ହୋଇଥିଲେ । ସୁତରାଂ ଏପ୍ରକାର ଆଇନଗତ ଧାରାକୁ ଅସିଦ୍ଧ କରାଯାଇପାରିବ ନାହିଁ ।

▶▶ ୭

## ୟୁଜିସି ନେଟ୍ ରେଜଲ୍ଟ ପ୍ରକାଶିତ

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ନ୍ୟାସନାଲ୍ ଟେଷ୍ଟିଙ୍ଗ ଏଜେନ୍ସି(ଏନଟିଏ) ପକ୍ଷରୁ ଗୁରୁବାର ୟୁଜିସି ନେଟ୍ ୨୦୨୪ ରେଜଲ୍ଟ ପ୍ରକାଶ ପାଇଛି । ଚଳିତ ବର୍ଷ ଜେଏଆର୍ଏଫ୍, ଆସିଷ୍ଟାଣ୍ଟ ପ୍ରେଫସର ଏବଂ ପିଏଚଡି ପାଇଁ ମୋଟ୍ ୧୧ଲକ୍ଷ ୨୧ହଜାର ୨୨୫ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ଛାତ୍ରଙ୍କ ସଂଖ୍ୟା ୪ଲକ୍ଷ ୮୫ହଜାର ୫୭୮ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୬ଲକ୍ଷ ୩୫ହଜାର ୫୫୮ଜଣ ଏବଂ ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ସଂଖ୍ୟା ୫୯ଜଣ ରହିଥିଲେ । ମାତ୍ର ସେମାନଙ୍କ ମଧ୍ୟରୁ ୬ଲକ୍ଷ ୮୪ହଜାର ୨୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ତେବେ ଏହି ପରୀକ୍ଷାରେ ଜେଏଆର୍ଏଫ୍ ପାଇଁ ୪ହଜାର ୯୭୦ଜଣ ମନୋନୀତ ହୋଇଥିବା ବେଳେ ଆସିଷ୍ଟାଣ୍ଟ ପ୍ରେଫସର ପାଇଁ ୫୩ହଜାର ୬୯୪ଜଣ ଚୟନ ହୋଇଛନ୍ତି । ସେହିପରି ପିଏଚଡି ପାଇଁ ୧ଲକ୍ଷ ୧୨ହଜାର ୭୦ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି । ରେଜଲ୍ଟ ସହ ବିଷୟଭିତ୍ତିକ କଟ୍ଅଫ୍ ମାର୍କ ମଧ୍ୟ ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୫ ମଧ୍ୟରେ ପରୀକ୍ଷା ହୋଇଥିଲା ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲା ସୁଆର ମହାସୁଆର ନିଯୋଗ
## ଶ୍ରୀମନ୍ଦିରରେ ଗୁଆଘିଅରେ ମହାପ୍ରସାଦ ହେଉ

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିରରେ ଗୁଆ ଘିଅରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଲେ ସୁଆର ମହାସୁଆର ନିଯୋଗର ସଦସ୍ୟ । ଶୁଦ୍ଧ ଦେଶୀ ଗାଈ ଘିଅ ଉତ୍ପାଦନ ଲାଗି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ଅମୃତମଣୋହୀ ଜମିରେ ଏକ ଗାଈ ଫାର୍ମ ନିର୍ମାଣ କରାଯାଉ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି । ମହାପ୍ରଭୁଙ୍କ ନାମରେ ଗଚ୍ଛିତ ରହିଥିବା ଅର୍ଥରେ ଗୋଶାଳା ବା ଡାଏରୀ ଫାର୍ମ ପରିଚାଳନା କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି । ବରିଷ୍ଠ ସେବାୟତ ମଧୁସୂଦନ ସୁଆର, ରାମଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ସୁଆର, ମାଧବ ଚନ୍ଦ୍ର ମହପାତ୍ର, ରଘୁନାଥ ମହାପାତ୍ର, ରାମକୃଷ୍ଣ ମହାପାତ୍ର ଏହି ଚିଠି ଲେଖିଛନ୍ତି । ଓମ୍‌ଫେଡ୍ ପରିବର୍ତ୍ତେ ଶୁଦ୍ଧ ଗୁଆଘିଅରେ ମହାପ୍ରସାଦ ପ୍ରସ୍ତୁତ ହେଉ ବୋଲି ସେମାନେ ପ୍ରଧାନମନ୍ତ୍ରୀ ଚିଠି ଲେଖିଛନ୍ତି ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଛି ଦିନ ପୂର୍ବରୁ ଶ୍ରୀମନ୍ଦିରରେ ଓମ୍‌ଫେଡ ଘିଅରୁ ମହାପ୍ରସାଦ ପ୍ରସ୍ତୁତି ନେଇ ଚିଠି ଲେଖିଥିଲେ । ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଡିପୋ ବ୍ୟବସ୍ଥା ପାଇଁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ସେ ଚିଠିରେ ଉଲ୍ଲେଖ କରିଥିଲେ । ମହାପ୍ରସାଦ ପ୍ରସ୍ତୁତି ଓ ଦୀପରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର କରାଯିବ । ଶ୍ରୀମନ୍ଦିର ଭିତରକୁ ଅନ୍ୟ ଘିଅ ନେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଥିଲା ।

## ସାତକୋଶିଆ ଆସିବେ ମହାବଳ

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ସାତକୋଶିଆକୁ ଆସିବେ ମହାବଳ ବାଘ । ୧୨ରୁ ୧୬ଟି ମହାବଳ ବାଘ ଅଣାଯିବ । ଏନ୍‌ଟିସିଏର ଟାଇଗର ରିକଭରି ପ୍ଲାନ ଅନୁସାରେ ୧୨ରୁ ୧୬ଟି ବାଘ ଆଣିବାକୁ ଯୋଜନା କରାଯାଇଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି । ମହାବଳ ବାଘ ଆଣିବା ପାଇଁ ବୈଷୟିକ ଅନୁମୋଦନ ଶେଷ ହୋଇଛି ।

▶▶ ୭



### ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ପୁଣି କଲେ ଶାଣିତ ଆକ୍ରମଣ
## ବିଜୁ ବାବୁଙ୍କୁ 'ଭାରତ ରତ୍ନ' ଚାହୁଁନଥିଲେ ପାଣ୍ଡିଆନ୍

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:**

ଭିକେ ପାଣ୍ଡିଆନ ଚାହୁଁନଥିଲେ ବିଜୁ ବାବାଙ୍କୁ 'ଭାରତ ରତ୍ନ' ମିଳୁ । ପୁଣି ଥରେ ଏଭଳି ଶାଣିତ ଆକ୍ରମଣ କରିଛନ୍ତି ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ । ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ଡ. ପାଟଶାଣୀ କହିଛନ୍ତି ଯେ ବିଜୁବାବୁଙ୍କୁ ଭାରତ ରତ୍ନ ମିଳିବା ଦରକାର । ବିଜେଡି ପକ୍ଷରୁ ଏନେଇ କେନ୍ଦ୍ର ବିରୋଧରେ ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା । ମୁଁ ବି ସଂସଦରେ ପ୍ରସଙ୍ଗ ଉଠାଇଥିଲି । ମାତ୍ର ପାଣ୍ଡିଆନ୍ ମୋତେ ଫୋନ୍ କରି କ୍ଷୁବ୍ଧ ହୋଇଥିଲେ । ପରେ ଆଉ କେହି ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଲେନାହିଁ । ଏପରିକି ବିଜୁ ବାବୁଙ୍କ କନ୍ୟା ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟାଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ପାଣ୍ଡିଆନ ବାରଣ କରିଥିଲେ । ଡ. ପାଟଶାଣୀ କହିଛନ୍ତି, ପାଣ୍ଡିଆନ ଓ ପ୍ୟାରୀବାବୁଙ୍କ ତୁଳନା କଲେ ପାଣ୍ଡିଆନ ବହୁ ତଳେ ରହିବେ । ରାଜନୀତିରେ ପ୍ୟାରିବାବୁ ଥିଲେ ଚାଣକ୍ୟ । ଏହାସତ୍ତ୍ୱେ ବି ତାଙ୍କର ଗର୍ବ ନଥିଲା । ମାତ୍ର ପାଣ୍ଡିଆନ୍‌ଙ୍କର ଗର୍ବ ବହୁ ଅଧିକ ଥିଲା । ସେହି ଗର୍ବ ସହିଲେ ନାହିଁ ମହାପ୍ରଭୁ । ସେଥିପାଇଁ ଦଳ କ୍ଷତି ସହୁଥିଲା । ଦଳ ଗଠନ ବେଳେ ପାଣ୍ଡିଆନ୍ ବାବୁ ନ ଥିଲେ । ହୁଏତ ସେଥିପାଇଁ ସେ ତଞ୍ଚକତା କରି ବିଜୁ ବାବୁଙ୍କ ସହ କାର୍ଯ୍ୟ କରିଥିବା ନେତାମାନଙ୍କୁ ଦଳରୁ ବାହାର କରିଦେଇଥିଲେ । ପରେ ନବୀନ ବାବୁ ସବୁ ଜାଣି ବି ପାଣ୍ଡିଆନ୍‌ଙ୍କୁ କ୍ଲିନ୍‌ଚିଟ୍ ଦେଇ ବଡ଼ ଭୁଲ୍ କରିଛନ୍ତି । ବିଜେଡିର ନେତାମାନେ ତାହା ଚାହୁଁ ନାହାନ୍ତି । ଦଳ ଏଥିପାଇଁ ଭବିଷ୍ୟତରେ ବହୁ କ୍ଷତି ସହିବ ବୋଲି ସେ କହିଛନ୍ତି । କେବଳ ସେତିକି ନୁହେଁ ବିଜୁବାବୁଙ୍କ କନ୍ୟା ଗୀତା ମେହେଟ୍ଟାଙ୍କୁ ରାଜ୍ୟସଭା ପଠାଯାଉ ବୋଲି ଦାବି କରିଥିଲି । ତାହା ମଧ୍ୟ ପାଣ୍ଡିଆନଙ୍କୁ ପସନ୍ଦ ହୋଇନଥିଲା । କାହିଁକି ଏସବୁ କଥା କହୁଛନ୍ତି ବୋଲି ପଚାରିବା ସହ ମୋତେ ଚୁପ୍ ରହିବାକୁ ବାଧ୍ୟ କରାଯାଇଥିଲା ବୋଲି ଶ୍ରୀ ପାଟଶାଣୀ କହିଛନ୍ତି । ଆଉ 'ଭଗବାନ'ଙ୍କ ନାଁ ନେଇ ଏସବୁ ସତ ବୋଲି ମଧ୍ୟ କହିଥିଲେ । ଏହାସହିତ ପାଣ୍ଡିଆନଙ୍କ ଔଦ୍ଧତ୍ୟ ଓ ଗର୍ବ ପାଇଁ ବିଜେଡିକୁ ଏଭଳି ଫଳ ଭୋଗିବାକୁ ପଡ଼ିଲା ବୋଲି ପାଟଶାଣୀ କହିଛନ୍ତି ।



### ଗୀତା ମେହେଟ୍ଟାଙ୍କୁ ରାଜ୍ୟସଭା ପଠାଯିବା ପ୍ରସ୍ତାବ ପାଣ୍ଡିଆନ୍‌ଙ୍କ ପସନ୍ଦ ହୋଇ ନଥିଲା




# ହସିନାଙ୍କ ବିରୋଧରେ ଗିରଫ ୱାରେଣ୍ଟ

## ୨ ମାସ ବିତିଲା, ପୂର୍ବତନ ବାଂଲା ପ୍ରଧାନମନ୍ତ୍ରୀ ଏବେ ବି ଭାରତରେ

**ନୂଆଦିଲ୍ଲୀ, ଢାକା, ୧୭।୧୦/ଏଜେନ୍ସି:** ବାଂଲାଦେଶରେ ଶେଖ୍ ହସିନାଙ୍କ ବିରୋଧରେ ୬୦ରୁ ଅଧିକ ଅପରାଧିକ ମାମଲା ରୁଜୁ କରାଯାଇଛି । ଏସବୁ ମାମଲାରେ ଶୁଣାଣି କରିବା ପୂର୍ବକ ବାଂଲାଦେଶର ଏକ ଅପରାଧିକ ଟ୍ରିବ୍ୟୁନାଲ ଶେଖ୍ ହସିନାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି । ବାଂଲାଦେଶର ଇଣ୍ଟରନ୍ୟାସନାଲ୍ କ୍ରାଇମ୍ସ ଟ୍ରିବ୍ୟୁନାଲ୍ (ଆଇସିଟି) ତାଙ୍କୁ ନଭେମ୍ବର ୧୮ ସୁଦ୍ଧା ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ କେବଳ ଶେଖ୍ ହସିନା ନୁହଁନ୍ତି ବରଂ ହସିନାଙ୍କ ଦଳ ଆୱାମୀ ଲିଗ୍ର ଅନ୍ୟ କିଛି ବରିଷ୍ଠ ନେତାଙ୍କ ସମେତ ମୋଟ୍ ୪୫ଜଣ (ଦେଶର କିଛି ବରିଷ୍ଠ ସାମ୍ବାଦିକ, ତଦନ୍ତ ଅଧିକାରୀ, ସହଯୋଗୀ ଦଳର ନେତାଙ୍କୁ ମିଶାଇ) ଙ୍କୁ ଗିରଫ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ୭୬ ବର୍ଷୀୟ ଶେଖ୍ ହସିନା ୧୫ ବର୍ଷ ଧରି ବାଂଲାଦେଶରେ ଶାସନ କରୁଥିବା ବେଳେ ମାନବାଧିକାରର ଉଲ୍ଲଙ୍ଘନ କରିଆସୁଥିଲେ, ତାଙ୍କ ଶାସନ ସମୟରେ ବିରୋଧୀଙ୍କୁ ଦମନ କରାଯିବା ସହ ସେମାନଙ୍କ ହତ୍ୟା କରାଯାଉଥିବା ଭଳି ସଂଗୀନ୍ ଅଭିଯୋଗ ହୋଇଛି । ବିଶେଷ କରି ଜୁଲାଇରୁ ଅଗଷ୍ଟ ମଧ୍ୟରେ ହସିନାଙ୍କ ନିର୍ଦ୍ଦେଶରେ ତାଙ୍କ ନେତୃତ୍ୱାଧୀନ ସରକାର ଏକାଧିକ ନରସଂହାର କରିଥିବା ବାଂଲାଦେଶରେ ନବଗଠିତ ଅନ୍ତରୀଣ ସରକାର କହିଛନ୍ତି ।



ଶେଖ୍ ହସିନା ଗତ ଅଗଷ୍ଟ ମାସ ୫ ତାରିଖରେ ଭାରତରେ ଆସି ପହଞ୍ଚିଥିଲେ । ଏଠାରେ ପହଞ୍ଚିବା ପରେ ସେ ଆମେରିକା କିମ୍ବା ବ୍ରିଟେନ୍ କିମ୍ବା ଫିନ୍‌ଲାଣ୍ଡ ଚାଲିଯିବେ ବୋଲି କୁହାଯାଉଥିଲା । କିନ୍ତୁ ବ୍ରିଟେନ୍ ସରକାରଙ୍କ ପକ୍ଷରୁ ଶେଖ୍ ହସିନାଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନଥିବା ବେଳେ ଆମେରିକା ଏବଂ ଫିନ୍‌ଲାଣ୍ଡ ସରକାର ମଧ୍ୟ ହସିନାଙ୍କ ଏଣ୍ଟ୍ରି ଉପରେ ଚୁପ୍ ରହିଛନ୍ତି । ଫଳରେ ଶେଖ୍ ହସିନା ବାଧ୍ୟ ହୋଇ ଏବେ ଭାରତର କୌଣସି ଏକ ଅଜ୍ଞାତ ସ୍ଥାନରେ ହିଁ ଅବସ୍ଥାନ କରୁଛନ୍ତି । ଏପଟେ ବାଂଲାଦେଶର ଅନ୍ତରୀଣ ସରକାର ହସିନାଙ୍କ କୂଟନୀତିକ ପାସପୋର୍ଟକୁ ମଧ୍ୟ ରଦ୍ଦ କରିଦେଇଛନ୍ତି ।

ନିଯୁକ୍ତିଗତ ସଂରକ୍ଷଣ ବ୍ୟବସ୍ଥାରେ ରହିଥିବା ଅସାମାନତା କାରଣରୁ ଛାତ୍ର ଆନ୍ଦୋଳନ ତଥା ଆକ୍ରୋଶର ଶିକାର ହୋଇ ନିଜ ଦେଶ ଛାଡି ଭାରତ ଚାଲିଆସିଥିଲେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା । ଭାରତ ଆସିବା ପୂର୍ବରୁ ତାଙ୍କୁ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦ ଭଳି ଏକ ବଡ଼ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ତେବେ ଏସବୁ ଘଟଣାକୁ ଇତିମଧ୍ୟରେ ୨ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଶେଖ୍ ହସିନା ଭାରତରେ ହିଁ ଡେରା ପକାଇଛନ୍ତି । ଏହାକୁ ନେଇ ବାଂଲାଦେଶର ନବଗଠିତ ସରକାରଙ୍କ ପକ୍ଷରୁ ଭାରତ ଉପରେ ବାରମ୍ବାର ଚାପ ମଧ୍ୟ ପକାଯାଉଛି ।

## ଇସ୍ରାଏଲ୍ ସେନାର ବଡ଼ ଦାବି

# ହମାସ୍ ମୁଖ୍ୟ ସିନୱାର ମୃତ !

**ଜେରୁଜେଲମ୍, ଗାଜା, ୧୭।୧୦/ଏଜେନ୍ସି:** ଇସ୍ରାଏଲ୍ ପକ୍ଷରୁ ପାଲେଷ୍ଟାଇନ୍‌ର ଗାଜାଷ୍ଟ୍ରିପ୍ ଠାରେ କରାଯାଇଥିବା ଏୟାର ଷ୍ଟ୍ରାଇକରେ ହମାସ୍ ମୁଖ୍ୟ ୟାହିୟା ସିନୱାର ନିହତ ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି । ଇସ୍ରାଏଲ ସେନା କହିଛି ଯେ ଗାଜାରେ ସେନା ପକ୍ଷରୁ କରାଯାଇଥିବା ସାମରିକ ଅପରେସନ ବେଳେ ୩ଜଣ ଆତଙ୍କବାଦୀ ନିହତ ହୋଇଥିଲେ । ସେମାନଙ୍କ ମଧ୍ୟରେ ସିନୱାର ଥିବା ଆଶଙ୍କା କରାଯାଉଛି । ତେବେ ଏସମ୍ପର୍କରେ ସ୍ପଷ୍ଟ ସୂଚନା ପାଇବା ପାଇଁ ଏବେ ଇସ୍ରାଏଲ୍ ସେନା ଏହି ୩ ଆତଙ୍କବାଦୀଙ୍କୁ ଭଲଭାବେ ଅନୁଧ୍ୟାନ କରାଯାଉଥିବା କହିଛି । ମୃତ ୩ ଆତଙ୍କବାଦୀଙ୍କ ଡିଏନଏକୁ ଏଥିରେ ମେଳ କରାଯାଇ ପୂରା ଘଟଣାର ସତ୍ୟତା ଜାଣିବାକୁ ଚେଷ୍ଟା କରାଯିବ ବୋଲି ଇସ୍ରାଏଲ ସେନା କହିଛି । ପ୍ରକାଶ, ଇସ୍ରାଏଲ ଜେଲରେ ଥିବା ବେଳେ ସିନୱାରର ଡିଏନଏ ସଂଗ୍ରହ କରାଯାଇଥିଲା । ଏବେ ଅନ୍ୟପକ୍ଷେ ହମାସ କିମ୍ବା ପାଲେଷ୍ଟାଇନ୍ ସରକାରଙ୍କ ପକ୍ଷରୁ ସିନ୍‌ୱାରଙ୍କ ମୃତ୍ୟୁ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ । ଏସବୁ ମଧ୍ୟରେ ଇସ୍ରାଏଲ୍ ସେନାର ଏୟାର ଷ୍ଟ୍ରାଇକରେ ସିନୱାର ପ୍ରାଣ ହରାଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଦାବି କରାଯାଇଛି ।



ପୂର୍ବରୁ ଇସ୍ରାଏଲ ସେନା ଇରାନରେ ପଶି ହମାସର ପୂର୍ବତନ ମୁଖ୍ୟ ଇସମାଇଲ ହାନିୟେଙ୍କୁ ହତ୍ୟା କରିଥିଲା । ଏହାପରେ ସିନୱାର ହମାସ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲା । ସିନ୍‌ୱାର ହମାସ୍ ସଂଗଠନର ଦାୟିତ୍ୱ ନେବା ପରେ ଇସ୍ରାଏଲ୍ ବିରୋଧୀ ଆକ୍ରମଣକୁ ବ୍ୟାପକ ତଥା ଜୋରଦାର କରିଥିଲା ହମାସ୍ । ଇସ୍ରାଏଲ୍ ପ୍ରତିଶୋଧ ପରାୟଣ ହୋଇ ସିନୱାରକୁ ମଧ୍ୟ ହତ୍ୟା କରିବା ପାଇଁ ଯୋଜନା କରିଥିଲା । ସିନ୍‌ୱାର ରହୁଥିବା ଆଡ୍ଡାସ୍ଥଳୀଗୁଡ଼ିକୁ ମୁଖ୍ୟତଃ ଇସ୍ରାଏଲ୍ ସେନା ଟାର୍ଗେଟ୍ କରିବା ଆରମ୍ଭ କରିଥିଲା । ଏସବୁ ମଧ୍ୟରେ ଇସ୍ରାଏଲ୍ ସେନା ପକ୍ଷରୁ ସିନୱାରକୁ ହତ୍ୟା କରାଯାଇଥିବା ନେଇ ଏକ ବଡ଼ ଦାବି କରାଯାଉଛି । ଇସ୍ରାଏଲ ସେନା ଏବେ ୟାହିୟା ସିନୱାର ଏବଂ ଅନ୍ୟମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି । ଇସ୍ରାଏଲର ସକ୍ରିୟ ସୁରକ୍ଷା ବାହିନୀ ସତର୍କତାର ସହ ଏହି ଅଞ୍ଚଳରେ ଅଭିଯାନ ଜାରି ରଖିଛନ୍ତି । ତେବେ ଯେଉଁ ବିଲ୍ଡିଂ ଉପରେ ଆକ୍ରମଣ ପରେ ଇସ୍ରାଏଲ୍ ସେନା ଏପ୍ରକାର ଦାବି କରୁଛି, ବାସ୍ତବରେ ସେଠାରେ କୌଣସି ସାଧାରଣ ଲୋକ କିମ୍ବା ପଣବନ୍ଦୀଙ୍କ ଉପସ୍ଥିତି ସମ୍ପର୍କରେ ଜଣାପଡୁନାହିଁ ।

ଏସବୁ ମଧ୍ୟରେ ଯଦି ଇସ୍ରାଏଲ୍ ସେନାର ଦାବି ସତ୍ୟ ପ୍ରମାଣିତ ହୁଏ ତେବେ ଏହା ଇସ୍ରାଏଲ ସେନା ଓ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ପାଇଁ ବଡ଼ ସଫଳତା ବୋଲି ବିବେଚନା କରାଯିବ । ପ୍ରକାଶ, ୨୦୨୩ ମସିହା ଅକ୍ଟୋବର ୭ର ଇସ୍ରାଏଲ ଉପରେ ହମାସ କରିଥିବା ଅତର୍କିତ ଆକ୍ରମଣର ମୁଖ୍ୟ ସୂତ୍ର ଧର ଥିଲା ସିନୱାର । ତା' ତତ୍ତ୍ୱାବଧାନରେ ହମାସର ସଦସ୍ୟମାନେ ଆକ୍ରମଣ କରିଥିଲେ, ଯେଉଁଥିରେ ଇସ୍ରାଏଲ୍ ପ୍ରାୟ ୧୭୦୦ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଲୋକଙ୍କୁ ହମାସ ପଣବନ୍ଦୀ କରିନେଇଥିଲା ।

### ହୁତି ଆତଙ୍କୀଙ୍କ ଅସ୍ତ୍ରାଗାର ଧ୍ୱଂସ

ୟେମେନରେ ଆଡ୍ଡା ଜମାଇଥିବା ହୁତି ଆତଙ୍କୀଙ୍କ ଅସ୍ତ୍ରାଗାରକୁ ଧ୍ୱଂସ କରିଛି ଆମେରିକା । ଏହି ଅସ୍ତ୍ରାଗାର ଭୂପୃଷ୍ଠ ମଧ୍ୟରେ କଂକ୍ରିଟ ବଙ୍କର ଭିତରେ ରହିଥିଲା । ବୋମାମାଡ଼ କରି ଆମେରିକା ସେନା ଏହାକୁ ନଷ୍ଟ କରିଦେଇଛି । ହୁତୀ ଆତଙ୍କୀମାନେ ଏହି ଅସ୍ତ୍ରାଗାର ବଳରେ ରେଡ୍ ସି(ଲୋହିତ ସାଗର) ବାବ ଅଲ-ମାନଦେବ ଉପକୂଳ ଏବଂ ଅଦନ ଉପକୂଳରେ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଟାର୍ଗେଟ କରିବା ସହିତ କ୍ଷେପଣାସ୍ତ୍ର, ରକେଟ ଏବଂ ଡ୍ରୋନ ଜରିଆରେ ଆକ୍ରମଣ କରୁଥିଲେ । ତେଣୁ ଅସ୍ତ୍ରାଗାର ଧ୍ୱଂସ କରିଦେବା ଫଳରେ ହୁତି ବିଦ୍ରୋହୀ ଅନେକ ମାତ୍ରାରେ ଦୁର୍ବଳ ହୋଇପଡ଼ିବା ଆଶା କରାଯାଉଛି । ଅନ୍ୟପଟେ ଅନେକ ବର୍ଷ ପରେ ଆମେରିକା ପରମାଣୁ ଅସ୍ତ୍ର ବହନ କରୁଥିବା ଷ୍ଟିଲ୍‌ଥ ବମ୍ବର(ନ୍ୟୁକ୍ଲିୟର ଷ୍ଟିଲ୍‌ଥ ବମ୍ବର) ବି-୨ ସ୍ପିରିଟର ବ୍ୟବହାର କରିଛି । ଏହା ଆମେରିକାର ସବୁଠୁ ମହଙ୍ଗା ଅସ୍ତ୍ରଶସ୍ତ୍ର ମଧ୍ୟରୁ ଅନ୍ୟତମ ।

# ପୁଣି ଟ୍ରେନ୍ ଦୁର୍ଘଟଣା, ୮ ଡବା ଲାଇନ୍‌ଚ୍ୟୁତ

**ନୂଆଦିଲ୍ଲୀ, ୧୭।୧୦/ଏଜେନ୍ସି:** ଦେଶରେ ଟ୍ରେନ ଦୁର୍ଘଟଣା ମାମଲା କ୍ରମାଗତ ବଢ଼ିବାରେ ଲାଗିଛି । ସଦ୍ୟତମ ଘଟଣା ଭାବେ ଡିବାଲେଙ୍ଗ ଷ୍ଟେଶନରେ ଏକ ଟ୍ରେନ୍ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଭାରତୀୟ ରେଲୱେ ପକ୍ଷରୁ ଏନେଇ ଦିଆଯାଇଥିବା ସୂଚନାନୁସାରେ ଅଗରତାଲା-ଲୋକମାନ୍ୟ ତିଲକ ଟର୍ମିନାସ୍‌ର ୮ଟି ବଗି ଲାଇନ୍‌ଚ୍ୟୁତ ହୋଇଛି । ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ରିପୋର୍ଟ ଅନୁସାରେ ୧୨୫୨୦ ଅଗରତାଲା – ଲୋକମାନ୍ୟ ତିଲକ ଟର୍ମିନାସ ଗୁରୁବାର ସକାଳେ ଅଗରତାଲା ଛାଡିଥିବା ଲୋକମାନ୍ୟ ତିଲକ ଟର୍ମିନାସ ଏକ୍ସପ୍ରେସ, ଲୁମଡିଙ୍ଗ ଡିଭିଜନ ଅନ୍ତର୍ଗତ ଡିବଲୋଙ୍ଗ ଷ୍ଟେଶନର ଲୁମଡିଙ୍ଗ – ବଦରପୁର ହିଲ ସେକ୍ସନରେ ସକାଳ ୩ଟା ୫୫ରେ ଲାଇନ୍‌ଚ୍ୟୁତ ହୋଇଥିଲା । ଆକ୍ସିଡେଣ୍ଟ ରିଲିଫ ଟ୍ରେନ ଏବଂ ଆକ୍ସିଡେଣ୍ଟ ରିଲିଫ ମେଡିକାଲ ଟ୍ରେନ ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟ ଉପରେ ନଜର ରଖିବା ପାଇଁ ଲୁମଡଙ୍ଗର ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇଥିବା ନେଇ ସୂଚନା ଦିଆଯାଇଛି । ତେବେ ଲାଇନ୍‌ଚ୍ୟୁତ ଘଟଣା ପରେ ପରେ ଲୁମଡିଙ୍ଗ-ବଦରପୁର ସିଙ୍ଗଲ ଲାଇନ ବିଭାଗରେ ଟ୍ରେନ ଚଳାଚଳ ସ୍ଥଗିତ ରଖାଯାଇଛି ।



# ସଲମାନଙ୍କୁ ହତ୍ୟା ପାଇଁ ୨୫ ଲକ୍ଷ ସୁପାରୀ

## ପାକିସ୍ତାନରୁ ଆସିଥିଲା ଏକେ-୪୭

**ମୁମ୍ବାଇ, ୧୭।୧୦/ଏଜେନ୍ସି:** ନୂଆଦିଲ୍ଲୀ,୧୭।୧୦: ବଲିଉଡ୍ ସୁପରଷ୍ଟାର ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ କଣ୍ଟ୍ରାକ୍ଟ କିଲରଙ୍କୁ ୨୫ ଲକ୍ଷ ଟଙ୍କାର ସୁପାରୀ ଦିଆଯାଇଥିଲା । କେବଳ ସେତିକି ନୁହେଁ, ହତ୍ୟା କରିବା ପାଇଁ ପାକିସ୍ତାନରୁ ଏକ ଏକେ-୪୭ ବନ୍ଧୁକ ମଧ୍ୟ ଆସିଥିଲା । ସଲମାନଙ୍କୁ ତାଙ୍କରି ଫାର୍ମ ହାଉସରେ ହିଁ ହତ୍ୟା କରିବାର ଯୋଜନା କରାଯାଇଥିଲା । ନଭି ମୁମ୍ବାଇ ପୁଲିସ୍ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟରେ ଏଭଳି କିଛି ଖୁଲାସା ହୋଇଛି ।

ମୁମ୍ବାଇ ପୁଲିସ୍ ୫ଜଣଙ୍କ ନାମରେ ଦାଖଲ କରିଥିବା ଚାର୍ଜସିଟ୍‌ରେ ଦର୍ଶାଇଛି ଯେ, ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ନିର୍ଦ୍ଦେଶରେ ସଲମାନ୍‌ଙ୍କୁ ହତ୍ୟା ପାଇଁ ଡିଲ୍ କରାଯାଇଥିଲା ଏବଂ ଏକ ନାବାଳକ ଗ୍ୟାଙ୍ଗକୁ ସୁପାରୀ ଦିଆଯାଇଥିଲା । ଏହି ଗ୍ୟାଙ୍ଗରେ ସାମିଲ ଥିବା ସମସ୍ତ ଅପରାଧୀଙ୍କ ବୟସ ପ୍ରାୟତଃ ୧୮ବର୍ଷରୁ କମ୍ ଥିଲା । କେବଳ ସେତିକି ନୁହେଁ ସଲମାନ୍‌ଙ୍କୁ ହତ୍ୟା କରିବା ପାଇଁ ଯେଉଁ ନାବାଳକଙ୍କୁ ନିୟୋଜିତ କରାଯାଇଥିଲା ସେମାନଙ୍କ ପାଇଁ ପାକିସ୍ତାନରୁ ଅତ୍ୟାଧୁନିକ ଅସ୍ତ୍ର ଏ.କେ ୪୭, ଏ.କେ ୯୨ ଏବଂ ଏମ୍ ୧୬ ଏବଂ ତୁର୍କୀରେ ନିର୍ମିତ ଜିଗାନା ଅସ୍ତ୍ର ଆଦି ଆଣିବା ପାଇଁ ମଧ୍ୟ ପ୍ରସ୍ତୁତି କରାଯାଇଥିଲା । ସଲମାନ୍‌ଙ୍କ ପାଇଁ କଡାକଡି ରହିଥିବା ସିକ୍ୟୁରିଟି ବ୍ୟବସ୍ଥା ଏବଂ ବୁଲେଟ୍ ପ୍ରୁଫ୍ ଗାଡ଼ି ଯୋଗୁଁ ହତ୍ୟାକାଣ୍ଡ ପାଇଁ ହାଇଟେକ୍ ଅସ୍ତ୍ରଶସ୍ତ୍ର ଆବଶ୍ୟକ ହେବ ବୋଲି ଲରେନ୍ସ ବିଷ୍ଣୋଇ ବେଶ୍ ଭଲଭାବେ ଜାଣିଥିଲା । ଏଥିପାଇଁ ଅଭିଯୁକ୍ତ ନାବାଳକଙ୍କୁ ହାଇଟେକ୍ ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ସେ କହିଥିଲା । ମୋଟାମୋଟି ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରିବା ଭଳି ସଲମାନ୍‌ଙ୍କୁ ମଧ୍ୟ ହତ୍ୟା କରାଯିବା ପାଇଁ ସବୁକିଛି ପ୍ରସ୍ତୁତ କରାଯାଇଥିଲା । ତେବେ ଏସବୁ ନାବାଳକ ମୁଖ୍ୟତଃ ପୁଣେ, ରାଇଗଡ, ନଭି ମୁମ୍ବାଇ, ଥାଣେ ଏବଂ ଗୁଜରାଟ ଆଦି ଅଞ୍ଚଳରେ ଲୁଚି ରହିଥିଲେ । ଏମାନଙ୍କ ୬୦ ରୁ ୭୦ ଜଣ ସଲମାନଙ୍କ ପ୍ରତ୍ୟେକ ଗତିବିଧିକୁ ଟ୍ରାକ୍ କରୁଥିଲେ, ବିଶେଷ କରି ସଲମାନ୍‌ଙ୍କ ବାନ୍ଦ୍ରାସ୍ଥିତ ଘର, ପାନଭେଲା ଫାର୍ମ ହାଉସ ଏବଂ ଗୋରେଗାଓଁ ଫିଲ୍ମ ସିଟି ଉପରେ ନଜର ରଖାଯାଇଥିଲା । ଏହାପରେ ସଲମାନଙ୍କୁ ହତ୍ୟା କରିବାକୁ ଅଗଷ୍ଟ ୨୦୨୩ ଏବଂ ଏପ୍ରିଲ ୨୦୨୪ ମଧ୍ୟରେ କରିବାକୁ ଯୋଜନା କରାଯାଇଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି ।



ଚାର୍ଜସିଟ୍ ଅନୁସାରେ ସବୁକିଛି ପ୍ରସ୍ତୁତ ହୋଇସାରିଥିଲା । କେବଳ ଅପେକ୍ଷା ଥିଲା କାନାଡା ଭିତ୍ତିକ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର ଏବଂ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇ ଠାରୁ ଗ୍ରୀନ ସିଗନାଲକୁ । ଗ୍ରୀନ୍ ସିଗନାଲ ମିଳିବା ପରେ ଏମାନେ କାମରେ ଲାଗିପଡ଼ିଥାନ୍ତେ । ଏପରିକି ଅଭିଯୁକ୍ତଙ୍କୁ ଅସ୍ତ୍ର ଯୋଗାଇବା ପାଇଁ ପାକିସ୍ତାନ ଭିତ୍ତିକ ଅସ୍ତ୍ର ବିକ୍ରେତା ଡୋଗରଙ୍କ ସହ ଯୋଗାଯୋଗ କରାଯାଇଥିଲା ଏବଂ ଅର୍ଡର ବାବଦ ୫୦% ଆଡ଼ଭାନ୍ସ ପେମେଣ୍ଟ ମଧ୍ୟ କରାଯାଇସାରିଥିଲା । ଏତଦ୍‌ବ୍ୟତୀତ ସଲମାନ୍‌ଙ୍କୁ ଗୁଳିମାଡ଼ କରିବା ପରେ ଅଭିଯୁକ୍ତମାନେ କନ୍ୟାକୁମାରୀରେ ଏକାଠି ହେବା ପାଇଁ ଏବଂ ସେଠାରୁ ସେମାନେ ଡଙ୍ଗାରେ ଶ୍ରୀଲଙ୍କା ପଳାୟନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ମୋଟାମୋଟି ପାନଭେଲ ଫାର୍ମହାଉସରେ ସଲମାନ ଖାନଙ୍କୁ ଗୁଳିକରି ହତ୍ୟା କରାଯିବାର ରଚାଯାଇଥିବା ଷଡଯନ୍ତ୍ର ସେତେବେଳେ ଜଣାପଡିଥିଲା ଯେତେବେଳେ ମୁମ୍ବାଇ ବାନ୍ଦ୍ରାସ୍ଥିତ ସଲମାନ୍‌ଙ୍କ ଘର ବାହାରେ ଗୁଳି ବିନିମୟ ଘଟଣାର ତଦନ୍ତ କରିଥିଲା । ଏହି ସମୟରେ ଲରେନ୍ସ ବିଷ୍ଣୋଇର ଅନ୍ୟତମ ସହଯୋଗୀ ସୁଖା ହରିଆଣାର ପାନିପତ୍‌ରୁ ଗିରଫ ହେବା ପରେ ସବୁକିଛି ଜଣାପଡିଯାଇଥିଲା । ସୁଖା ଏହି ଷଡଯନ୍ତ୍ରରେ ସମ୍ପୃକ୍ତ ସୁଟର ଅଜୟ କାଶ୍ୟପ ଛଦ୍ମନାମ ଏ.କେ ଏବଂ ଅନ୍ୟ ୪ଜଣଙ୍କୁ ଏହି କଣ୍ଟ୍ରାକ୍ଟ ଦେଇଥିଲା । ସୁଖା ଏସବୁ ଲରେନ୍ସ ବିଷ୍ଣୋଇ ନିର୍ଦ୍ଦେଶରେ ହିଁ କରିଥିଲା ବୋଲି ପୁଲିସ୍ ସମ୍ମୁଖରେ ସ୍ୱୀକାର କରିଛି ।

# ମହାଦେବ ବେଟିଂ ଆପ୍ ମାମଲା ତମନ୍ନା ଭାଟିଆଙ୍କୁ ଇଡି ଜେରା

**ମୁମ୍ବାଇ, ୧୭।୧୦/ଏଜେନ୍ସି:** ମହାଦେବ ବେଟିଂ ଆପ୍ ମାମଲାରେ ବଲିଉଡ୍ ତଥା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ଆଗଧାଡିର ଅନ୍ୟତମ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଏବେ ଜେରା କରିବା ଆରମ୍ଭ କରିଛି । ମହାଦେବ ବେଟିଂ ଆପ୍ ସହାୟକ ଆପ୍ ଫେୟାର ପ୍ଲେରେ ଆଇପିଏଲ୍ ମ୍ୟାଚ୍‌କୁ ପ୍ରମୋଟ କରିବା ମାମଲାରେ ତମନ୍ନାଙ୍କୁ ଇଡି ପକ୍ଷରୁ ପଚରାଉଚରା କରାଯାଉଛି । ଏହି ଆପ୍‌ରେ ଆଇପିଏଲ୍ ମ୍ୟାଚ୍ ବେଆଇନ ଭାବେ ଟେଲିକାଷ୍ଟ କରାଯାଇଥିଲା । ଏହି କାରଣରୁ ଭାୟାକମ୍ ୧ କୋଟି ଟଙ୍କା କ୍ଷତି ସହିଥିଲା । ଏହି ମାମଲାରେ ଭାୟାକମ୍ ପକ୍ଷରୁ ଅଭିଯୋଗ କରାଯିବା ପରେ ଇଡି ତଦନ୍ତ କରିଥିଲା । ଏହି ସମୟରେ ଏହି ଆପ୍‌ରେ ତମନ୍ନା ଭାଟିଆଙ୍କର ସମ୍ପୃକ୍ତି ଥିବାରୁ ଗୌହାଟୀର ଇଡି କାର୍ଯ୍ୟାଳୟକୁ ତାଙ୍କୁ ଡକାଇ ଇଡି କ୍ରମାଗତ ପଚରାଉଚରା କରାଯାଉଛି । ତମନ୍ନାଙ୍କ ପାଇଁ ଏହା ଏକ ଅସୁବିଧା ସୃଷ୍ଟି କରିପାରେ ।



# ବନ୍ୟଜନ୍ତୁ ସୁରକ୍ଷାକୁ ସଶକ୍ତ କରିବା ଦିଗରେ ୧୨ଟି ପାଟ୍ରୋଲିଂ ଗାଡ଼ିର ଶୁଭାରମ୍ଭ କଲେ ଏମ୍‌ସିଏଲ୍ ସିଏମ୍‌ଡି

**ଭୁବନେଶ୍ୱର, ୧୭।୧୦/ଏଜେନ୍ସି:** ବନ୍ୟଜନ୍ତୁ ସଂରକ୍ଷଣକୁ ଅଧିକ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପରିପ୍ରେକ୍ଷୀରେ ମହାନାଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ସିଏମ୍‌ଡି (ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ) ଉଦୟ ଅନନ୍ତ କାଓଲେ, ୧୨ଟି ପାଟ୍ରୋଲିଂ ଗାଡ଼ିକୁ ଓଡିଶାର ଅନୁଗୁଳ ଜିଲ୍ଲା ଠାରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ (ଟାଇଗର ରିଜର୍ଭ)କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଏ ଏସ୍ ବାପଟ୍, ଏମ୍‌ସିଏଲ୍ ନିର୍ଦ୍ଦେଶକ (ବୈଷୟିକ/ ପ୍ରକଳ୍ପ ଏବଂ ଯୋଜନା), ସତ୍ୟବ୍ରତ ସାହୁ (ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ), ସୁଶାନ୍ତ ନନ୍ଦ (ଆଇଏଫ୍‌ଏସ୍, ପିସିସିଏଫ୍ (ନୋଡାଲ୍)), ସୁଦର୍ଶନ ଖୋରା (କ୍ଷେତ୍ର ନିର୍ଦ୍ଦେଶକ, ସାତକୋଶିଆ) ଏବଂ ବନ ବିଭାଗର ଅନ୍ୟାନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି, ଭୁବନେଶ୍ୱର ଭରତପୁର ଜଙ୍ଗଲ ସଫାରିରେ ଅନୁଷ୍ଠିତ ପତାକା ଉତ୍ତୋଳନ ସମାରୋହରେ ଉପସ୍ଥିତ ଥିଲେ ।




ଏମ୍‌ସିଏଲ୍ ନିଜ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ତଦାରଖ ଆଦି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଶୁଭାରମ୍ଭ କରିଥିବା ଏହି ଗାଡ଼ିଗୁଡିକ ପାଇଁ ପ୍ରାୟ ୩.୧୭ କୋଟି ଟଙ୍କା ବିନିଯୋଗ କରିଛି । ଏହାଦ୍ୱାରା ବାଘ ଏବଂ ଅନ୍ୟ ବନ୍ୟଜନ୍ତୁମାନଙ୍କ ପାଇଁ ଏକ ଅଧିକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଅଭୟାରଣ୍ୟ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଅଭିଜ୍ଞତାକୁ ମଧ୍ୟ ସମୃଦ୍ଧ କରିବ । ଏମ୍‌ସିଏଲ୍‌ର ଅବଦାନ କେବଳ ଚାଲୁଥିବା ବନ୍ୟଜନ୍ତୁ ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବ ତାହା ନୁହେଁ ବରଂ ଭାରତର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ସହ ପରିବେଶ ସ୍ଥିରତାକୁ ମଧ୍ୟ ସାହାଯ୍ୟ କରିବ ।

## ବିହାରରେ ବିଷାକ୍ତ ମଦମୃତ୍ୟୁ ବିଭୀଷିକା

# ମୃତ୍ୟୁ ସଂଖ୍ୟା ୨୮କୁ ବୃଦ୍ଧି

**ପାଟନା, ୧୭।୧୦/ଏଜେନ୍ସି:** ବିହାରରେ ବିଷାକ୍ତ ମଦମୃତ୍ୟୁଜନିତ ବିଭୀଷିକା ଭୟଙ୍କର ହେବାରେ ଲାଗିଛି । ଗତ ୨ ଦିନ ମଧ୍ୟରେ ଏଠାରେ ମୃତକଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି । ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୨ଟି ପ୍ରାନ୍ତରୁ କେବଳ ୨୦ରୁ ଅଧିକ ପ୍ରାଣ ହରାଇଛନ୍ତି । ବିହାର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ସିୱାନ ଏବଂ ଛପରା ଜିଲ୍ଲାରେ ଏହି ବିଷାକ୍ତ ମଦମୃତ୍ୟୁଜନିତ ପରିସ୍ଥିତି ସୃଷ୍ଟି ହୋଇଛି । ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ଲୋକ ପ୍ରାଣ ହରାଉଛନ୍ତି । ଅନ୍ୟପକ୍ଷେ ହସ୍ପିଟାଲରେ ଭର୍ତ୍ତି ଥିବା ଅନ୍ୟ କେତେକଙ୍କ ମଧ୍ୟରୁ କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି । ପ୍ରକାଶ, ବିହାରରେ ବିଷାକ୍ତ ମଦଜନିତ ମୃତ୍ୟୁଜନିତ ଘଟଣା ନୂଆ ନୁହେଁ । ସ୍ଥିତିକୁ ଦୃଷ୍ଟିରେ ରଖି ୨୦୧୬ରେ ତତ୍କାଳୀନ ସରକାର ରାଜ୍ୟରେ ମଦ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଥିଲେ । କିନ୍ତୁ ଏହା ସଫଳ ହୋଇପାରିନାହିଁ । ରାଜ୍ୟରେ ଚୋରାରେ ବ୍ୟାପକ ମଦ ବିକ୍ରି ଜାରି ରହିଛି । ଅନ୍ୟପକ୍ଷେ ବିଷାକ୍ତ ମଦମୃତ୍ୟୁ ଘଟଣାକୁ କେନ୍ଦ୍ର କରି ବିରୋଧୀ ରାଜ୍ୟ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛନ୍ତି । ରାଜ୍ୟରେ ମଦମୃତ୍ୟୁକୁ ରୋକିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି ।



## ହରିଆଣାରେ ସୈନୀ ୨.୦ ସରକାର

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନାଏବ ସିଂ

### ଯୋଗଦେଲେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



**ଚଣ୍ଡିଗଡ଼, ୧୭।୧୦/ଏଜେନ୍ସି:** ହରିଆଣାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ବିଜେପି ନେତା ନାଏବ ସିଂ ସୈନୀ । ନିଜ ନୂଆ କ୍ୟାବିନେଟ୍‌ରେ ୨ ମହିଳା ମନ୍ତ୍ରୀଙ୍କ ସମେତ ମୋଟ୍ ୧୩ଜଣଙ୍କୁ ସ୍ଥାନ ଦେଇଛନ୍ତି ସୈନୀ । ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ନବନିଯୁକ୍ତ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏଥିସହ କ୍ରମାଗତ ଦ୍ୱିତୀୟ ଥର ପାଇଁ ସୈନୀ, ହରିଆଣାର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିବା ବେଳେ ରାଜ୍ୟରେ ପୁଣିଥରେ ସୈନୀ ସରକାର ଆରମ୍ଭ ହୋଇଛି । ଗୁରୁବାର ପଞ୍ଚକୁଲା ସ୍ଥିତ ସେକ୍ଟର ୫ ପରେଡ୍ ଗ୍ରାଉଣ୍ଡରେ ଶପଥ ସମାରୋହ ଆୟୋଜିତ ହୋଇଥିବା ବେଳେ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ଅନ୍ୟ ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଏନ୍‌ଡିଏ ମେଣ୍ଟର ସଦସ୍ୟ ଦଳ ମୁଖିଆମାନେ ମଧ୍ୟ ଯୋଗ ଦେଇଛନ୍ତି । ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ସୈନୀଙ୍କ ଶପଥ ଉତ୍ସବରେ ଯୋଗ ଦେଇଥିଲେ ।

ସଦ୍ୟ ସମାପ୍ତ ହରିଆଣା ବିଧାନସଭା ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ଭାବେ ସଂଖ୍ୟା ଗରିଷ୍ଠତା ହାସଲ ପୂର୍ବକ ସରକାର ଗଠନ କରିବାକୁ ଜନାଦେଶ ପାଇଥିଲା । ହରିଆଣାରେ ଏଥର ବିଜେପି ବିରୋଧରେ ବ୍ୟାପକ ଜନଆକ୍ରୋଶ ଥିବା ବେଳେ ବିଜେପିକୁ ଏଥର ଏଠାରେ ପରାଜୟ ବରଣ କରିବାକୁ ପଡ଼ିପାରେ ବୋଲି ମଧ୍ୟ ବହୁ ବିଶିଷ୍ଟ ରାଜନୀତିଜ୍ଞମାନେ ପୂର୍ବାନୁମାନ କରିସାରିଥିଲେ । କିନ୍ତୁ ଏସବୁକୁ ଭୁଲ୍ ପ୍ରମାଣିତ କରି ବିଜେପି କ୍ରମାଗତ ତୃତୀୟ ଥର ପାଇଁ ଅର୍ଥାତ୍ ହ୍ୟାଟ୍ରିକ୍ ଥର ପାଇଁ ହରିଆଣାରେ ବହୁମତ ହାସଲ କରିଥିଲା । ଏସବୁର ଶ୍ରେୟ ସୈନୀଙ୍କୁ ଦିଆଯାଉଛି । ଲୋକଙ୍କୁ ଆକ୍ରୋଶକୁ ଦୂର କରି ଦଳକୁ ଲୋକଙ୍କ ନିକଟତର କରାଇବାରେ ସୈନୀ ବ୍ୟକ୍ତିଗତ ଭାବେ ବହୁ ପରିଶ୍ରମ କରିଥିଲେ । କୃଷକ ଆନ୍ଦୋଳନ, କୁସ୍ତିଯୋଦ୍ଧାଙ୍କ ଅନସନ ଏବଂ ସରକାର ବିରୋଧୀ ପବନ ନେଇ ବ୍ୟାକଫୁଟରେ ରହିଥିଲା ଦଳ । ଏଭଳି ସ୍ଥିତିରେ ମନୋହର ଲାଲ ଖଟ୍ଟରଙ୍କୁ ହଟାଇ ନାଏବ ସିଂ ସୈନିଙ୍କ ହାତରେ ହରିୟାଣା ରାଜନୀତିର ଡୋର ଧରାଇଥିଲା ବିଜେପି । ମାତ୍ର ୮ମାସରେ ନିଜ ନେତୃତ୍ୱ ବଳରେ ଦଳୀୟ ସଂଗଠନକୁ ଟ୍ରାକକୁ ଫେରାଇ ଆଣିବାରେ ସେ ସକ୍ଷମ ହୋଇଥିଲେ । ପରିଣାମ ସ୍ୱରୂପ ବିଧାନସଭା ନିର୍ବାଚନରେ ରାଜ୍ୟର ମୋଟ ୯୦ ଆସନରୁ ବିଜେପିକୁ ୪୮ଟି ଆସନ ମିଳି ଥିବାବେଳେ କଂଗ୍ରେସ ମାତ୍ର ୧୧ରେ ସୀମିତ ରହିଥିଲା ।

ବୁଧବାର ଚଣ୍ଡୀଗଡ଼ରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ସୈନୀଙ୍କୁ ସର୍ବସମ୍ମତି କ୍ରମେ ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଥିଲା । ଏହି ବୈଠକରେ ବିଜେପି ପର୍ଯ୍ୟବେକ୍ଷକ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଅନୀଲ ବିଜ୍ ଏବଂ କୃଷ୍ଣ ବେଦୀଙ୍କ ଭଳି ଦଳର ବରିଷ୍ଠ ନେତାମାନେ ସୈନୀଙ୍କ ନାମ ନେଇ ପ୍ରସ୍ତାବ ଆଗତ କରାଯାଇଥିବା ବେଳେ ନବ ନିର୍ବାଚିତ ବିଧାୟକମାନେ ଏହାକୁ ସମର୍ଥନ କରିଥିଲେ । ନବଗଠିତ ମନ୍ତ୍ରିମଣ୍ଡଳରେ ଅନୀଲ ବିଜ୍, ଅରବିନ୍ଦ କୁମାର ଶର୍ମା, ଶ୍ୟାମ ସିଂ ରାଣା, ରଣବୀର ସିଂ ଗଙ୍ଗୱା, କ୍ରିଷନ୍ ବେଦୀ, କ୍ରିଷନ୍ ଲାଲ ପନୱାର, ରାଓ ନାରବିର ସିଂ, ମହିପାଲ୍ ଧାଣ୍ଡା, ବିପୁଲ ଗୋଏଲ, ଶ୍ରୁତି ଚୌଧୁରୀ ଏବଂ ଆରତୀ ସିଂହ ରାଓ ପ୍ରମୁଖ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ରାଜେଶ ନାଗର ଏବଂ ଗୌରବ ଗୌତମ (ସ୍ୱାଧୀନ ଦାୟିତ୍ୱ) ରାଜ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

# ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ପରଲୋକ



**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ପ୍ରଭାତ କୁମାର ସାମନ୍ତରାୟ(୭୮)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପ୍ରଭାତଙ୍କ ଦେହାନ୍ତ ସମ୍ପର୍କରେ ସାନ ପୁଅ ସିଦ୍ଧାର୍ଥ ସାମନ୍ତରାୟ ସୂଚନା ଦେଇଛନ୍ତି। ବ୍ରେନ ଷ୍ଟ୍ରୋକରେ ପରଲୋକ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅନ୍ତର୍ଗତ ଶାସନିପଡ଼ାରେ ୨୨ ଏପ୍ରିଲ ୧୯୫୦ରେ ଜନ୍ମ ଗ୍ରହଣ କରିଥିବା ପ୍ରଭାତ ନିଜ ରାଜନୈତିକ ଜୀବନ ଜନତାଦଳରୁ ଆରମ୍ଭ କରିଥିଲେ। ପରେ ବିଜୁ ଜନତା ଦଳରେ ଯୋଗଦେଇ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବେ ୨ ଥର ନିର୍ବାଚିତ ହୋଇଥିଲେ। ପ୍ରଥମଥର ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ସାଂସଦ ଥିବାବେଳେ ଦ୍ୱିତୀୟ ଥର ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ସାଂସଦ ଥିଲେ।

## ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ତେବେ ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ସାମନ୍ତରାୟ ଜଣେ ଦକ୍ଷ ରାଜନେତା ତଥା ସମାଜସେବୀ ଭାବରେ ସୁନାମ ଅର୍ଜନ କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ଭାବେ ସେ କେନ୍ଦ୍ରାପଡ଼ା ତଥା ରାଜ୍ୟର ସମସ୍ୟାକୁ ସଂସଦରେ ଦକ୍ଷତାର ସହ ଉପସ୍ଥାପନ କରିଥିଲେ। ଜିଲ୍ଲା ତଥା ରାଜ୍ୟର ବିକାଶ ପାଇଁ ଅନେକ ପଦକ୍ଷେପ ନେଇ ସେ ସାଧାରଣ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ସାମନ୍ତରାୟଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହିତ ପରଲୋକ ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, ଦଳର ବରିଷ୍ଠ ନେତା ତଥା କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ଦେହାନ୍ତ ଖବର ଶୁଣି ଦୁଃଖିତ। ଲୋକଙ୍କ ସେବା ତଥା ଦଳର ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ସାମାଜିକ, ଶ୍ରମିକ ସଙ୍ଗଠନ ଓ ରାଜନୀତି କ୍ଷେତ୍ରରେ ପ୍ରଭାତଙ୍କ ଅବଦାନ ଅବିସ୍ମରଣୀୟ ହୋଇରହିବ।

### ପୁଣି ବିସ୍ଫୋରକ ବୟାନ ଦେଲେ ଅମର

# ବିଜେଡି ଛାଡ଼ିପାରନ୍ତି ଆଉ କିଛି ରାଜ୍ୟସଭା ସାଂସଦ

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ବିଜେଡି ଛାଡ଼ିପାରନ୍ତି ଆଉ କିଛି ରାଜ୍ୟସଭା ସାଂସଦ। କାହା ପାଇଁ ଏମାନେ ଚରମ ନିଷ୍ପତ୍ତି ନେଉଛନ୍ତି ତାହା ସମସ୍ତଙ୍କୁ ଜଣା। ବିଜେଡିର ଭବିଷ୍ୟତକୁ ନେଇ କିଛି ଏପରି ବିସ୍ଫୋରକ ବୟାନ ଦେଇଛନ୍ତି ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଅମର ଶତପଥୀ।

## ■ ମୋ ମୂଳ ପ୍ରଶ୍ନର ଉତ୍ତର କେହି ଦେଲେନି
## ■ ସଭାପତି ମୁହଁ ଖୋଲୁନାହାନ୍ତି

ସେ କହିଛନ୍ତି ଯେ, ଦଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପୂର୍ବରୁ ଅସନ୍ତୋଷ ଥିଲା, ହେଲେ ଭୟରେ କେହି ମୁହଁ ଖୋଲୁନଥିଲେ। ମୁଁ କହିବା ପରେ ଅନେକ ଦଳୀୟ ନେତା ମୁହଁ ଖୋଲିଛନ୍ତି। ଆଗକୁ ବି ଖୋଲିବେ। ଦଳର ବହୁ ଗୁମର ଖୋଲିବା ଆରମ୍ଭ ହୋଇଛି। ତେବେ ମୁଁ କରିଥିବା ମୂଳ ପ୍ରଶ୍ନର ଉତ୍ତର ମିଳିଲା ନାହିଁ। ଦଳର ସଭାପତି ବି ଚୁପ୍ ବସିଛନ୍ତି। ଯେଉଁମାନେ ବୟାନବାଜି କରୁଛନ୍ତି, ସେମାନେ ଦଳର କ୍ଷତି ଘଟାଉଛନ୍ତି। ଏହା ହେବା କଥା ନୁହେଁ। ସେଥିପାଇଁ ଦୁଇ ଜଣ ଅସନ୍ତୁଷ୍ଟ ସାଂସଦ ବିଜେଡି ପରିତ୍ୟାଗ କରିଛନ୍ତି। ଆଗାମୀ ଦିନରେ ଆଉ କିଛି ଅସନ୍ତୁଷ୍ଟ ସାଂସଦ ଦଳ ଛାଡ଼ିପାରନ୍ତି ବୋଲି ଶ୍ରୀ ଶତପଥୀ କହିଛନ୍ତି।



ସେହିପରି ବିଜେଡିର ଜଣେ ପରେ ଜଣେ ନେତାଙ୍କ କାଉଣ୍ଟରକୁ ଅପରିପକ୍ୱ ବୋଲି କହିଛନ୍ତି ଅମର। ସେ କହିଛନ୍ତି ଯେ, ଏଭଳି ଅରୁଚିକର ଅପରିପକ୍ୱ ମନ୍ତବ୍ୟ ଯେଉଁମାନେ ଦେଉଛନ୍ତି ସେମାନଙ୍କ ପ୍ରତି ତାଙ୍କର ଦୟା ଆସୁଛି। ଯେଉଁମାନେ ବିଜୁ ଜନତା ଦଳ ଗଠନରେ ନଥିଲେ ସେମାନେ ବର୍ତ୍ତମାନ ଆସି କ୍ୟାମେରା ସାମ୍ନାରେ ବହୁତ କଥା କହୁଛନ୍ତି। ଏଭଳି ବୟାନବାଜି ହିଁ କହୁଛି, ବିଜେଡି ବର୍ତ୍ତମାନ ବାସ୍ତବତାଠୁ କେତେ ଦୂରରେ ରହିଛି । ଏଥିସହ ବୟାନ ବାଜି କରୁଥିବା ନେତାମାନେ ବାସ୍ତବତାକୁ ବୁଝିବାକୁ ଚାହୁଁନାହାନ୍ତି ବୋଲି ଅମର ଶତପଥୀ କହିଛନ୍ତି। ଉଲ୍ଲେଖନୀୟ ଯେ, ଅମର ଶତପଥୀ ପ୍ରଥମେ ଚଳିତ ମାସ ୧୪ରେ କହିଥିଲେ, ସଭ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇନାହିଁ। ସଭ୍ୟପଦ ନବୀକରଣ କରିନାହିଁ। ତେଣୁ ବିଜେଡିରେ ମୁଁ ନାହିଁ, ଏବେ ସ୍ୱାଧୀନ। ସଭ୍ୟପଦ ନେଇନି ମାନେ ମୁଁ ଟେକ୍ନିକାଲି ବିଜେଡିରେ ନାହିଁ। ଅନ୍ୟପକ୍ଷରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଅମରଙ୍କୁ ଟାର୍ଗେଟ୍ କରି କହିଥିଲେ ଯେ ବିଜେଡି ତାଙ୍କୁ ପରିଚୟ ଦେଇଛି, ସ୍ଥିତି ଦେଇଛି। ସେ ଏବେ ଦଳ ବିରୋଧରେ କହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେ ଯଦି ଦଳରେ ଶ୍ୱାସରୁଦ୍ଧ ହୋଇଯାଉଛନ୍ତି, ତେବେ ଦଳ ଛାଡ଼ି ଚାଲିଯାଆନ୍ତୁ। ସେ ନିଜ ପୁତୁରାଙ୍କୁ ପୂର୍ବରୁ ବିଜେପିକୁ ପଠାଇଦେଇଛନ୍ତି। ଏବେ ନିଜେ ଲାଇନ୍‌ରେ ଅଛନ୍ତି। ଅମର ଦଳ ଛାଡିଲେ ବିଜେଡିରେ କିଛି ପ୍ରଭାବ ପଡ଼ିବନି ବୋଲି ଲେନିନ କହିଥିଲେ। ସେହିପରି ଦେବାଶିଷ ସାମନ୍ତରାୟ ମଧ୍ୟ ଗତକାଲି ଅମର ଶତପଥୀଙ୍କୁ କାଉଣ୍ଟର କରିଥିଲେ।

### ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅଙ୍କ ମାଡ଼ ପ୍ରସଙ୍ଗ

# ଦିଲ୍ଲୀରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଧାରଣା




**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ଓଡ଼ିଆ ଏଏସ୍‌ଓ ଅଫିସରଙ୍କୁ ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କର ସହଯୋଗୀ ମାଡ଼ମାରିବା ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଦିଲ୍ଲୀ ସ୍ଥିତ ଜନ୍ତରମନ୍ତର ଠାରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶାର ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ଏବଂ ତାଙ୍କ ପୁଅ ଓ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ ଦାବିରେ ରାଜ୍ୟ ଯୁବ କଂଗ୍ରେସ ନେତା ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଛି।

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଅଭିଯୋଗ ଅନୁଯାୟୀ ଏହି ଘଟଣାକୁ ଆଜକୁ ପାଖାପାଖି ତିନିମାସ ବିତିଯାଇଥିଲେ ମଧ୍ୟ ଓଡ଼ିଆ ଅସ୍ମିତା ନାରା ଦେଇ ସରକାରକୁ ଆସିଥିବା ବିଜେପି ଚୁପ୍ ବସିଛି। ବିଗତ ଦିନରେ ଏହି ଘଟଣାକୁ ନେଇ ଯୁବ କଂଗ୍ରେସ ଏବଂ ଛାତ୍ର କଂଗ୍ରେସ ପକ୍ଷରୁ ଓଡ଼ିଶା ରାଜଭବନ ସମ୍ମୁଖରେ ଧାରଣା ଦିଆଯିବା ସହ ରାଜଭବନ ମଧ୍ୟ ଘେରାଉ କରାଯାଇଥିଲା। ତଥାପି ଏହି ଘଟଣାରେ ରାଜ୍ୟର ବିଜେପି ସରକାର ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କର ସହଯୋଗୀମାନଙ୍କ ଉପରେ କ'ଣ ପାଇଁ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଜନ୍ତରମନ୍ତର ଠାରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରୀ ପାତ୍ର ତାଙ୍କ ବିବୃତିରେ କହିଛନ୍ତି ଯେ ଯଦି ରାଜ୍ୟପାଳଙ୍କୁ ତୁରନ୍ତ ଓଡ଼ିଶାରୁ ପ୍ରତ୍ୟାହାର ନକରାଯାଏ ଏବଂ ତାଙ୍କ ପୁଅ ଓ ସହଯୋଗୀମାନଙ୍କୁ ଗିରଫ ନକରାଯାଏ ତାହାଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ବ୍ୟାପକଭାବେ କରାଯିବ। ଏହି ଧାରଣାରେ ଭୁବନେଶ୍ୱର ଲୋକସଭା ସାଂସଦପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ନିହାର ରଞ୍ଜନ ବେହେରା, ଅଜିତ ସିଂ, ଆଲୋକ ଦାସ, ମହମ୍ମଦ ଗୁଲଫାମ, ମୋହନ ନାୟକ, ରଞ୍ଜନ ଦାଶ, ସତ୍ୟବ୍ରତ ଦାସ, ସନ୍ଦୀପ ସାମନ୍ତରାୟ, ସୁକାନ୍ତ ପଟ୍ଟନାୟକ, ମଣ୍ଟି ଖରା, ଭି.ଉମାକାନ୍ତ ସାହୁ, ବିରଞ୍ଚି ନାରାୟଣ ପତି ଓ କେ.ରମେଶ ପ୍ରମୁଖ ଉପସ୍ଥିତ ଥିଲେ।

### ଓଇଏସ୍ ପରିବେଶ ପୁରସ୍କାର ଘୋଷିତ

# ବିନାୟକ ରଥଙ୍କୁ 'ଆଜୀବନ କୃତି ପୁରସ୍କାର'



ବିନାୟକ ରଥ

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ପରିବେଶ ପୁରସ୍କାର ଘୋଷିତ ହୋଇଛି। ଆସନ୍ତା ୨୫ ତାରିଖରେ ଓଇଏସ୍‌ର ୪୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। ଓଇଏସ୍‌ର କାର୍ଯ୍ୟନିର୍ବାହୀ କମିଟିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ପରିବେଶ କ୍ଷେତ୍ରକୁ ସାମଗ୍ରିକ ଅବଦାନ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥଙ୍କୁ 'ଆଜୀବନ କୃତି ପୁରସ୍କାର' ଏବଂ 'ନିତିଦିନ'ର ସହଯୋଗୀ ସମ୍ପାଦକ ହରେକୃଷ୍ଣ ଚୌଧୁରୀଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର' ପ୍ରଦାନ କରାଯିବ।

ସେହିପରି ଭାରତ ସରକାରଙ୍କର ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟଙ୍କୁ 'ପରିବେଶ ଉତ୍କର୍ଷତା ପୁରସ୍କାର', ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ଅଜୟ କୁମାର ପାତ୍ରଙ୍କୁ 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର' ଏବଂ ଡେରାଡୁନ୍‌ସ୍ଥ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ପ୍ରଫେସର ବିଭାଶ ପାଣ୍ଡବଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯିବ।

ଏଥିସହ ପ୍ରଫେସର ଶରତ କୁମାର ପଲିତା, ଡ. ଭି.ପି. ଉପାଧ୍ୟାୟ, ଡ. ନବିନ କୁମାର ଧଳ ଏବଂ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ାଙ୍କୁ 'ଓଇଏସ୍ ଫେଲୋ' ଉପାଧି ପ୍ରଦାନ କରାଯିବ। ଆଇଆଇଟି ବମ୍ବେର ପୂର୍ବତନ ପ୍ରଫେସର କୃଷ୍ଣଚନ୍ଦ୍ର ଚନ୍ଦ୍ର ସାହୁ, ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ପ୍ର. ପୁଷ୍ପାଞ୍ଜଳି ପରିଡ଼ା, ପର୍ଶୁରାମ ପଣ୍ଡା ଏବଂ ତାପସ ରଞ୍ଜନ ମଲ୍ଲିକ 'ଓଇଏସ୍ ପୃଷ୍ଠପୋଷକ' ଭାବେ ମାନ୍ୟତା ପାଇବେ। ଏହି ଅବସରରେ ପାଞ୍ଚଜଣ ବରିଷ୍ଠ ଆଜୀବନ ସଦସ୍ୟ ଏକାଦାଶି ନନ୍ଦୀ, ବିଶ୍ୱନାଥ ପୁହାଣ, ପ୍ରକାଶ ଚନ୍ଦ୍ର ମିଶ୍ର, ସ୍ୱପ୍ନା ବେହେରା ଏବଂ ରାମ ନାରାୟଣ ଗୁପ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଓ ପିସିସିଏଫ୍ ଏବଂ ଜଙ୍ଗଲ ବଳର ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟବକ୍ତାଭାବେ ଯୋଗଦେବେ ବୋଲି ଓଇଏସ୍‌ର ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି।

### ୨୧ ଓ ୨୮ରେ ହେବ

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ଅକ୍ଟୋବର ୨୧ ଏବଂ ୨୮ରେ ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି। ୧୮ତାରିଖ ପୂର୍ବାହ୍ନ ୧୧ରୁ ଆଗୁଆ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହେବ। ୟୁନିଟ-୫ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଞ୍ଜୀକୃତ ହୋଇଥିବା ଲୋକଙ୍କ ଅଭିଯୋଗ ଶୁଣିବେ। ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ୧ ହଜାର ଲୋକ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ହୋଇଥିବା ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଜଣାଇ ପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ୍ ଆପ୍ଲିକେଶନ ଜରିଆରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ କାଗଜପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ। ଏହି ସମ୍ପର୍କରେ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଶିମିଳିପାଳ କୋର୍ ଏରିଆରେ ସୁନୀଲ୍ ବଂଶଲ

# ଆଦିବାସୀ ମହିଳାଙ୍କ ସମସ୍ୟା ପଚାରି ବୁଝିଲେ

**ବାରିପଦା,୧୭।୧୦/ଏନ୍ଏନ୍ଏସ୍:** ବିଜେପି ସଦସ୍ୟତା ଅଭିଯାନ ପରିପ୍ରେକ୍ଷୀରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ୍ ବଂଶଲ ଶିମିଳିପାଳ କୋର୍ ଏରିଆରେ ପହଞ୍ଚିଛନ୍ତି। ତଳେ ବସି ଆଦିବାସୀ ସମ୍ପ୍ରଦାୟର ମହିଳାଙ୍କ ସହିତ କଥା ହେଲେ। ସେମାନଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ପଚାରି ବୁଝିଲେ।



ଶିମିଳିପାଳ ଅଭୟାରଣ୍ୟର କୋର୍ ଏରିଆରେ ରହିଛି ଅନେକ ଗାଁ। ଏହି ସବୁ ଗାଁରେ ମାଙ୍କିଡ଼ିଆ, ଖଡ଼ିଆ ଆଦି ସମ୍ପ୍ରଦାୟର

## ସଦସ୍ୟତା ଅଭିଯାନରେ ହେଲେ ସାମିଲ୍

ଆଦିବାସୀମାନେ କାହିଁ କେଉଁ କାଳରୁ ବସବାସ କରିଛନ୍ତି। ଆଜି ସେହି ସବୁ ଗାଁରେ ପହଞ୍ଚିଛନ୍ତି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ୍ ବଂଶଲ। ଗୁଡୁଗୁଡିଆ ଗାଁର ଖଡିଆ ସାହିରେ ହୋଇଥିବା ସଦସ୍ୟତା ଅଭିଯାନରେ ସାମିଲ୍ ହୋଇଥିଲେ ବଂଶଲ। ଖାଲି ସାମିଲ୍ ହୋଇନଥିଲେ, ଆଦିବାସୀ ସମ୍ପ୍ରଦାୟର ମହିଳାଙ୍କ ସହିତ ତଳେ ବସି କଥା ହୋଇଥିଲେ। ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସୁନୀଲ୍ ବଂଶଲ ସହିତ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, କେନ୍ଦୁଝର ସାଂସଦ ଅନନ୍ତ ଅନନ୍ତ ନାଏକଙ୍କ ସହ ଅନେକ ବିଜେପିର ବରିଷ୍ଠ ନେତା ଏହି ସଦସ୍ୟତା ଅଭିଯାନରେ ସାମିଲ୍ ହୋଇଥିଲେ।

# କୁମାର ପୂର୍ଣ୍ଣମୀରେ ଦେଖାଗଲା 'ସୁପରମୁନ'

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ଗୁରୁବାର ଆକାଶରେ ଦେଖାଯାଇଛି 'ସୁପରମୁନ'। ୨୦୨୪ ମସିହାରେ '୪-ସୁପରମୁନ ସିରିଜ' ର ପ୍ରଥମ 'ସୁପରମୁନ' ଅଗଷ୍ଟ ୧୯ ତାରିଖରେ ଦେଖାଯାଇଥିଲା। ୨୦୨୪ ମସିହାର ଶେଷ 'ସୁପରମୁନ' ଆସନ୍ତା ନଭେମ୍ବର ମାସ ୧୫ ତାରିଖରେ ଦେଖାଯିବ। ଆଜିର 'ସୁପରମୁନ'



୨୦୨୪ ମସିହାର ସବୁଠାରୁ ବଡ 'ସୁପରମୁନ' ଅଟେ। ଭାରତୀୟ ସମୟ ସନ୍ଧ୍ୟା ୫.୫୬ ରେ ଏହା ସବୁଠାରୁ ବଡ଼ ଦେଖାଯାଇଥିଲା। ଏହା ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଓଡିଶା ତଥା ଭାରତର ସବୁ ଅଞ୍ଚଳରେ ଦେଖାଯାଇଥିଲା। 'ସୁପରମୁନ' ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେ ନାହିଁ ବୋଲି ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

'ସୁପରମୁନ' ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ 'ସୁପରମୁନ' ଶବ୍ଦଟି ଖୁବ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୮ ଦିନରେ ଥରେ ଏକ ଅଣ୍ଡା କୃତି ପଥରେ ବୁଲିଥାଏ ଓ ପ୍ରାୟ ୨୯ ଦିନରେ ଥରେ ଗୋଟିଏ ପୂର୍ଣ୍ଣମୀ ପଡ଼ିଥାଏ। ଅଣ୍ଡାକୃତି ପଥରେ ବୁଲୁଥିବାରୁ ସବୁଠାରୁ ନିକଟରେ ଥିଲାବେଳେ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହୁଥିଲାବେଳେ ସବୁଠାରୁ ଦୂରରେ ୪.୦୬ ଲକ୍ଷ କିଲୋମିଟର ଦୂରରେ ଥାଏ। ଯଦି ଚନ୍ଦ୍ର ଅମଠାରୁ ୩.୬୦ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ 'ସୁପରମୁନ' କୁହାଯାଏ। କାରଣ ସେ ସମୟରେ ତାହା ଆମକୁ ବଡ ଓ ଉଜ୍ଜଳ ଦେଖାଯାଏ। ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ଘଟଣା ଘଟିଥାଏ।

### ଓଏସ୍ଏସ୍ଏସ୍‌ସି ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗ

# ତର୍ଜମା କରୁଛନ୍ତି ସରକାର, ନିଷ୍ପତ୍ତି ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସଏସସି)ଙ୍କ ଦ୍ୱାରା କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା-୨୦୨୪ରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି। ସମସ୍ତ ଅନିୟମିତତା ଅଭିଯୋଗକୁ ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ତର୍ଜମା କରାଯାଉଛି। ଖୁବ୍‌ଶୀଘ୍ର ସରକାର ଏନେଇ ଉଚିତ୍ ନିଷ୍ପତ୍ତି ନେବେ ବୋଲି ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ ପରୀକ୍ଷାର ପବିତ୍ରତା ସହ ସାଲିସ୍ ହୋଇଥିବା କିଛି ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ମିଳିଛି। ଯାହା ଏହି ପଦବୀ ପାଇଁ ନିରପେକ୍ଷ ଓ ମେଧାଭିତ୍ତିକ ଚୟନକୁ ପ୍ରଭାବିତ କରୁଛି। ରାଜ୍ୟ ସରକାର ଏହି ବିଷୟକୁ ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି ଓ ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଏକ ନିରପେକ୍ଷ ଓ ସ୍ୱଚ୍ଛ ନିଯୁକ୍ତି ପରୀକ୍ଷା କରିବା ପାଇଁ ପ୍ରତିବଦ୍ଧ। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗଙ୍କ ଦ୍ୱାରା ପରିଚାଳିତ ଉକ୍ତ ପରୀକ୍ଷାଗୁଡ଼ିକର ପରିଚାଳନାର ସମସ୍ତ ଦିଗ ତଥା ପ୍ରାସଙ୍ଗିକ ପରିସଂଖ୍ୟାନକୁ ତର୍ଜମା କରାଯାଉଛି ଓ ସରକାରଙ୍କ ଦ୍ୱାରା ଅତିଶୀଘ୍ର ସମୁଚିତ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଆୟୋଗଙ୍କ ଦ୍ୱାରା କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା-୨୦୨୪ରେ ବିଭିନ୍ନ ପଦବୀ ଯଥା ଏଲ୍ଆଇ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ଆରଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏସ୍ଏଫ୍ଏସ୍ ଆଦି ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ଅନିୟମିତତାର ଅଭିଯୋଗ କରି ପରୀକ୍ଷାର୍ଥୀମାନେ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



## ଘୁମୁସରର ସ୍ୱର ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର




**ବୁଗୁଡା,୧୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାଲିପଦର ବିଶ୍ୱକର୍ମା ଭବନଠାରେ 'ଘୁମୁସରର ସ୍ୱର' ପକ୍ଷରୁ ୧୪୨ ତମ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରରେ ଘୁମୁସରର ସ୍ୱର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟ କରିଥିଲେ । ବାଲିପଦରର ଗୌରବମୟ ଇତିହାସ ଅତି ପ୍ରାଚୀନ, ଘୁମୁସର ରାଜବଂଶ ଅଧିନରେ ଥିବା ଉକ୍ତ ଐତିହାସିକ ଗ୍ରାମ ବାଲିପଦରରେ ୧୭୫୩ ମସିହାରେ ଉପନିବେଶବାଦ ବିରୁଦ୍ଧରେ ଫରାସୀମାନଙ୍କ ସହ ସଂଘଟିତ ହୋଇଥିବା ଯୁଦ୍ଧ ଓଡିଶା ଇତିହାସରେ ପ୍ରଥମ ବୋଲି ଅତିଥିମାନେ କହିଥିଲେ । ବହୁ ଗବେଷକ ଏହାର ତର୍ଜମା କରି ଘୁମୁସର ରାଜ୍ୟର ଭଞ୍ଜ ରାଜ ବଂଶର ଅବଲୁପ୍ତ ଘଟଣାବଳୀକୁ ଲୋକ ଲୋଚନକୁ ଆଣିଛନ୍ତି । ସେହିପରି ବାଲିପଦରସ୍ଥିତ ଯୋଗୀ ଗୁମ୍ଫା ଓ ତାର ସନ୍ନିକଟ ରକ୍ତଟୀରାର ଇତିହାସକୁ ବର୍ତ୍ତମାନ ରୋମନ୍ଥନ କରିବା ଆବଶ୍ୟକ ରହିଛି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ । ଅତିଥି ଭାବେ ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇ. ନିଲାଞ୍ଚଳ ପାତ୍ର, ମହାରଣା କୁଳ ସମ୍ପାଦକ ରାଜେନ୍ଦ୍ର ମହାରଣା, ସମାଜସେବୀ କୈଳାଶ ଚନ୍ଦ୍ର ପ୍ରଧାନ,କବି ବସନ୍ତ ବିଷୋୟୀ, କେ. ରାଘବ ପାତ୍ର, ସୁଶାନ୍ତ କୁମାର ବିଷୋୟୀ, ରଘୁନାଥ ମହାରଣା, ଦେବରାଜ ମହାରଣା, ଦିନବନ୍ଧୁ ମହାରଣା ପ୍ରମୁଖ ଯୋଗଦେଇ ଭଞ୍ଜ ରାଜବଂଶ ଓ ବାଲିପଦରର ଶିଳ୍ପୀ ଯୋଗୀ ମହାରଣାଙ୍କ ସମ୍ପର୍କରେ ମଧ ବକ୍ତବ୍ୟ ରଖିଥିଲେ । ଶେଷରେ ସୁଶାନ୍ତ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆସିକା ଉପଖଣ୍ଡ ଚିକିତ୍ସାଳୟ ଘୋଷଣାକୁ ପୂରିଲା ୭ ବର୍ଷ

# ମଞ୍ଜୁରୀପ୍ରାପ୍ତ ୩୫ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୧୧ ଜଣ



**ଆସିକା,୧୭।୧୦/ଏନ୍‌ଏନ୍‌ଏସ୍:** ଆସିକା ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ମିଳିବାର ୭ ବର୍ଷ ବିତିଲାଣି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୨୦୧୭ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଆସିକା ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପ୍ରଦାନ ଘୋଷଣା ହୋଇଥିଲା । କିନ୍ତୁ ମେଡିକାଲରେ ଡାକ୍ତର ଅଭାବ ସମସ୍ୟା ଦୂର ହେଉନଥିବା ବେଳେ କେବଳ ନାମଫଳକରେ ସୀମିତ ରହିଯାଇଛି ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୭ ମସିହାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ କେନ୍ଦ୍ରପଡା ଜିଲ୍ଲାର ପଟାମୁଣ୍ଡାଇ, ନବରଙ୍ଗପୁର ଜିଲ୍ଲାର ଉମରକୋଟ, ମାଲ୍‌କାନଗିରି ଜିଲ୍ଲାର ମାଥିଲି ଓ କୁଦୁମୁଲୁଗୁମ୍ମା ଏବଂ ନୂଆଁପଡା ଜିଲ୍ଲାର ଖରିଆର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପ୍ରଦାନ ଘୋଷଣା ହୋଇଥିଲା । ଘୋଷଣା ପରେ ଆସିକା ଅଞ୍ଚଳବାସୀଙ୍କ ମହଲରେ ଆନନ୍ଦର ଲହରୀ ଖେଳିଥିଲା । ସେହି ସମୟରେ ଆସିକା ଅଞ୍ଚଳବାସୀଙ୍କୁ ରାଜ୍ୟ ସରକାରଙ୍କ ଦୀପାବଳୀ ଭେଟି ବୋଲି ଆଲୋଚନା ହୋଇଥିଲା । କିନ୍ତୁ ଘୋଷଣାକୁ ଇତି ମଧ୍ୟରେ ୭ ବର୍ଷ ପୂରିଛି । ୫-ଟି ରୂପାନ୍ତରୀକରଣ ଯୋଜନାରେ ଆସିକା ଡାକ୍ତରଖାନାର ଭିତ୍ତିଭୂମୀ ବିକାଶ ସହ ଶଯ୍ୟା ସଂଖ୍ୟା ବୃଦ୍ଧି ହୋଇଥିଲେ ମଧ ଆବଶ୍ୟକ ସଂଖ୍ୟ ଡାକ୍ତର ନଥିବାରୁ ରୋଗୀ ସେବା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ଏହି ଚିକିତ୍ସାଳୟ ଉପରେ ଆସିକା ବ୍ଲକ ଓ ଏନ୍‌ଏସି ସମେତ ଧରାକୋଟ, ଶେରଗଡ, କବିସୂର୍ଯ୍ୟନଗର, ବୁଗୁଡା ତଥା ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରୁଛନ୍ତି । ମାସିକ ପ୍ରାୟ ୩ଶହରୁ ୪ଶହ ଗର୍ଭବତୀ ପ୍ରସୂତି ଲାଗି ଏଠାରେ ଭର୍ତ୍ତି ହୋଇଥାନ୍ତି । ସେହିଭଳି ବିଭିନ୍ନ ଥାନା ଇଲାକାର ମୃତଦେହକୁ ମଧ ଏଠାରେ ବ୍ୟବଚ୍ଛେଦ କରାଯାଇଥାଏ । ଅଲଟ୍ରା ସାଉଣ୍ଡ ସେବା ଓ ରକ୍ତ ସଂରକ୍ଷଣ ୟୁନିଟ୍ କାର୍ଯ୍ୟକାରୀ ସମେତ ବହୁ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଉଥିଲେ ମଧ ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ମଞ୍ଜୁରୀପ୍ରାପ୍ତ ୩୫ ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ମାତ୍ର ୧୧ ଜଣ ଡାକ୍ତର । ସେହିଭଳି ୨୩ ଜଣ ନର୍ସିଂ ଅଫିସରଙ୍କ ଜାଗାରେ ୧୧ ଜଣ କାର୍ଯ୍ୟରତ ଅଛନ୍ତି । ଦୀର୍ଘ ଦିନ ହେଲା ନିଶ୍ଚେତକ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ଆସିଷ୍ଟାଣ୍ଟ ସର୍ଜନଙ୍କ ସମେତ ବହୁ ଡାକ୍ତର ପଦବୀ ଖାଲି ପଡିଥିବା ଯୋଗୁଁ ରୋଗୀ ସେବା ବ୍ୟାହତ ହେଉଥିବା ଅଭିଯୋଗ ହେଉଛି । ମେଡିକାଲରେ ଖାଲି ପଡିଥିବା ଡାକ୍ତର ଓ ନର୍ସିଂ ଅଫିସର ପଦବୀ ପୂରଣ ଦିଗରେ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

# କଲରା ପତରିଆ ବାଘ ଆକ୍ରମଣରେ ୮ ଛେଳି ମୃତ

### ସାର୍ତ୍ତୁଲ ଗ୍ରାମରେ ପହଞ୍ଚିଲେ ବନ ବିଭାଗ ଟିମ୍





**କନ୍ଧମାଳ,ବାଲିଗୁଡ଼ା, ୧୭।୧୦/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଓ ରାୟଗଡା ଜିଲ୍ଲା ସୀମାନ୍ତବର୍ତ୍ତୀ ଅନ୍ତର୍ଗତ ସାର୍ତ୍ତୁଲ ପଞ୍ଚାୟତ ଜଙ୍ଗଲରେ ୪ ଦିନ ହେଲା ବାଘ ଆତଙ୍କ ଯୋଗୁଁ ଲୋକେ ଭୟରେ ଘରୁ ବାହାରୁନାହାନ୍ତି । ସୂଚନା ଯୋଗ୍ୟ ଯେ ଗତ ଶନିବାର ଅପରାହ୍ନ ୫ଟାରେ ଗ୍ରାମବାସୀ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ ହେଲେ ହଠାତ ବାଘ ରଡି ଶୁଣିବାକୁ ପାଇଲେ । କିଛି ସମୟ ପରେ ପାହାଡ଼ ଆରପଟେ ୪ /୫ ଗୋଟି ଛେଳି ମରି ପଡିଥିବା ଦେଖିବାକୁ ମିଳିଥିଲା । ଛେଳି ଗୁଡ଼ିକ ଖଣ୍ଡିଆ ହୋଇ ପଡ଼ିଥିଲେ । ଏହା ଦେଖି ଗ୍ରାମବାସୀ ବାଘ ଖାଇଥିବା ସନ୍ଦେହ କରିଥିଲେ । ବାଘର ପାଦ ଚିହ୍ନ ମଧ ଗ୍ରାମବାସୀ ଦେଖିଛନ୍ତି । ଗ୍ରାମର ଉପେନ୍ଦ୍ର ପାଟମାଝିଙ୍କ ୬ ଗୋଟି ଛେଳି, ମହନ୍ତ ବଡ଼ମାଝିଙ୍କ ଗୋଟିଏ ଛେଳି, ଆର୍କିଷନ ପାଟମାଝିଙ୍କର ଗୋଟିଏ ଛେଳି ଓ ଜିନାନ୍ତ ପାଟମାଝିଙ୍କ ଦୁଇଟି ଛେଳି ବାଘ ମାରି ଖାଇଥିବା ନେଇ ବୁଧବାର କୋଟଗଡ଼ ବନ ବିଭାଗ ରେଞ୍ଜର ବାଲଗୋପାଳ ବେହେରାଙ୍କୁ ଲିଖିତ ଭାବେ ଜଣାଇବା ସହ କ୍ଷତି ପୂରଣ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ।

ଆଜି ଗୁରୁବାର ସକାଳୁ ରେଞ୍ଜର ବାଳ ଗୋପାଳଙ୍କ ନେତୃତ୍ୱରେ ଫରେଷ୍ଟର ଯୋଗେସ୍ୱର ଧାରୁଆ, ଗାର୍ଡ ରାହୁଲ ଡିଗାଲ ଏବଂ ବନ ବିଭାଗ ଟିମ ସାର୍ତ୍ତୁଲ ଜଙ୍ଗଲରେ ପହଁଚି ୮ ଟି ମୃତ ଛେଳିକୁ ଜବତ କରିଥିଲେ । ବାଘର ପାଦଚିହ୍ନକୁ ଅନୁଧାନ କରି ଏହା କଲରା ପତରିଆ ବାଘ ହୋଇଥିବା ଗ୍ରାମବାସୀଙ୍କୁ ସ୍ପଷ୍ଟ ସୂଚନା ଦେଇ ଥିଲେ । ଘରେ ତାଟି କବାଟ ପକାଇ ଶୋଇବା ସହ କିଛି ଦିନ ଜଙ୍ଗଲକୁ ନ ଯିବାକୁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ପ୍ରଶାସନଙ୍କ ନିର୍ଦ୍ଦେଶ ଅନୁଯାଇ ମୃତ ଛେଳିର କ୍ଷତି ପୂରଣ ବାବଦକୁ ସରକାରୀ ଅର୍ଥ ସହାୟତା ଦିଆଯିବ ବୋଲ ଗ୍ରାମବାସୀଙ୍କୁ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ।

# ମା' ଖମ୍ବେଶ୍ୱରୀଙ୍କ ପୀଠରେ ଗଜଲକ୍ଷ୍ମୀ ପୂଜା



**ଆସିକା,୧୭।୧୦/ଏନ୍‌ଏନ୍‌ଏସ୍:** ଶାରଦୀୟ ଦୁର୍ଗାପୂଜା ଅବସରରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଛି । ଗୁରବାର କୁମାରପୂର୍ଣ୍ଣିମା ତିଥିରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ମଧ ବିଧିବିଧାନ ଅନୁଯାୟୀ ପାଳିତ ହୋଇଥିଲା । ଜଗତ୍‌ଜନନୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଗଜଲକ୍ଷ୍ମୀ ପୂଜା ଅବସରରେ ମା'ଙ୍କୁ ଦର୍ଶନ ଲାଗି ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ଲାଗି ରହିଛି । ସନ୍ଧ୍ୟା ଆଳତୀ ଦେଖିବାକୁ ମହିଳାମାନେ ଉତ୍ସାହର ସହ ଆସୁଛନ୍ତି । ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଆସିକା ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କୁ ବିଭିନ୍ନ କିସମର ଆକର୍ଷଣୀୟ ଫୁଲରେ ମଣ୍ଡିତ କରାଯାଇଥିଲା । ପୂଜାର୍ଚ୍ଚନା ଓ ହୋମଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ସମାଜସେବୀ ସତ୍ୟ ନାରୟଣ ସ୍ୱାଇଁ ଓ ତାଙ୍କ ପତ୍ନୀ ନଗରପାଳିକା ବିନେତା ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ । ପୁରୋହିତ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ ଓ ସହଯୋଗୀ ପୁରୋହିତ ହରପ୍ରସାଦ ତ୍ରିପାଠୀଙ୍କ ମନ୍ତ୍ର ଉଚ୍ଚାରଣରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା । ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ପରିଚାଳନା କମିଟି ସଂପାଦକ ସଚ୍ଚିଦାନନ୍ଦ ଖଟେଇ, ମନ୍ଦିର ପୂଜକ ସନ୍ୟାସୀ ମୁନି, ଗଣପତି ମୁନି, ନରସିଂହ ମୁନି, ସତ୍ୟନାରାୟଣ ମୁନି, ସିମାଂଚଳ ମୁନି, ମାଧବ ମୁନି, ଭିକାରୀ ମୁନି, ସଂଜୟ ମୁନି, ପ୍ରମୋଦ ମୁନି, ଶ୍ରୀକାନ୍ତ ମୁନି, ନୀଳମାଧବ ମୁନି, ସନ୍ତୋଷ ମୁନି, ଅରବିନ୍ଦ ମୁନି, ସିଲୁ ମୁନି, ଅଜିତ ମୁନି, ପ୍ରସନ୍ନ ମୁନି, ବାବୁଲା ମୁନି, ଭିକା ମୁନିଙ୍କ ସମେତ ସମସ୍ତ ସେବାୟତ ସକ୍ରିୟ ସହଯୋଗ କରିଥିଲେ ।

### ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଘର ଟିକସ ବୃଦ୍ଧି ପ୍ରସଙ୍ଗ

# ସ୍ୱତନ୍ତ୍ର କାଉନ୍‌ସିଲ୍ ବୈଠକ ଦାବିକଲେ ଆଇନଜୀବୀ

**ବ୍ରହ୍ମପୁର,୧୭।୧୦/ଏନ୍‌ଏନ୍‌ଏସ୍:** ନିର୍ବାଚିତ କାଉନସିଲ୍ ନଥିବା ସମୟରେ ବ୍ରହ୍ମପୁର ମ୍ୟୁନିସିପାଲିଟିର ତତ୍କାଳୀନ କମିଶନର ମନ ଇଛା ଘରଟିକସ ବୃଦ୍ଧି କରି ଲୋକଙ୍କ ଠାରୁ ଜୋର୍ ଜବରଦସ୍ତି ଟିକସ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବର୍ଦ୍ଧିତ ଘର ଟିକସ ପ୍ରତ୍ୟାହାର ଦାବିନେଇ ବାରମ୍ବାର ଆନ୍ଦୋଳନ କରାଯାଇଥିଲେ ମଧ ତତ୍କାଳୀନ ସରକାର ବା ମହାନଗର ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କଲେ ନାହିଁ । ଏହା ବିରୁଦ୍ଧରେ ବ୍ରହ୍ମପୁର ସହରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । କୌଣସି ବିଧିବଦ୍ଧ ବିଜ୍ଞପ୍ତି ନଥାଇ, ଜନ ଶୁଣାଣି ନ କରି ଓ କାଉନସିଲ୍‌ର ବିନା ନିଷ୍ପତ୍ତିରେ ସରକାରୀ ସ୍ତରରେ ତତ୍କାଳୀନ ମ୍ୟୁନିସିପାଲିଟି କମିଶନର ଯେଉଁ ବେଆଇନ୍ ଭାବେ ଘର ଟିକସ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ ତା' ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ହୋଇଥିବା ମାମଲାର ଶୁଣାଣି ହୋଇଛି । ବ୍ରହ୍ମପୁର ମହାନଗର ନିଗମ ତିନି ମାସ ମଧ୍ୟରେ ଏହା ଉପରେ ବିଦ୍ଧିବଦ୍ଧ ନିଷ୍ପତ୍ତି ନେବାକୁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଏହି ସଂକ୍ରାନ୍ତରେ ଆଇନଜୀବୀ ପୀତବାସ ପଣ୍ଡା ଏକ ଦରଖାସ୍ତ ମହାନଗର ନିଗମ କମିଶନର ଓ ମେୟରଙ୍କୁ ପ୍ରଦାନ କରିଛନ୍ତି । ଘର ଟିକସ ବୃଦ୍ଧିକୁ ପ୍ରତ୍ୟାହାର କରିବା ପାଇଁ ତୁରନ୍ତ କାଉନସିଲ୍‌ର ଏକ ସ୍ୱତନ୍ତ୍ର ବୈଠକ ଡାକିବାକୁ ଆଇନଜୀବୀ ଶ୍ରୀ ପଣ୍ଡା ଦାବି କରିଛନ୍ତି । ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ଶ୍ରୀ ସିଦ୍ଧାର୍ଥ ଦାସ ଆବେଦନକାରୀଙ୍କ ପକ୍ଷରୁ ମକଦ୍ଦମା ଲଢୁଥିଲେ । ସୂଚନାଥାଉକି ପୂର୍ବରୁ କଟକ ଏବଂ ଭୁବନେଶ୍ୱରରେ ବର୍ଦ୍ଧିତ ଘର ଟିକସ ବୃଦ୍ଧି ପ୍ରତ୍ୟାହାର ହୋଇଥିବା ଜଣାପଡିଛି ।

# କଳା ଗବେଷକ ଆର. ସତ୍ୟମଙ୍କୁ ଡକ୍ଟରେଟ୍ ଉପାଧି

**ଛତ୍ରପୁର,୧୭।୧୦/ଏନ୍‌ଏନ୍‌ଏସ୍:** ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଘଡଘଡାପଲ୍ଲୀ ଗ୍ରାମର ଲକ୍ଷ୍ମୀ ନୃସିଂହ କାମିନୀ ଦାସୁତ୍ତୁ, ସେବା ନୃତ୍ୟ କଳା କେନ୍ଦ୍ର (ଭାଗବତ) ଗାଦିର ଦାସୁତ୍ତୁ ଗୁରୁ ଆର. ସତ୍ୟମ୍ ରେଡ୍ଡୀଙ୍କୁ ନୃତ୍ୟ ଗୁରୁ ଓ କଳା ଗବେଷକ ଭାବେ ଡକ୍ଟରେଟ୍ ଉପାଧି ମିଳିଥିବା ଜଣାପଡିଛି । ଶ୍ରୀ ରେଡ୍ଡୀଙ୍କୁ ନୂଆଦିଲ୍ଲୀର ସମ୍ବିଧାନ ସଂଘଠାରେ ଉତ୍ତମ ଶିକ୍ଷା ଓ ଶାନ୍ତି ପରିଷଦ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟରେଟ୍ ଉପାଧିରେ ଭୂଷିତ କରାଯାଇଛି ।



ଶ୍ରୀ ସତ୍ୟମ୍ ଲକ୍ଷ୍ମୀ ନୃସିଂହ କାମିନୀ ସେବା ସହ ଜୀବନ ବ୍ୟାପି ହରିନାମ୍ ସଂକୀର୍ତ୍ତନରେ ଶ୍ରୀ ରେଡ୍ଡୀ ସର୍ବଦା ମଜ୍ଜି ରୁହନ୍ତି । ସେ ଏଭଳି ଉପାଧୀରେ ସମ୍ମାନିତ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । କଳା କେନ୍ଦ୍ରର ସମ୍ପାଦକ ଅଶୋକ କୁମାର ପଣ୍ଡାଙ୍କ ସହଯୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା ।

# ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଛତ୍ରପୁର ଚଳଚଞ୍ଚଳ

**ଛତ୍ରପୁର,୧୭।୧୦/ଏନ୍‌ଏନ୍‌ଏସ୍:** ଛତ୍ରପୁର ସହର ଲୋୟର ବସଷ୍ଟାଣ୍ଡରେ ଥିବା ଲକ୍ଷ୍ମୀ ବଜାର ମାର୍କେଟ କମ୍ପ୍ଲେକ୍ସଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବେଶ ଧୁମଧାମ୍‌ରେ ବୁଧବାର ଠାରୁ ପାଳନ କରାଯାଇଛି । ସୁନ୍ଦର ତୋରଣ ସହିତ ଆଲୋକ ମାଳାରେ ପୂଜା ମଣ୍ଡପ ଗୁଡିକୁ ସୁସଜ୍ଜିତ କରାଯାଇଛି । ଦୀର୍ଘ ୨ ୪ ବର୍ଷ ଧରି ଏଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇ ଆସୁଛି । ଚଳିତ ବର୍ଷ ମଧ କମିଟି ପକ୍ଷରୁ ମା'ଙ୍କ ପୂଜା ମହାଆଡ଼ମ୍ବରେ କରାଯାଇଛି । ଆସନ୍ତା ୭ ଦିନ ଧରି ପୂଜା ଚାଲିବା ପରେ ଚଳିତ ମାସ ୨୨ ତାରିଖରେ ଉଦ୍‌ଯାପିତ ହେବ । ସକାଳୁ କର୍ମକାଣ୍ଡ ବିଶେଷଜ୍ଞ ପଣ୍ଡିତ ଡ଼.ସରୋଜ କୁମାର ଶତପଥିଙ୍କ ପୌରହିତ୍ୟରେ ସୂର୍ଯ୍ୟପୂଜା, ହୋମ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ନୃସିଂହ ପଣ୍ଡା ଓ ରାହୁଲ କୁମାର ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ । ମା'ଙ୍କ ଆଳତି ଦର୍ଶନ କରିବା ପାଇଁ ଛତ୍ରପୁର ଏବଂ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଭିଡ଼ ଜମାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ସଭାପତି ବସନ୍ତ କୁମାର ମହାରଣା, ଉପ ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧକ୍ଷ ଅତୁଲ କୁମାର ଦାଶ, ଏସ୍. ପ୍ରବୀଣ କୁମାର, କେ. କମଲାଙ୍କର, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ସରୋଜ ପାଢ଼ୀ, ଅଖିଳ ପାଣିଗ୍ରାହୀ, ରବିନାରାୟଣ ବେହେରା, ଭି. ରମେଶ, ପ୍ରଶାନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଅଶୋକ କୁମାର ବେହେରା, କେ. ଶ୍ରୀନିବାସ ଦୋରା, ଗୌରହରି ସାମଲ, ଗୌରୀଶଙ୍କର ରଥ, ସନ୍ତୋଷ ସାହୁଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

# ୯ ପଞ୍ଚାୟତର ଚାଷ ଜମିକୁ ଜଳସେଚନ ସୁବିଧା କଲେ ବିଧାୟକ

**ପୁରୁଷୋତ୍ତମପୁର,୧୭।୧୦/ଏନ୍‌ଏନ୍‌ଏସ୍:** କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ୯ ଗୋଟି ପଞ୍ଚାୟତର ଢେପ ଚାଷ ଜମିକୁ ଜଳସେଚନ ସୁବିଧା କଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ । ନଦୀରେ ଅସ୍ଥାୟୀ ବାଲିବନ୍ଧ ପ୍ରସ୍ତୁତ କରି ଜଳାଭାବ ଚାଷ ଜମିକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ଯାହାକୁ ନେଇ ଚାଷୀଙ୍କ ମହଲରେ ଦେଖାଦେଇଛି ଉତ୍ସାହ । ସୂଚନାଥାଉକି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ୯ ଗୋଟି ପଞ୍ଚାୟତର ଚାଷୀମାନଙ୍କ ଢେପ ଚାଷ ଜମିକୁ ଜଳସେଚନ ସୁବିଧା ନିମନ୍ତେ ମେଗା ଉଠା ଜଳ ସେଚନ ପ୍ରକଳ୍ପ ପୂର୍ବ ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିଲା । ଏଥିପାଇଁ ପୂର୍ବ ସରକାର ୪୩ କୋଟି ଟଙ୍କା ବ୍ୟୟରେ ୨୦୨୧ ମସିହାରେ ନୂତନ ପ୍ରକଳ୍ପ କାମ ଆରମ୍ଭ କରିଥିଲେ । ଚାଷ ଜମିକୁ ପାଣି ଅଭାବ ଜନିତ ଦୀର୍ଘଦିନର ସମସ୍ୟା ସମାଧାନ ହେବାକୁ ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା । ହେଲେ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ଅଟକି ରହିଯିବାରୁ ଚାଷୀଙ୍କୁ ନିରାଶ ହେବାକୁ ପଡିଛି । ଚାଷ ଜମିକୁ ପାଣି ଅଭାବ ଜନିତ ସମସ୍ୟା ନେଇ ବହୁ ଚାଷୀ ବର୍ତ୍ତମାନର କବିସୂର୍ଯ୍ୟନଗର ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚଳିତ ବର୍ଷ ବର୍ଷାଜଳ ଚାଷୀଙ୍କ ଜମିରେ ଆବଶ୍ୟକ ପରିମାଣରେ ହୋଇନଥିବା ବେଳେ ମେଗା ଲିଫ୍ଟ ଜଳସେଚନ ପଏଣ୍ଟ ମଧ ଅଚଳ ଅବସ୍ଥାରେ ରହିଛି । ଚାଷୀଙ୍କ ସମସ୍ୟା ଶୁଣି ବିଧାୟକ ଶ୍ରୀ ନାୟକ ତାଙ୍କ ସମର୍ଥକଙ୍କ ସହ ଚାଷୀ ଓ ଅଧିକାରୀଙ୍କୁ ନେଇ ଅନ୍ତରିଗାଁ, ମୋଡାବାଇ ଠାରେ ଆରମ୍ଭ ହୋଇଥିବା ନଦୀଘାଟ ଉପରେ ଅସ୍ଥାୟୀ ବାଲିବନ୍ଧ କରି ପାଣିକୁ ଅଟକାଇବା ବ୍ୟବସ୍ଥା କରିଥିଲେ । ଜେସିବି ସାହାର୍ଯ୍ୟରେ ବାଲିବସ୍ତା, ବାଉଁଶଖଣ୍ଡ, ୧୦ ଫୁଟିଆ ଟିଣଦେଇ ପ୍ରାୟ ନଦୀ ଶଯ୍ୟା ଉପରେ ବାଲି ବନ୍ଧକରି ଢେପ ଚାଷୀ ଜମିକୁ ପାଣି ଯୋଗାଇବା ବ୍ୟବସ୍ଥା କରିଥିଲେ । ସେଠାରେ ଥିବା ୩ଗୋଟି ମୋଟର ମଧ୍ୟରୁ ଗୋଟିଏ ପାଣି ମୋଟର ଚଲାଇ ଚାଷ ଜମିକୁ ପାଣି ଛଡାଯାଇଥିବାରୁ ଚାଷୀମାନେ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଧାୟକଙ୍କ ଏଭଳି ପ୍ରୟାସ ଯୋଗୁଁ କିଛି ମାତ୍ରାରେ ୯ ଗୋଟି ପଞ୍ଚାୟତର ଚାଷ ଜମିକୁ ଜଳ ସେଚନ ହୋଇପାରିଛି । ଆଗାମୀ ଦିନରେ ଯଦି ବିଧାୟକ ଏପରି କାର୍ଯ୍ୟ କରନ୍ତି ତେବେ ପୁରୁଷୋତ୍ତମପୁର ବ୍ଲକ, ଏନଏସି ଏବଂ କବିସୂର୍ଯ୍ୟନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ଚାଷୀଙ୍କ ଉନ୍ନତି ହୋଇପାରିବ ବୋଲି ଆଶା ପ୍ରକଟ କରାଯାଇଛି । ଏହି କାର୍ଯ୍ୟରେ ୯ ଗୋଟି ପଞ୍ଚାୟତର ସରପଞ୍ଚ ଏବଂ ତାଙ୍କ ପ୍ରତିନିଧି, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ବିଜେପିର ଯୁବ ନେତା ସୀତାରାମ ପାଣିଗ୍ରାହୀ, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟମଣୀ ସ୍ୱାଇଁ, ସିଏଚ ନୂଆଗାଁର ସମିତି ସଭ୍ୟା ପ୍ରତିନିଧି କିଶୋର ଚନ୍ଦ୍ରପରିଡା, ବଡ ଖରିଡ଼ା ସରପଞ୍ଚ ପ୍ରତିନିଧି ରମେଶ ଦଳେଇ, ଶ୍ରୀକାନ୍ତ ପଣ୍ଡା, ପାଣ୍ଡିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ସେଠୀ, ଗୋପପୁର ପିଣ୍ଟୁ ପଟ୍ଟନାୟକ, ଟୁନା ଦୋରାଙ୍କ ସମେତ ବହୁ ଚାଷୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



### କୁମାର ପୁନେଇଁ ଜହ୍ନଲୋ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଗଞ୍ଜାମର କଳା, ସଂସ୍କୃତି ବିଶ୍ୱରେ ପରିଚିତ: ବାଚସ୍ପତି



**ବ୍ରହ୍ମପୁର,୧୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ବ୍ରହ୍ମପୁର ଆଇଟିଆଇ ସମ୍ମିଳନୀ କକ୍ଷରେ ମାୟା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ 'କୁମାର ପୁନେଇଁ ଜହ୍ନଲୋ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟ ଓ କଳା, ପରମ୍ପରା ଦିନକୁ ଦିନ ଲୋପ ପାଇଯାଉଥିବା ବେଳେ ମଧୁମାୟା ଫାଉଣ୍ଡେସ୍ ପକ୍ଷରୁ ଆୟୋଜିତ କୁମାର ପୁନେଇଁ ଜହ୍ନଲୋ କାର୍ଯ୍ୟକ୍ରମ ଦ୍ୱାରା ବିଲୁପ୍ତ ପ୍ରାୟ ପରମ୍ପରାକୁ ପୁନଃ ଜିବିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ମାଟି ବହୁ ବୁଦ୍ଧୀଜିବୀ, ରାଜନୈତିଜ୍ଞ ବ୍ୟକ୍ତି, କଳାକାର ସୃଷ୍ଟି କରିଥିବା ନଜିର ରହିଥିବା ବେଳେ ଗଂଜାମ ଜିଲ୍ଲାର ସଂସ୍କୃତି, ଲୋକନୃତ୍ୟ ପରମ୍ପରା ବିଶ୍ୱରେ ପରିଚିତ ବୋଲି ପ୍ରକାଶ କରିଥିଲେ । ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀଙ୍କ ପରିଚାଳନାରେ ଆୟୋଜିତ ଉତ୍ସବ ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇଜରର ଅଧିକାରୀ ଜୟଦିପ୍ ମୁଖପାଧ୍ୟାୟ ଜୋହାନ୍ସବର୍ଗର ଓସିଏ ଫାଉଣ୍ଡର ମେମ୍ବର ତ୍ରିସ୍ ମାପତି ଜେନା, ଓସିଏ ସମ୍ପାଦକ ସଞ୍ଜିତ୍ ନାୟକ, ସୁଜାତା ପାଢ଼ୀ, ସୁଜାତା ଭଟ୍ଟାଚାର୍ଯ୍ୟ ଓ ସୁଜାତା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିପତି ବାଲାଜୀ ପାତ୍ର, ମିହିର କୁମାର ତ୍ରିପାଠୀ, ଡି. ସୋମେୟା, ସୁନୀଲ ପଟ୍ଟନାୟକ, ଡକ୍ଟର ସୋନାଲୀ ସାହୁ, ନିରଞ୍ଜନ ପାଲଟାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । କୁମାର ପୂର୍ଣ୍ଣିମା ଯୋଗୁଁ ଏଠାରେ କାକରା ପିଠା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅମରେଶ କୁମାର ସାହୁ, ରାଇମତି ଘିଉରିଆ ଓ ଅସିତ ତ୍ରିପାଠୀଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଓଡ଼ିଶା ଓ ଅନ୍ୟ ରାଜ୍ୟର ପ୍ରସିଦ୍ଧ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶଙ୍ଖନାଦ, ପାରମ୍ପରିକ ସଂଗୀତ କୁମାର ପୁନେଇଁ ଜହ୍ନ ଲୋ, ଜହ୍ନି ଓଷା, କୃଷ୍ଣରାଘ୍ୟ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଠିଆପୁଚି ନରଙ୍ଗ, ରାମଲୀଳା, ଛତିଶିଗଡ଼ର ଲୋକନୃତ୍ୟ ଜନସାଧାରଣଙ୍କ ମନ ଜଣିଥିଲା । ଶେଷରେ ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦ୍‌ଯାପିତ



**ବୁଗୁଡ଼ା,୧୭।୧୦/ଏନ୍‌ଏନ୍‌ଏସ୍:** ଆଧୁନିକ ଯୁଗରେ ଗ୍ରାମ୍ୟ ପରମ୍ପରାର ନିଦର୍ଶନ ସୃଷ୍ଟି କରିଥିବା କେତେକ ପର୍ବ ଲୋପ ପାଇବାକୁ ବସିଥିଲେ ହେଁ ବୁଗୁଡ଼ା ଅଞ୍ଚଳର ଗାଁ ଗହଳରେ ଏବେବି କେବଳ କୁଆଁରୀ କନ୍ୟାଙ୍କ ଦ୍ୱାରା ପାଳନ ହୋଇ ଆସୁଥିବା ନିଆରା ଜହ୍ନିଓଷା ପର୍ବ ଆଜି କୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହ ଉଦଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନ ଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷା ପାଳନ କରିଆସୁଥିଲେ । ବୁଗୁଡା ଏନ୍‌ଏସିର ଯାଦବ ସାହି, ଖଦାଲ ସାହି , ଅରବିନ୍ଦ ନଗର ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ । ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହି ବାସିନ୍ଦାଙ୍କ ମଧ୍ୟ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡି ଥିବା ଝିଅମାନେ ଏହି ଓଷା କରିଥିଲେ । ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖିଥିଲେ । ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ । ନିୟମିତ ସକାଳୁ ଫୁଲ ସଂଗ୍ରହ କରିବା ପରେ ସ୍ନାନ କରି ତୁଳସୀ ଚଉରା ମୂଳକୁ ଲିପାପୋଛା କରି ଧୂପ ଦୀପ ଦେଇ ଭୋଗ ଲାଗି କରୁଥିଲେ । ସେହିପରି ସନ୍ଧ୍ୟା ସମୟରେ ପୁଣି ଚଉରା ନିକଟରେ ଜହ୍ନିଓଷା ପୁସ୍ତକ ପାଠ କରୁଥିଲେ । ଏହି ସମୟରେ ଗ୍ରାମରେ ବିଭିନ୍ନ ସ୍ଥାନର ପୂଜା କୁମାରୀଙ୍କ ସମ୍ମିଳିତ ସଙ୍ଗୀତ ଗାନ ପରିବେଶକୁ ଉତ୍ସବ ମୁଖରିତ କରୁଥିଲା । ପୂର୍ଣ୍ଣିମା ଦିନ ନିର୍ଜଳ ଉପବାସ ରହି ପୂଜା ଶେଷ ପରେ ଗଜା ଟାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ । ଆଧୁନିକ ବିଜ୍ଞାନ ଯୁଗରେ ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

# କାର୍ତ୍ତିକ ଆରମ୍ଭରୁ ପନିପରିବା ଦର ଆକାଶଛୁଆଁ



**ଆସିକା,୧୭।୧୦/ଏନ୍‌ଏନ୍‌ଏସ୍:** କାର୍ତ୍ତିକ ମାସ ଆରମ୍ଭରୁ ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ପନିପରିବା ଦର ଆକାଶଛୁଆଁ ହୋଇଛି । ହବିଷ ବ୍ରତ ଧାରଣ କରିବା ଲାଗି ଆଗ୍ରହୀ ଥିବା ମହିଳା ମାନେ ଏହି ବର୍ଦ୍ଧିତ ପରିବା ଦରକୁ ନେଇ ଚିନ୍ତାରେ ପଡିଛନ୍ତି । ସାଧାରଣତଃ କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ଆମିଷ ବର୍ଜନ କରିଥାନ୍ତି । ଫଳରେ ପନିପରିବା ଦୋକାନ ଗୁଡିକରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି । ପୁଣ୍ୟ ଅର୍ଜନ ମାସ କାର୍ତ୍ତିକ ଆରମ୍ଭ ହୋଇଯାଇଥିବା ବେଳେ ପନିପରିବା ଦର ଆଶାତୀତ ଭାବେ ବୃଦ୍ଧି ପାଇଛି । ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ବଜାରରୁ ପରିବା କିଣିବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାର୍ତ୍ତିକ ବ୍ରତ ପଢୁଥିବା ହବିଷ୍ୟାଳୀ ମାନେ ଗୋଟିଏ ବେଳା ସୁଦ୍ଧ ଶାକାହାରୀ (ନିରାମିଷ) ଭୋଜନ କରିଥାନ୍ତି । ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ କଞ୍ଚାଲଙ୍କା ଠାରୁ ଆରମ୍ଭ କରି ବାଇଗଣ, ଜହ୍ନି, କାକୁଡି, ଦେଶୀଆଳୁ, ବିଟ୍, ଗାଜର, ଟମାଟ, କାଙ୍କଡ, ଝୁଡୁଙ୍ଗ, ଭେଣ୍ଡି, କୋବି ସମେତ ବିଭିନ୍ନ ପନିପରିବା ଦର ଅହେତୁକ ବୃଦ୍ଧି ପାଇଛି । ଶହେ ଟଙ୍କାର ପରିବା କିଣିଲେ ମଧ ବ୍ୟାଗ୍ ଭର୍ତ୍ତି ହେଉନି । କେବେ ପନିପରିବା ଦର ନିୟନ୍ତ୍ରଣକୁ ଆସିବ ତାହାରି ଉତ୍ତର କାହାରି ପାଖରେ ନାହିଁ । ଦରକୁ ନେଇ ଖାଉଟି କଳବଳ ହେଉଥିବା ବେଳେ ପ୍ରଶାସନ ଚୁପ୍ ବସିଛି । ଆଜିଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହୋଇଛି । କାର୍ତ୍ତିକ ମାସ ଆରମ୍ଭରୁ ପରିବା ବଜାରରେ ଦର ଆକାଶଛୁଆଁ ହୋଇଛି । ଅଚାନକ ଭାବେ ପରିବା ଦର ବୃଦ୍ଧି ପଛର ପ୍ରକୃତ କାରଣ କଣ ଜଣାପଡୁନାହିଁ । ପରିବା ଦର ଦେଖି ଗ୍ରାହକ ଛାନିଆଁ ହୋଇପଡୁଛି । ପନିପରିବା ଉତ୍ପାଦନ ହ୍ରାସ ପାଇଲେ ଦରବୃଦ୍ଧି ଘଟିଥାଏ । ଆସିକା ସହରର ବିଭିନ୍ନ ପନିପରିବା ବଜାରକୁ ନାନା ପ୍ରକାରର ପନିପରିବା ପର୍ଯ୍ୟାପ୍ତ ପରିମାଣରେ ଆସୁଥିଲେ ମଧ୍ୟ ହଠାତ୍ ଦରବୃଦ୍ଧି ପଛର କାରଣ କଣ ତାହା ଜଣାପଡୁନାହିଁ । ଆସିକା ଅଞ୍ଚଳର ବିଭିନ୍ନ ପନିପରିବା ବଜାରରେ ଦର ଅଲଗା ଅଲଗା ରହୁଛି । ପରିବା ବଜାର ଉପରେ ପ୍ରଶାସନର କୌଣସି ଅଙ୍କୁଶ ରହୁନଥିବାରୁ କେତେକ ବ୍ୟବସାୟୀ ଯାହା ଦର ଧାର୍ଯ୍ୟ କରନ୍ତି ତାହାକୁ ବହୁ ଗ୍ରାହକ ନେବାକୁ ବାଧ ହୋଇଥାନ୍ତି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ପନିପରିବା ଦରକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

### ପୁଲିସ ମହାନିର୍ଦ୍ଦେଶକଙ୍କ ଦୁଇ ଦିନିଆ କନ୍ଧମାଳ ଗସ୍ତ

## ମାଓ ଦମନ ଓ ଗଞ୍ଜେଇ ମୂଳୋତ୍ପାଟନ ପାଇଁ ହେବ ସ୍ୱତନ୍ତ୍ର ରଣନୀତି



**କନ୍ଧମାଳ,ଫୁଲବାଣୀ,୧୭।୧୦/ଏନ୍‌ଏନ୍‌ଏସ୍:** ନୂତନ ଭାବେ ଦାୟିତ୍ୱ ନେଇଥିବା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ଜିଲ୍ଲାରେ ମାଓ ସ୍ଥିତି ଓ ଗଞ୍ଜେଇ କାରବାରର ସମୀକ୍ଷା କରିଛନ୍ତି । ଏ ଅବସରରେ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ନକ୍ସଲ ଦମନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି ଡିଜି । ବିଭିନ୍ନ ମାଓ ପ୍ରବଣ ଅଂଚଳରେ ରୁଦ୍ଧ ଦ୍ୱାର ବୈଠକ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଜିଲ୍ଲା ପୁଲିସ ମୁଖ୍ୟାଳୟରେ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲା ଏସପିଙ୍କ ସହ ସମୀକ୍ଷା କରିବା ପରେ ଜିଲ୍ଲାର ମାଓପ୍ରବଣ ଅଂଚଳ ଓ କ୍ୟାମ୍ପ ଗସ୍ତ କରିଛନ୍ତି ଡିଜିପି । ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଡିଜିପିଙ୍କ ଏହି ଗସ୍ତ ସମୟରେ ଆଇଜି ଅପରେଶନ ଜୟ ନାରାୟଣ ପଙ୍କଜ, ଏସ ଆଇ ଡବ୍ଲ୍ୟୁ ଆଇଜି କନୱର୍ ବିଶାଲ ସିଂ, ଦକ୍ଷିଣାଞ୍ଚଳ ଆଇଜି ସାର୍ଥକ ଷଡଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ । ଜିଲାର ବିଭିନ୍ନ ମାଓ ପ୍ରବଣ ଅଂଚଳ ବୁଲିବା ସହ ସିଆରପିଏଫ, ବିଏସଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ ଡିଜିପିଙ୍କ ସହ ଅନ୍ୟାନ୍ୟ ଅଧିକାରୀ । ପୁଲିସ ମହାନିର୍ଦ୍ଦେଶକ ବୁଧବାର ଫୁଲବାଣୀ ରିଜର୍ଭ କାର୍ଯ୍ୟାଳୟରେ ପହଁଚି ଆଲୋଚନା କରିବା ପରେ ବାଲିଗୁଡା ଥାନା ଅଂଚଳର ଖମଣଖୋଲ, ବାରଖାମା, ସୁଡ୍ରା ଓ ଫିରିଙ୍ଗିଆ ଓ ଗୋଛାପଡ଼ା ଥାନା ଅଞ୍ଚଳ ପରିଦର୍ଶନ କରି ସିଆରପିଏଫ, ବିଏସଏଫର ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ସହିତ ମାଓ ମୁକାବିଲା ନେଇ ସମୀକ୍ଷା କରିଥିଲେ । ବୁଧବାର ଫୁଲବାଣୀ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଜିଲ୍ଲାର ଆଇନ ଶୃଙ୍ଖଳା, ମାଓ ମୁକାବିଲା, ଗଞ୍ଜେଇ ଚାଷ ଓ କାରବାର ପ୍ରଭୃତିକୁ ନେଇ ସମୀକ୍ଷା କରିଥିଲେ । ଗଂଜେଇ ଚାଷର କିଭଳି ମୁଳୋତ୍ପାଟନ କରିହେବ, ସେନେଇ ବିଭିନ୍ନ ଥାନା ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ ଡିଜିପି ।

## ବ୍ରହ୍ମାକୁମାରୀ ମଞ୍ଜୁ ଦିଦିଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମନ୍ତ୍ରୀ



**ବ୍ରହ୍ମପୁର,୧୭।୧୦/ଏନ୍‌ଏନ୍‌ଏସ୍:** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମପୁର ସବ୍‌ଜୋନ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦିଙ୍କ ବୁଧବାର ପରଲୋକ ଘଟିଥିଲା । ଏହି ଖବର ଶୁଣି ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନା ଶୋକ ବ୍ୟକ୍ତ କରିବା ସହ ରାମଚନ୍ଦ୍ରପୁରସ୍ଥିତ ଓମ୍ ଶାନ୍ତି ପ୍ରଭୁ ଉପହାର ରିଟ୍ରେଟ୍ ସେଣ୍ଟର୍‌ରେ ପହଞ୍ଚିଥିଲେ । ବ୍ରହ୍ମ କୁମାରୀଙ୍କ ପାର୍ଥିବ ଶରୀର ନିକଟରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା ନିଜର ବାର୍ତ୍ତାରେ କହିଥିଲେ ଯେ ସେ ଜଣେ ସୁସଂସ୍କୃତ ସମ୍ପନ୍ନା, ମିଷ୍ଟଭାଷିନୀ, ବାଗ୍ମୀ, ଜ୍ଞାନୀ ତଥା ଅସାଧାରଣ ଶକ୍ତି ସମ୍ପନ୍ନା ମହିଳା ଥିଲେ । ସେ ରାଜଯୋଗ ସାଧନାରେ ସିଦ୍ଧହସ୍ତ ଥିଲେ । ସାମାଜିକ ପରିବର୍ତ୍ତନରେ ଦିଦିଙ୍କର ପୂର୍ବ ଜୀବନ ସମର୍ପିତ ଥିଲା । ତାଙ୍କର ଜନହିତକର କାର୍ଯ୍ୟ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଭାରତୀୟ ଜୀବନ ବୀମା ନିଗମର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବ୍ରହ୍ମପୁର,୧୭।୧୦/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ମଣ୍ଡଳ ଅଧୀନ ଭାରତୀୟ ଜୀବନ ବୀମା-୧ ଶାଖା ଓ ସିଏବି ଶାଖାର ନୂତନ କାର୍ଯ୍ୟାଳୟ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି । ଭାରତୀୟ ଜୀବନ ବୀମା ନିଗମର ସିଇଓ ତଥା ଏମଡି ସିଦ୍ଧାର୍ଥ ମହାନ୍ତିଙ୍କ ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଏହି ଶାଖା ଦୁଇଟିର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ହୋଇଥିବାରୁ ବୀମାଧାରକ ଉନ୍ନତ ସେବା ପାଇବେ ବୋଲି କହିଥିଲେ । ଏହି ଅବସରରେ କ୍ଷେତ୍ରୀୟ ପ୍ରବନ୍ଧକ (ପୂର୍ବ ମଧ କ୍ଷେତ୍ର) ଶ୍ରବଣ କୁମାର, ଇଡି(ଇଞ୍ଜିନିୟରିଂ) ବିବି ଯାଦବ, ମୁଖ୍ୟ ଯନ୍ତ୍ରୀ ପିକେଜେ ତୁଙ୍ଗତୁଙ୍ଗ, ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧିକାରୀ, ଶାଖା ପ୍ରବନ୍ଧକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବିନୋଦ ବେହେରା ପୁରୁଷୋତ୍ତମପୁର ନୂତନ ତହସିଲଦାର

**ପୁରୁଷୋତ୍ତମପୁର,୧୭।୧୦/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଥିବା ବିନୋଦ କୁମାର ବେହେରାଙ୍କୁ ପୁରୁଷୋତ୍ତମପୁର ତହସିଲଦାର ଭାବେ ନିଯୁକ୍ତି ମିଳିଛି । ଏଠାରେ ଥିବା ପୁରୁଷୋତ୍ତମପୁର ତହସିଲଦାର ଥିବା ଲୋପାମୁଦ୍ରା ରଥ ଛତ୍ରପୁରକୁ ଡେପୁଟି କଲେକ୍ଟର ଭାବେ ନିଯୁକ୍ତି ପାଇବା ପରେ ଏଠାରେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ ।



ଛତ୍ରପୁର କିମ୍ବା ଫିଲଡ଼ କାମରେ ବ୍ୟସ୍ତ ରହୁଥିବା ଯୋଗୁଁ ସେ କିଛି ଦିନ ଅଫିସରେ ଅନୁପସ୍ଥିତ ରହୁଥିଲେ । ଯାହା ଫଳରେଲୋକ ମାନଙ୍କ ବହୁ କାମ ଅଟକି ରହିଯାଉଥିଲା । ସେ ପୁଣି ଅଫିସ ଆସିଲେ ବାକି କାମ ଗୁଡିକୁ କରୁଥିଲେ । ନୂତନ ତହସିଲଦାରଙ୍କ ଯୋଗଦାନ ପରେ ତହସିଲ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇପାରିବ ବୋଲି ଆଶା ପ୍ରକଟ କରାଯାଉଛି । ପୂର୍ବରୁ ଏହି ତହସିଲ ଅଫିସରେ ଦୁଇ ଜଣ ଅତିରିକ୍ତ ତହସିଲଦାର ରହୁଥିଲେ । ଯାହା ଫଳରେ ଲୋକଙ୍କ ବିଭିର୍ଣ୍ଣ କାମ ଠିକ ଭାବେ ହୋଇ ପାରୁଥିଲା । କିନ୍ତୁ ଏଇ କିଛି ବର୍ଷ ହେଲା ସେହି ପଦ ଖାଲି ରହିଥିବାରୁ ଲୋକଙ୍କ ବହୁ ଅସୁବିଧା ହେଉଛି । ପୁରୁଷୋତ୍ତମପୁର ନୂତନ ତହସିଲଦାର ଭାବେ ଶ୍ରୀ ବେହେରାଙ୍କୁ ନିଯୁକ୍ତି ମିଳିଥିବାରୁ ତହସିଲ କାର୍ଯ୍ୟ ସୁରୁଖୁରେ ହେବା ନେଇ ଆଶା ପ୍ରକାଶ ପାଇଛି । ଜଣେ ଦକ୍ଷ ଅଫିସର ଭାବେ ତାଙ୍କର ଖ୍ୟାତି ରହିଛି । ଆସନ୍ତା କାଲି କିମ୍ବା ସୋମବାର ଦିନ ନୂତନ ତହସିଲଦାର କାର୍ଯ୍ୟରେ ଯୋଗଦେବା ସମ୍ଭାବନା ରହିଛି ।

## ନାବାଳିକାକୁ ଅସଦାଚରଣ ଓ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୧୭।୧୦/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଧୀନ ଏକ ଗାଁରେ ଜଣେ ନାବାଳିକାକୁ ଅସଦାଚରଣ କରିବା ଓ ପ୍ରତିବାଦ କରିବାରୁ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗିରଫ ଯୁବକ ଜଣଙ୍କ ପ୍ରଶାନ୍ତ ଦାଶ ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ଏକ ଗ୍ରାମରେ ଗତ ୧୪ ତାରିଖ ଅପରାହ୍ନରେ ଦୁଇ ନାବାଳିକାକୁ ସେହି ଗ୍ରାମର ମୁନା, ପ୍ରଶାନ୍ତ, କାଲୁ, ପପୁ ଓ ଟିକିଲି ଦାସ ମିଶି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ଦୁଇ ନାବାଳିକାଙ୍କ ଦେହ ସ୍ପର୍ଶ କରିଥିଲେ । ଏନେଇ ନାବାଳିକା ଜଣଙ୍କ ନିଜ ମା ଓ ଜେଜେ ମାଆଙ୍କୁ ଘଟଣା ସମ୍ପର୍କ କହିଥିଲେ । ପରେ ନାବାଳିକାଙ୍କ ମାଆ ଓ ଜେଜେ ମାଆ ମୁନା, ପ୍ରଶାନ୍ତ, କାଲୁ, ପପୁ, ଟିକିଲିକୁ ପଚାରିଥିଲେ । ସମସ୍ତେ ମିଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ । ଏନେଇ ବୁଧବାର ଗୋଳନ୍ଥରା ଥାନାରେ ନାବାଳିକାଙ୍କ ମାଆ ଲିଖିତ ଅଭିଯୋଗ କରିଥିଲେ । ଥାନାରେ କେସ୍ ନଂ- ୪୨୮/୨୪ ପ୍ରକାରେ ପୋଲିସ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି । ଗୁରୁବାର ପ୍ରଶାନ୍ତ ଗାଁରେ ଥିବା ବେଳେ ପୋଲିସ ଚଢଉ କରି କାବୁ କରି ଅପରାହ୍ନ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବା ସୂଚନା ମିଳିଛି । ଅନ୍ୟପଟେ ପ୍ରଶାନ୍ତଙ୍କ ସ୍ତ୍ରୀ ଟିକିଲି ଦାସଙ୍କ ଅଭିଯୋଗ ଅନୁସାରେ ନାବାଳିକାଙ୍କ ମାଆ ଓ ଜେଜେ ମାଆ ବିଭିନ୍ନ ସମୟରେ ତାଙ୍କୁ ଗାଳି ଗୁଜଲ କରିଥାନ୍ତି । ଗତ ୧୪ ତାରିଖରେ କୌଣସି କଥାକୁ ନେଇ ଟିକିଲି ସହିତ ନାବାଳିକାଙ୍କ ମାଆ ଓ ଜେଜେ ମାଆ ଝଗଡା ହୋଇ ଉଭୟ ଟିକିଲୀକୁ ଆକ୍ରମଣ କରିଥିଲେ । ନାବାଳିକାଙ୍କ ବାପା ଟିକିଲିକୁ ଟାଣ ଅଟର କରିଥିବା ନେଇ ଗୋଳନ୍ଥରା ଥାନାରେ ବୁଧବାର ପାଲଟା ଅଭିଯୋଗ କରିଥିଲେ । ଥାନାରେ କେସ୍ ନଂ - ୪୨୯/୨୪ ପ୍ରକାରେ ପୋଲିସ ମାମଲା ରୁଜୁ କରି ଗୁରୁବାର ନାବାଳିକାଙ୍କ ବାପାକୁ ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୂଚନା ଦେଇଛି ।

# କନ୍ଧମାଳ ଜିଲ୍ଲାରେ ବିଶ୍ୱ ଖାଦ୍ୟ ଦିବସ ପାଳିତ





**କନ୍ଧମାଳ,ରାଇକିଆ,୧୭।୧୦/ଏନ୍‌ଏନ୍‌ଏସ୍:** ସୁସ୍ଥ ଜୀବନଯାପନ ପାଇଁ ଖାଦ୍ୟର ଆବଶ୍ୟକତା ଯେତେ ଜରୁରୀ ସମସ୍ତେ ସୁଷମ ଖାଦ୍ୟ ପାଇବା ହେଉଛି ମଧ୍ୟ ଏକ ମାନବିକ ଅଧିକାର । ସେଥିପାଇଁ ସାରା ବିଶ୍ୱ ପ୍ରତି ବର୍ଷ ଅକ୍ଟୋବର ମାସ ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ଭାବରେ ପାଳନ କରନ୍ତି । ସେହିଭଳି ଏ ବର୍ଷର ବିଷୟ 'ଏକ ଉତ୍ତମ ଜୀବନ ଏବଂ ଉତ୍ତମ ଭବିଷ୍ୟତ ପାଇଁ ଖାଦ୍ୟର ଅଧିକାର' ବାର୍ତ୍ତାକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ବିଭିନ୍ନ ସ୍ଥାନରେ ଏହି ଦିବସ ଟିକୁ ପାଳନ କରିଛନ୍ତି । ଶ୍ରୀ ଅନ୍ନ ଅଭିଯାନ ଓ ପ୍ରାକୃତିକ କୃଷି କାର୍ଯ୍ୟକ୍ରମର ମିଳିତ ସହଯୋଗରେ ରାଇକିଆ ବ୍ଲକ୍‌ର ଲାମ୍ବାଡିକିଆ ଓ ସୁଗଡବାଡି ଠାରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ଏଥିରେ ମା'ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀ ସହିତ ଆଲ୍ଲା, ସନ୍ତୋଷିନୀ ଓ ଦିବ୍ୟଜ୍ୟୋତି ଗୋଷ୍ଠୀ ଏବଂ ସ୍ଥାନୀୟ ଅଂଚଳ ର ମହିଳା ଚାଷୀମାନେ ଯୋଗ ଦେଇଥିଲେ । ଗୋଷ୍ଠୀର ସଦସ୍ୟ ମାନଙ୍କ ଦ୍ୱାରା ପ୍ରସ୍ତୁତ ଦେଶୀ ଖାଦ୍ୟ ଯଥା- କୁଏରୀ କ୍ଷୀରୀ, ଉପମା, ମକା ଭାତ, ମାଣ୍ଡିଆ ପୋଡ ପିଠା, ମଣ୍ଡା ପିଠା, ସୁପ୍, ଆମ୍ବଟାକୁଆ ଭାତ ଭଳି ୩୫ ପ୍ରକାର ର ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶୀତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ପ୍ରମେଶୀଳା ପ୍ରଧାନ ସ୍ୱେଚ୍ଛାସେବୀ ଭୋଳାନାଥ ପ୍ରଧାନ ଓ ସରିତା ପ୍ରଧାନ ଉପସ୍ଥିତ ରହି ପାରମ୍ପରିକ ଖାଦ୍ୟର ବିଶେଷତ୍ୱ ଓ ମୂଲ୍ୟବୋଧ କୁ ବୁଝାଇବା ସହ ପ୍ରଦର୍ଶୀତ ହୋଇଥିବା ବିଭିନ୍ନ ଖାଦ୍ୟ ର ପ୍ରସ୍ତୁତି ପ୍ରଣାଳୀ କୁ ଉପସ୍ଥିତ ହିତାଧିକାରୀ ଙ୍କୁ ବୁଝାଇଥିଲେ । ଶ୍ରୀ ଅନ୍ନ କାର୍ଯ୍ୟକ୍ରମ ରେ ଚାଷୀ ମାନଙ୍କ ଦ୍ୱାରା କରାଯାଉଥିବା ମାଣ୍ଡିଆ ଚାଷ କିପରି ଉତ୍ତମ ଜୀବନ ଏବଂ ଉତମ ଭବିଷ୍ୟତ ପାଇଁ ସହାୟକ ହେଉଛି ତାହା ଅନୁଷ୍ଠାନ ର ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ବୁଝାଇ କହିଥିଲେ । ସେହିଭଳି ଖଜୁରିପଡା ବ୍ଲକର ଟିଗ୍ରାପାଙ୍ଗା ଠାରେ ମଧ୍ୟ ପ୍ରଦିପ କୁମାର ସ୍ୱାଇଁ, ଆଲୋକ ସାମନ୍ତରାୟ ଓ ସରିପତି ପାତ୍ର ଙ୍କ ଉପସ୍ଥିତି ରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣ କାରୀ ପ୍ରଦର୍ଶୀତ ହୋଇଥିବା ଖାଦ୍ୟର ମଜା ନେଇଥିବା ବେଳେ ଅନ୍ନପୂର୍ଣ୍ଣା ପ୍ରଧାନ, ହୃଷିକେଶ ଅମାୟତ ଓ ସୁନନ୍ଦ ପ୍ରଧାନ ପରିଚାଳନା ରେ ସହଯୋଗ କରିଥିଲେ ।

ନିତି ଭାରତୀ

ପରାଜୟ ଶେଷକଥା ନୁହେଁ, ଏହା ଆରମ୍ଭର ଫାଟକ ମାତ୍ର। - ଶ୍ରୀ ଅରବିନ୍ଦ

NITIDIN ନିତିଦିନ

ଶୁକ୍ରବାର, ୧୮ ଅକ୍ଟୋବର , ୨୦୨୪

# ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର

ଅକ୍ଟୋବର ୧୮ ତାରିଖ- ଆଜି ଦିନରେ ୧୮୭୮ ମସିହାରେ ମହାନ୍ ଓଡ଼ିଆ ଏବଂ ଓଡ଼ିଆପ୍ରେମୀ ବିଶ୍ୱନାଥ ମିଶ୍ର ଜନ୍ମଗ୍ରହଣ କରିଥିଲେ ପୁରୀର ସାକ୍ଷୀଗୋପାଳ ନିକଟସ୍ଥ ସୋମେଶ୍ୱରପୁର ଗ୍ରାମରେ। ବରେଣ୍ୟ ବିଶ୍ୱନାଥ ମିଶ୍ରଙ୍କ ସ୍ମୃତି ଲିଭିବାର ନୁହେଁ। ଏହା ଅକ୍ଷୟ, ଅମର ଓ ଚିର ଦେଦୀପ୍ୟମାନ।

ଉତ୍କଳରତ୍ନ ବିଶ୍ୱନାଥ କେବଳ ଓଡ଼ିଶାର ପ୍ରଥମ ବାରିଷ୍ଟର ନୁହନ୍ତି; ସେ ଥିଲେ ଉଚ୍ଚକୋଟୀର ବ୍ୟବସ୍ଥାପକ, ସମାଜ ସଂସ୍କାରକ, ନିଷ୍ପାପର ନିରଳସ କର୍ମୀ, ଦେଶ ମିଶ୍ରଣ ଆନ୍ଦୋଳନର ଅନ୍ୟତମ ପୁରୋଧା, ବିଚକ୍ଷଣ ଆଇନ୍‌ଜୀବୀ, ଶିକ୍ଷାବିତ୍, ଛାତ୍ର ସମାଜର ପରମ ହିତୈଷୀ। ମନମୋହନ ମିଶ୍ରଙ୍କ ଲିଖିତ ବିଶ୍ୱନାଥ ମିଶ୍ରଙ୍କ ଜୀବନୀ 'ଜାତି ପ୍ରାଣ ସିନ୍ଧୁର ଆଦ୍ୟ ତରଙ୍ଗ'ରେ ଡକ୍ଟର ହରେକୃଷ୍ଣ ମହତାବ ଯଥାର୍ଥରେ ପ୍ରତିପାଦିତ କରିଛନ୍ତି ଯେ- 'ଏକ ଦିଗରେ ନୈଷ୍ଠିକତା ଏବଂ ଅନ୍ୟ ଦିଗରେ ଆଧୁନିକ ସଭ୍ୟତାର ପ୍ରଭାବ, ଏ ଦୁଇର ମନୋରମ ସମନ୍ୱୟ ତାଙ୍କ ଜୀବନରେ ପ୍ରକାଶ ପାଇଥିଲା। ସେ ଚିରକାଳ ନମସ୍ୟ। ତାଙ୍କର ସ୍ମୃତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ।'



ବିନୋଦ ମିଶ୍ର

ସେତେବେଳେ ଗ୍ରାମରେ ବିଦ୍ୟାଳୟ ନଥିବା ହେତୁ ଆଠ ମାଇଲ୍ ଦୂରରେ ଥିବା ବେରବୋଇ ଭର୍ଣ୍ଣାକୁଲାର ସ୍କୁଲରେ ପଢ଼ିଥିଲେ। ସେଠାରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇବାକୁ ବାହାରିବାରୁ ଗ୍ରାମବାସୀମାନଙ୍କ ପ୍ରତିରୋଧର ଶିକାର ହେବାକୁ ପଡ଼ିଥିଲା, କାରଣ ବ୍ରାହ୍ମଣମାନେ ଇଂରାଜୀ ପଢ଼ି ପାରିବେ ନାହିଁ। କିନ୍ତୁ ପିତା କୁଳମଣି ମିଶ୍ର ଏହି ବାରଣ ସତ୍ତ୍ୱେ ବିଶ୍ୱନାଥଙ୍କୁ ପୁରୀ ଜିଲ୍ଲା ସ୍କୁଲରେ ପଢ଼ାଇ ଥିଲେ। ସେଥିପାଇଁ ଗ୍ରାମରେ ଜୋରିମାନା ଦେବାକୁ ହୋଇଥିଲା। ସେଠାରୁ ଏଣ୍ଟ୍ରାନ୍ସ ପାସ୍ କରି ମାସିକ ୧୦ ଟଙ୍କା ବୃତ୍ତି ଲାଭ କରିଥିଲେ। ତତ୍ ପରେ କଟକରେ ରେଭେନ୍ସା କଲେଜରେ ପାଠ ପଢ଼ିବା ଆରମ୍ଭ କରିଥିଲେ। ଟିଉସନ୍ କରି ନିଜର ପଢ଼ା ଖର୍ଚ୍ଚ ନିଜେ ତୁଲାଇଲେ। ସେଥିପାଇଁ ପିତାଙ୍କ ଉପରେ ନିର୍ଭର କରିବାକୁ ପଡୁ ନଥିଲା। କଷ୍ଟ ସହିଷ୍ଣୁତା ଏବଂ ସ୍ୱାବଲମ୍ବନଶୀଳତା ତାଙ୍କ ଜୀବନର ଚିର ସହଚର ହୋଇ ରହିଥିଲା। ସେହି ସମୟରେ ଉତ୍କଳ ଗୌରବ ମଧୁସୂଦନବାବୁଙ୍କ ନେତୃତ୍ୱରେ ଦେଶ ମିଶ୍ରଣ ଆନ୍ଦୋଳନର ସୂତ୍ରପାତ ହୋଇଥିଲା।

୧୯୦୩ରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସ୍ୱେଚ୍ଛାସେବୀ ଭାବରେ ସାମିଲ ହୋଇଥିଲେ। ଉତ୍କଳ ସମ୍ମିଳନୀର ସୁବିସ୍ତୃତ ଆଲୋଚନାରୁ ଏବଂ ବିଶେଷକରି ମାତୃଭାଷାର ଦୁରବସ୍ଥା ଓ ତେଲୁଗୁଭାଷୀ ଅଫିସରଙ୍କ ପ୍ରଭାବ ଓ ଦୌରାତ୍ମ୍ୟ ସଂପର୍କରେ ଗଞ୍ଜାମ ଜିଲ୍ଲା ପ୍ରତିନିଧିମାନଙ୍କ ଭାଷଣରୁ ଅବଗତ ହୋଇ ମର୍ମାହତ ହୋଇଥିଲେ। ସେହିଠାରୁ ତାଙ୍କର ସ୍ୱତନ୍ତ୍ର ଓଡ଼ିଶା ଗଠନ ଏବଂ ଅବହେଳିତ, ଅପମାନିତ ଓଡ଼ିଆମାନଙ୍କ ସେବା କରିବାର ଉତ୍ସର୍ଗୀକୃତ ମନୋଭାବ ଜାଗ୍ରତ ହୋଇଥିଲା। ୧୯୦୪ ମସିହାରେ ଏଫ୍‌ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉତ୍କଳ ସମ୍ମିଳନୀର ଜଣେ କର୍ମଠ ସଦସ୍ୟ ରୂପେ ମଧୁସୂଦନ ଦାସଙ୍କ ପ୍ରେରଣାରେ ଲୋଭନୀୟ ସରକାରୀ ଚାକିରି ନକରି ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷାର ସୁରକ୍ଷା ନିମିତ୍ତ ପ୍ରଥମ କର୍ମସ୍ଥଳୀ ଭାବେ ରସୋଲକୋଣ୍ଡା (ଆଜିର ଭଞ୍ଜନଗର) ଟ୍ରେନିଂ ସ୍କୁଲକୁ ବାଛି ନେଇଥିଲେ। ସେ ହେଲେ ସେଠାକାର ଓଡ଼ିଆ ପଣ୍ଡିତ। ଶିକ୍ଷକ ଭାବରେ ସେ ଅଧୋଗତି ହୋଇଥିବା ଓଡ଼ିଆ ଭାଷାର ପ୍ରୟୋଗକୁ ସୁଧାରି ଚାଲିଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଦାୟିତ୍ୱ ନେଇ ତାଙ୍କ ମନରେ ଭରି ଯାଇଥିଲା ଅପୂର୍ଣ୍ଣ ଆନନ୍ଦ।

ଉତ୍କଳ ସମ୍ମିଳନୀରେ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଉଥିଲା। ମାତ୍ର କେହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସ୍ୱର ଉତ୍ତୋଳନ କରିବାକୁ ସାହସ କରୁ ନଥିଲେ। ଉତ୍କଳ ସମ୍ମିଳନୀକୁ ଏକ ଭାଷାଭିତ୍ତିକ ଆନ୍ଦୋଳନରେ ସୀମିତ ରଖିଥିଲେ। ପ୍ରାରମ୍ଭରୁ ବିଶ୍ୱନାଥ ଥିଲେ ଏହାର ବ୍ୟତିକ୍ରମ। ୧୯୦୪ ଡିସେମ୍ବର ୩୦ ତାରିଖ ଉତ୍କଳ ସମ୍ମିଳନୀରେ ମଧୁବାବୁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ବଙ୍ଗଳାରେ ମିଶାଇବା ପାଇଁ ଏବଂ ଗୋପବନ୍ଧୁ ମଧ୍ୟପ୍ରଦେଶରେ ମିଶାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହି ସମୟରେ ସମବେତ ସଭ୍ୟଙ୍କ ମଧ୍ୟରେ ମହାଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ସେହି ଦିନ ଏକତାର ନିଶାଣ ଟେକି ଧରିଥିଲା ଗଞ୍ଜାମ। ଘୁମୁସରର ନରସିଂହ ମିଶ୍ର, ଆସିକାର ଓକିଲ ହରିହର ପଣ୍ଡା, 'ଆଶା'ର ସମ୍ପାଦକ ଶଶିଭୂଷଣ ରଥ ପ୍ରମୁଖ ଯୁବ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ 'ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ରାଜନୈତିକ ଶାସନ ଅଧୀନରେ ସାମିଲ କରିବାକୁ ହେବ'- ଏପରି ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଉକ୍ତ ପ୍ରସ୍ତାବଟି ଗୃହୀତ ହୋଇଥିଲା। ଏହିଠାରୁ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହା ପରଠାରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ନକ୍ସା ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଲକ୍ଷ୍ୟ ହାସଲ ପାଇଁ ନ୍ୟାୟିକ ସଂଗ୍ରାମ ଅବଧାରିତ ହୋଇଥିବାରୁ ସଂଗ୍ରାମ ପାଇଁ ଉପଯୁକ୍ତ ହେବାକୁ ୧୯୦୬ ମସିହାରେ ମାନ୍ଦ୍ରାଜ ଲ' କଲେଜରୁ ପ୍ଲିଡରସିପ୍ ହାସଲ କରି ଆସିକାକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ସେହିଠାରୁ ଜାତୀୟ ଆନ୍ଦୋଳନକୁ ବିସ୍ତାରିତ କରିବାର ଚେଷ୍ଟା ଜାରି ରହିଥିଲା। ଗଞ୍ଜାମ ଉତ୍କଳ ସମିତିର ଏକ ସ୍ୱତନ୍ତ୍ର ବୈଠକରେ ବିଶ୍ୱନାଥ ମିଶ୍ର ଓ ହରିହର ପଣ୍ଡା ଓକିଲ ଦ୍ୱୟ ଓଡ଼ିଆ ଭାଷାକୁ ବ୍ୟବହାର କରିବା ପାଇଁ ଅନ୍ୟ ଓକିଲମାନଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବ ଗ୍ରହଣ କରାଇବାରେ ସଫଳ ହୋଇଥିଲେ। ଗଞ୍ଜାମର ସମସ୍ତ ରାଜା ଓ ଜମିଦାରମାନଙ୍କୁ ଏକତ୍ରିତ କରି ଓଡ଼ିଆ ଆନ୍ଦୋଳନର ମୂଳଦୁଆ ପକାଇ ଥିଲେ।

ସଫଳତାର ସହିତ ଓକିଲାତି କରିବା ପରେ ୧୯୧୦ ମସିହାରେ ଲଣ୍ଡନର 'ମିଡିଲ ଟେମ୍ପଲ୍'ରେ ବାରିଷ୍ଟର ପଢ଼ିବା ପାଇଁ ଯୋଗ୍ୟତା ଅର୍ଜନ କରି ଦୁଇ ବର୍ଷର ପାଠ୍ୟକ୍ରମ ସାରି ଓଡ଼ିଶାର ପ୍ରଥମ ବାରିଷ୍ଟର ହୋଇ ଓଡ଼ିଶା ଫେରିଥିଲେ। ତାଙ୍କ ସହପାଠୀ ଥିଲେ ଜନନାୟକ ବଲ୍ଲଭ ଭାଇ ପଟେଲ। ୧୯୧୩ ଜାନୁଆରୀ ୭ ତାରିଖ ଦିନ ବାରିଷ୍ଟର ଭାବେ ସେଠା ନ୍ୟାୟାଳୟର ବାର୍‌ରୁ ଡାକରା ପାଇଥିଲେ। ସେହି ସମୟରେ ପଞ୍ଚମ ଜର୍ଜଙ୍କ ସହିତ ସାକ୍ଷାତ କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ତାଙ୍କ ଚେଷ୍ଟା ଫଳରେ ମିଷ୍ଟର ମ୍ୟାକ୍‌କ୍ୟାଲାମ୍ ସ୍କଟ୍ ଏମ୍‌ପି ହାଉସ୍ ଅଫ୍ କମନ୍‌ସରେ ଓଡ଼ିଆମାନଙ୍କ ସମସ୍ୟା ଉତ୍ଥାପନ କରିଥିଲେ। ମିଷ୍ଟର ଇଏସ୍ ମଣ୍ଟେଗୁ ଅଣ୍ଡର ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସପକ୍ଷରେ ମତବ୍ୟକ୍ତ କରିଥିଲେ। ଏଥିରୁ ସ୍ପଷ୍ଟ ପ୍ରତିଫଳିତ ହେଉଛି କି ତାଙ୍କର ପ୍ରଚେଷ୍ଟା ଓଡ଼ିଆମାନଙ୍କ ଏକତ୍ରୀକରଣ କାର୍ଯ୍ୟର ପରିସର କେବଳ ଗାମ ତଥା ଓଡ଼ିଶାରେ ସୀମିତ ନହୋଇ ସୁଦୂର ଇଂଲଣ୍ଡରେ ଆଲୋଡ଼ନ ସୃଷ୍ଟି କରି ପାରିଥିଲା।

ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କର 'ଉତ୍କଳ ଭ୍ରମଣ' ବହିରେ ବିଶ୍ୱନାଥ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଯାଇ ଲେଖିଥିଲେ- 'ଉଏଲ୍ ମିଷ୍ଟର ବିଏନ୍ ମିଶ୍ର ଗୁଡ୍‌ବାଇ ଗୁଡ୍‌ବାଇ, ଭଲ ଆଦର୍ଶଟା ଏକା ଗଲ ତ ଦେଖାଇ... ଦୁଃଖିନୀ ଜନମ ଭୂମି ନ ଭୁଲିବ ଭାଇ।' ଫକୀର ମୋହନ ବିଶ୍ୱନାଥଙ୍କଠାରେ ଯେଉଁ ଆଶା ପୋଷଣ କରିଥିଲେ, ତାଙ୍କ ଜୀବନ ଚରିତ ଅନୁଧ୍ୟାନ କଲେ ଜଣାଯାଏ, ସେ ଆଶା କଦାପି ବ୍ୟର୍ଥ ହୋଇନାହିଁ।

କଲିକତା ହାଇକୋର୍ଟରେ ବାରିଷ୍ଟର ଭାବରେ ବିଶ୍ୱନାଥ ନିଜର ବୃତ୍ତି ଆରମ୍ଭ କରିଥିଲେ। ସେତେବେଳେ କୌଣସି ଓଡ଼ିଆ କଲିକତାରେ ଓକିଲାତି କରୁ ନଥିଲେ। କଲିକତା



ଜନ୍ମ ତିଥି ଅବସରରେ

ଅବସ୍ଥାନ କାଳରେ 'ଉତ୍କଳ ସମିତି'ର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ପରବର୍ତ୍ତୀ କାଳରେ ଓଡ଼ିଶାକୁ ବଙ୍ଗ ପ୍ରଦେଶରୁ ଅଲଗା କରି ବିହାରରେ ସାମିଲ କରାଯିବାରୁ ସେ ପାଟନା ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ତତ୍ପରେ କଟକକୁ ମୁଖ୍ୟ କର୍ମକ୍ଷେତ୍ରରେ ପରିଣତ କରିଥିଲେ। ୧୯୧୪ ମସିହାରେ ଚିକିଟିପେଣ୍ଠରେ ଶ୍ରୀ ନୀଳମଣି ବିଦ୍ୟାରତ୍ନ ଏକ ପଣ୍ଡିତ ସଭା ଡକେଇ ବିଶ୍ୱନାଥଙ୍କୁ 'ଉତ୍କଳରତ୍ନ' ଉପାଧିରେ ବିଭୂଷିତ କରାଇ ଥିଲେ, ଯାହାର ପ୍ରଶଂସା ଗାନ ସମଗ୍ର ବିଚ୍ଛିନ୍ନାଞ୍ଚଳ ଏବଂ ଓଡ଼ିଶା ଡିଭିଜନର କୋଣେ, କୋଣେ କରାଯାଇଥିଲା।

ବିଶ୍ୱନାଥଙ୍କ ପ୍ରଚେଷ୍ଟାରେ ମୟୂରଭଞ୍ଜ ମହାରାଜା ବିଜ୍ଞାନ ଗବେଷଣାଗାର ଏବଂ କନିକା ରାଜା ସାହେବ କନିକା ପାଠାଗାର ରେଭେନ୍ସା କଲେଜରେ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ସୋନପୁର ମହାରାଜା ତାଙ୍କ ଉଦ୍ୟମରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ କଲିକତା ବିଶ୍ୱବିଦ୍ୟାଳୟରେ ଓ ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ଶାନ୍ତିନିକେତନରେ ଏକ ପଦବୀ ସ୍ଥାପନ କରିଥିଲେ।

୧୯୦୩ରୁ ବିଶ୍ୱନାଥ ଉତ୍କଳ ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ ଅତି କର୍ମଠ ଭାବେ ଯୋଗଦାନ କରିଥିଲେ ୧୯୨୧ ମସିହା ଚକ୍ରଧରପୁରରେ ଅନୁଷ୍ଠିତ ଅଧିବେଶନ ଯାଏଁ। ମଝିରେ କେବଳ ବାରିଷ୍ଟର ପଢ଼ିବା ସମୟତକ ସମ୍ମିଳନୀରେ ଯୋଗ ଦେଇ ପାରି ନଥିଲେ। ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ ସେ ବିଭିନ୍ନ ପ୍ରସ୍ତାବମାନଙ୍କର ପ୍ରସ୍ତାବକ, ଅନୁମୋଦକ ବା ସମର୍ଥକ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ଦ୍ୱାରା ଆନୀତ ପ୍ରସ୍ତାବମାନଙ୍କ ମଧ୍ୟରେ ରେଭେନ୍ସା କଲେଜରେ ଆଇନ୍ ଶିକ୍ଷାର ପ୍ରବର୍ତ୍ତନ, କଟକରେ ଇଞ୍ଜିନିୟରିଂ ଶିକ୍ଷାର ପ୍ରଚଳନ ଆଦି ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା। ୧୯୨୧ ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅଧିବେଶନରେ ଗୋପବନ୍ଧୁ ସମ୍ମିଳନୀକୁ ଭାରତୀୟ କଂଗ୍ରେସରେ ଅଙ୍ଗୀଭୂତ କରିବାକୁ ପ୍ରସ୍ତାବ ଦେଇଥିଲେ। ବହୁ ବାଦ ବିବାଦ ପରେ ଉତ୍କଳ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ମିଶାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ବିଶ୍ୱନାଥ ମିଶ୍ର, ବ୍ରଜସୁନ୍ଦର ଦାସ, ବିଶ୍ୱନାଥ କର ପ୍ରଭୃତି ସମ୍ମିଳନୀକୁ ପରିତ୍ୟାଗ କରିଥିଲେ। ସମ୍ମିଳନୀର ସ୍ରଷ୍ଟା ମଧୁବାବୁ ମଧ୍ୟ ନିଜକୁ ନିରବରେ ନିଜ ସୃଷ୍ଟିଠାରୁ ଦୂରେଇ ନେଲେ।

୧୯୨୨ ମସିହା ଏବଂ ୧୯୩୦ ମସିହାରେ କେନ୍ଦ୍ର ବ୍ୟବସ୍ଥା ସଭାରେ ନିର୍ବାଚିତ ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ସେହି ସମୟରେ ବ୍ରିଟିଶ ସାମ୍ରାଜ୍ୟବାଦୀ ସରକାରର ଦମନ, ଟିକସ ବ୍ୟବସ୍ଥା, ସୈନ୍ୟବାହିନୀର ଅତିରିକ୍ତ ଖର୍ଚ୍ଚ, ସତ୍ୟାଗ୍ରହୀଙ୍କ ଉପରେ ଜୁଲୁମ, ରେଲବାଇରେ ଓଡ଼ିଆମାନଙ୍କ ସ୍ୱଳ୍ପ ନିଯୁକ୍ତିର ତୀବ୍ର ସମାଲୋଚନା କରିବା ସହିତ ଓଡ଼ିଆମାନଙ୍କ ସ୍ୱାର୍ଥ, ଓଡ଼ିଶା ସହିତ ତା'ର ବିଚ୍ଛିନ୍ନାଞ୍ଚଳଗୁଡ଼ିକର ଏକତ୍ରୀକରଣ ଉପରେ ବାରମ୍ବାର ପ୍ରଶ୍ନ ଉତ୍ଥାପନ କରୁଥିବାରୁ ବ୍ୟବସ୍ଥାପକ ବନ୍ଧୁମାନେ ତାଙ୍କୁ 'ମିଷ୍ଟର ଓଡ଼ିଶା' ଭାବରେ ସମ୍ବୋଧନ କରୁଥିଲେ।

ଭଗତ୍ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ରାତ୍ରିରେ ସନ୍ଦେହଜନକ ପରିସ୍ଥିତିରେ ଫାଶୀ ଦେବାର ପର ଦିନ, ଅର୍ଥାତ୍ ମାର୍ଚ୍ଚ ୨୪ ତାରିଖ ଦିନ ବ୍ୟବସ୍ଥାପକ ସଭାର ବାତାବରଣ ବିକ୍ଷୁବ୍ଧ ହୋଇ ପଡ଼ିଥିଲା। ସେତେବେଳେ ବିରୋଧୀ ଦଳ ଥିଲେ ଜାତୀୟବାଦୀ ଦଳ। ଏଥିରେ ବିଶ୍ୱନାଥ ସାମିଲ ଥିଲେ। ଏହି ଅବସରରେ ବାରିଷ୍ଟର ମିଶ୍ର କହିଥିଲେ, 'ମହାଶୟ, ଭାରତର ଏହି ତିନି ଜଣ ମହାନ୍ ଦେଶପ୍ରେମୀ ଯୁବକଙ୍କର ଫାଶୀ ଦଣ୍ଡ ଭାରତରେ ସ୍ୱାଧୀନତା ଆନ୍ଦୋଳନ ପାଇଁ କେବଳ ଅପମାନ ନୁହେଁ, ଏହା ସମସ୍ତ ବ୍ରିଟିଶ ଶାସନ ପାଇଁ ଏକ କଳଙ୍କର ଟୀକା। ଏଭଳି ପରିସ୍ଥିତିରେ ଏହି ସଭାରେ ବିତର୍କ ଓ ଆଲୋଚନାରେ ଭାଗ ନେବାର କୌଣସି ମୂଲ୍ୟ ନାହିଁ। ଆଜି ଆମ୍ଭମାନଙ୍କର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ତ ଭାରତବର୍ଷ ଶୋକରେ, କ୍ରୋଧରେ, ଅପମାନରେ ଜର୍ଜରିତ। ତେଣୁ ଏଭଳି ପରିସ୍ଥିତିରେ କୌଣସି ବିତର୍କରେ ଭାଗ ନେବା ଅବସ୍ଥାରେ ଆମ୍ଭେମାନେ ନାହୁଁ। ଏହା ପରେ ସମସ୍ତ ଜାତୀୟବାଦୀ ଦଳ ସଭା କକ୍ଷ ତ୍ୟାଗ କରିଥିଲେ।

୧୯୨୪ ମସିହାରେ ବିଶ୍ୱନାଥଙ୍କ ପ୍ରଗାଢ଼ ଅଧ୍ୟବସାୟ ଓ ଅଦମ୍ୟ ନିଷ୍ଠା ଯୋଗୁଁ 'ଫିଲିପ୍-ଡଫ୍' କମିଟି ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ବିଷୟରେ ଏକ ସୁଚିନ୍ତିତ ମତାମତ ଦେଇ ସୁପାରିସ କରିଥିଲେ। ୧୯୨୭-୨୮ ମସିହାରେ 'ସାଇମନ୍ କମିଶନ'କୁ ଭାରତ ତଥା ଓଡ଼ିଶାର ବୁଦ୍ଧିଜୀବୀ ଓ କଂଗ୍ରେସର ଜନନେତାମାନେ ଅସହଯୋଗ କରିଥିଲେ ମଧ୍ୟ ବିଶ୍ୱନାଥ ମିଶ୍ର, ବ୍ରଜସୁନ୍ଦର ଦାସ ପ୍ରଭୃତି ପାଟନାରେ ତାଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଦୃଢ଼ ଦାବି ଉପସ୍ଥାପନ କରିଥିଲେ, ଯାହା ଫଳରେ 'ସାଇମନ୍ କମିଶନ' ମେଜର ଅଟଲୀଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରିଥିଲେ। ତାଙ୍କ ସହିତ ଓଡ଼ିଆମାନଙ୍କ ପ୍ରତିନିଧି ଭାବରେ ବିକ୍ରମଦେବ ବର୍ମା ଏବଂ ବାରିଷ୍ଟର ବିଶ୍ୱନାଥ ସାକ୍ଷାତ୍ କରି ଏକ ବଳିଷ୍ଠ ସ୍ମାରକପତ୍ର ବିଶାଖାପାଟଣାରେ ପ୍ରଦାନ କରିଥିଲେ। ୧୯୩୧ ମସିହାରେ 'ଓଡନେଲ କମିଶନ' ସୀମା ନିର୍ଦ୍ଧାରଣ ପାଇଁ କାର୍ଯ୍ୟ କରିବା ସମୟରେ ପ୍ରତ୍ୟକ୍ଷ ସହଯୋଗ କରିଥିଲେ। ତାଙ୍କ ପରାମର୍ଶ ଓ ମତାମତ ପାଇଁ ସମ୍ମାନ ଦେଉଥିଲେ। ୧୯୩୨ ମସିହାରେ ସିମ୍‌ଲାଠାରେ ଅନ୍ୟ ଓଡ଼ିଆପ୍ରେମୀଙ୍କ ସହିତ ବିଶ୍ୱନାଥ ମିଶ୍ର ବଡ଼ଲାଟଙ୍କୁ ସାକ୍ଷାତ୍ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କହିଥିଲେ। ୧୯୩୩ ମସିହା ସେପ୍ଟେମ୍ବର ୧୯ ତାରିଖ ମହାଳୟା ତିଥିରେ ସିମ୍‌ଲାଠାରେ ଏହି ମହାନ୍ କର୍ମବୀରଙ୍କର ୫୫ ବର୍ଷ ବୟସରେ ଜୀବନାବସାନ ଘଟିଥିଲା। ■

ମୋ: ୯୮୫୩୯୪୬୮୮୧

## ନିର୍ବାଚନୀ ରଣାଙ୍ଗନରେ ଏନ୍‌ଡିଏ-ଇଣ୍ଡିଆ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା, ଦୁଇଗୋଟି ଲୋକସଭା ଏବଂ ୪୮ଟି ବିଧାନସଭାର ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ସବୁକିଛି ପ୍ରସ୍ତୁତି ସରିଛି। ଏହିସବୁ ନିର୍ବାଚନର ଫଳାଫଳ ଅନେକ କିଛି ବାର୍ତ୍ତା ସମସ୍ତଙ୍କ ସମ୍ମୁଖକୁ ଆଣିବାକୁ ଯାଉଛି ଯାହା ଅତୀତରେ ହୋଇ ଯାଇଥିବା ନିର୍ବାଚନ ସମ୍ପର୍କରେ କିଛି ବୟାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ହେବାକୁ ଯାଉଥିବା ନିର୍ବାଚନଗୁଡ଼ିକ ସମ୍ପର୍କରେ ଏକ ସୂଚନା ଭାବରେ କାର୍ଯ୍ୟ କରିବ। ଏହି ନିର୍ବାଚନ ପ୍ରାୟତଃ ୨୦୨୪ ନିର୍ବାଚନର ପୁନରାବୃତ୍ତି ହେବ, ଯେଉଁଠି ଏକ ମିଳିତ ଶକ୍ତି ଭାବରେ ଇଣ୍ଡିଆ ମେଣ୍ଟ ଏନ୍‌ଡିଏ ମେଣ୍ଟକୁ ସାମ୍‌ନା କରିଥିଲା, ଯାହାର ନେତୃତ୍ୱ ନେଉଥିଲେ ବିଜେପି ଏବଂ ଏହାର ମାଷ୍ଟର ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଲୋକସଭା ନିର୍ବାଚନ ଭଳି ମହାରାଷ୍ଟ୍ରର ମହା ବିକାଶ ଅଘାଡ଼ି ଯାହାକି ଇଣ୍ଡିଆ ମେଣ୍ଟ ପୂର୍ବରୁ ଗଠିତ ହୋଇଥିଲା, ଯଦିଓ ସେଥିରେ ସଦସ୍ୟମାନଙ୍କ ଭିତରେ କିଛିଟା ଛୋଟ ଛୋଟ ମତଭେଦ ରହିଛି, ତେବେ ତାହା ବର୍ତ୍ତମାନ ଏକ ପରିପକ୍ୱ ଏକତା ମେଣ୍ଟରେ ପରିଣତ ହୋଇ ସାରିଛି, ଯାହା ରାଜନୀତିକ ମେଣ୍ଟମାନଙ୍କ ଭିତରେ ସାଧାରଣତଃ ଉପୁଜୁଥିବା ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରିବାରେ ସକ୍ଷମ। ସେହିପରି ଝାଡ଼ଖଣ୍ଡରେ ଜେଏମ୍‌ଏମ୍‌ର ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ଏବଂ ଗିରଫ ହେବା ଓ ଜେଲ୍‌ରୁ ବାହାରିବା ପରେ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବା ସେହି ରାଜ୍ୟରେ ଆଗାମୀ ସମୟରେ ଆସିବାକୁ ଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ନିମନ୍ତେ ବାସ୍ତବବାଦୀ ଆଭିମୁଖ୍ୟ ଆପଣାଇବା କ୍ଷେତ୍ରରେ ଇଣ୍ଡିଆ ମେଣ୍ଟ ପାଇଁ ସହାୟକ ହୋଇଛି। ଏହି ଦୁଇ ରାଜ୍ୟର ନିର୍ବାଚନ ସହିତ ଉତ୍ତରପ୍ରଦେଶର ନଅ ଗୋଟି ଆସନ, ରାଜସ୍ଥାନ ବିଧାନସଭାର ସାତ ଗୋଟି ଆସନ ଏବଂ ଅନ୍ୟାନ୍ୟ ୧୩ ଗୋଟି ରାଜ୍ୟର ଖାଲି ପଡ଼ିଥିବା ଆସନଗୁଡ଼ିକ ପାଇଁ ଉପନିର୍ବାଚନ କରାଯିବାକୁ ମଧ୍ୟ ସ୍ଥିର ହୋଇ ସାରିଛି।

୨୦୨୪ ଲୋକସଭା ନିର୍ବାଚନ ବେଳେ ବିଜେପି ବହୁତ ବାହାସ୍ଫୋଟ ମାରି କହୁଥିଲା ଯେ ଏହା ୩୭୦ ଆସନରେ ବିଜୟୀ ହୋଇ ରେକର୍ଡ କରିବ। କିନ୍ତୁ ଏହି ନିର୍ବାଚନରେ ଦଳ ଏକାକୀ ନିଜ ବଳରେ ସରକାର ଗଠନ କରିବା ପାଇଁ ସଂଖ୍ୟା ଗରିଷ୍ଠତା ମଧ୍ୟ ହାସଲ କରି ପାରିଲା ନାହିଁ। ଆଉ ଏଥିପାଇଁ ଦଳର ସବୁଠୁ ବଡ଼ ଶକ୍ତି ଭାବରେ ବିବେଚିତ ରାଜ୍ୟଗୁଡ଼ିକ ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ହରିୟାନାର ଫଳାଫଳ ଅଧିକ ପରିମାଣରେ ଦାୟୀ ହେଲା। ତେବେ ଦଳର ନେତୃବୃନ୍ଦ ଏବଂ ଏହାର କ୍ୟାଡରମାନେ ନିରାଶାକୁ ବରଣ କରି ନେଇ ନଥିଲେ, ବରଂ ତା' ପରିବର୍ତ୍ତେ ଅତି କଠୋର ପରିଶ୍ରମ କରିଥିଲେ ଯାହାର ପରିଣତି ଏବେ ସମସ୍ତଙ୍କ ସାମ୍ନାରେ- ନିକଟରେ ହରିୟାନା ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ଓ ସରକାର ଗଠନ। ଏହି ନିର୍ବାଚନ କେବଳ ନିର୍ବାଚନୀ ବିଶେଷଜ୍ଞଙ୍କ ପାଇଁ ନୁହେଁ, ବିଜେପି ପାଇଁ ମଧ୍ୟ ଆଶ୍ଚର୍ଯ୍ୟଜନକ ପରିଣତି ଆଣି ଦେଇଛି, କାରଣ ଦଳ ନିଜ ବଳରେ ବିଜୟ ଲାଭ କରିବା ସଙ୍ଗେ ସଙ୍ଗେ ଭୋଟ୍ ଏବଂ ଆସନ ସଂଖ୍ୟାରେ ଉନ୍ନତି ଘଟାଇବାରେ ସକ୍ଷମ ହୋଇଛି, ଏପରିକି ସମ୍ପୃକ୍ତ ରାଜ୍ୟରେ ସରକାରୀ ବିରୋଧୀ ହାୱା ବହୁଥିବା ସତ୍ତ୍ୱେ ତଥା ବେକାରୀ ସମସ୍ୟା ବ୍ୟାପକ ହୋଇଥିଲେ ସୁଦ୍ଧା। ହରିୟାନା ବିଧାନସଭାର ବିଜୟ ଦଳ ପାଇଁ ଏକ ଶକ୍ତିବର୍ଦ୍ଧକ ଭାବରେ କାମ କରିଛି, ଆଉ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଦଳମାନଙ୍କୁ ମାତ୍ ଦେବାକୁ ପ୍ରସ୍ତୁତ ହେଉଛି। ଏହା ନିକଟରେ ମଧ୍ୟ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ପ୍ରମାଣିତ କରିବାକୁ ଆହ୍ୱାନଟିଏ ରହିଛି- ଯେ ସାଧାରଣ ଜନତାଙ୍କ ଉପରେ ଏହାର ପ୍ରଭାବ ଏବେ ବି ସମ୍ପୂର୍ଣ୍ଣ କ୍ଷୁଣ୍ଣ ହୋଇନାହିଁ।

ଇତ୍ୟବସରରେ କଂଗ୍ରେସ ଆତ୍ମ-ପରାଜୟର ପଥଗୁଡ଼ିକୁ ଆବିଷ୍କାର କରିବାରେ ବ୍ୟସ୍ତ ଥିଲା। ଯେଉଁ ଦଳ ୨୦୨୩ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟରୁ କିଛି ଶିକ୍ଷାଲାଭ କରିଥିଲା, ତାହା ଇଣ୍ଡିଆ ମେଣ୍ଟକୁ ଅଧିକ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ଉଦ୍ୟମ କଲା ଏବଂ ଏହାର ଫଳାଫଳ ୨୦୨୪ ଲୋକସଭା ନିର୍ବାଚନରେ ପ୍ରତିଫଳିତ ହେଲା। କିନ୍ତୁ କଂଗ୍ରେସର ନେତାମାନେ, ଯେଉଁମାନେ କି ବିଶ୍ୱାସ କରୁଥିଲେ ଯେ ସେମାନଙ୍କର ଦଳ ନିକଟରେ ଅଧିକାର ରହିଛି କ୍ଷମତାକୁ ହାତକୁ ନେବାକୁ, ସେମାନେ ଲୋକମାନଙ୍କୁ ତଥା ନିଜର କ୍ୟାଡରମାନଙ୍କୁ ଅଣଦେଖା କରିବାକୁ ଆରମ୍ଭ କଲେ, ନିଜ ନିଜ ଭିତରେ ଆରମ୍ଭ କରିଦେଲେ ଅନ୍ତଃକନ୍ଦଳ, ଆଉ ପରିଣତିରେ ହରିୟାନାରେ ନିଜର ଚିର ଶତ୍ରୁ ନିକଟରେ ଆତ୍ମସମର୍ପଣ କରିବା ଭଳି କାର୍ଯ୍ୟ କଲେ। ଦଳ ବର୍ତ୍ତମାନ ହୁଏତ ବାସ୍ତବତାକୁ ଗ୍ରହଣ କରିବ ଯେ ଏହା ସପ୍ତାହର ସାତ ଦିନଯାକ ଦିନର ଚବିଶ ଘଣ୍ଟା କାମ କରୁଥିବା ଦଳ ବିରୁଦ୍ଧରେ ଲଢ଼ିବାକୁ ଯାଉଛି, ଯାହା ପାଖରେ ଅସୀମ ସମ୍ବଳ ରହିଛି ନିଜର ମିତ୍ର ଦଳମାନଙ୍କ ରୂପରେ ନଚେତ୍ ଜଣକ କଥାକୁ ଅନେଇ ବସି ଖେଳ ଖେଳିବ, ଯେମିତି ଏହା ଖେଳିଥିଲା ହରିୟାନାରେ ଓ ପରିଣତି କ'ଣ ହେଲା, ତାହା ଭଲ ଭାବରେ ଜାଣିଛି। ପୁନଶ୍ଚ, ଦେଶର ଏହି ସର୍ବପୁରାତନ ଦଳ ଏବେ ଅନୁଭବ କରିବା ମଙ୍ଗଳପ୍ରଦ ହେବ ଯେ ଯେଉଁସବୁ ସ୍ଥାନର ସମ୍ପ୍ରତି ନିର୍ବାଚନ ହେବାକୁ ଯାଉଛି, ସେସବୁରେ ନିଜ ମେଣ୍ଟ ଭିତରେ ଏହା ହେଉଛି ସର୍ବକନିଷ୍ଠ ଅଂଶୀଦାର। ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ମହାରାଷ୍ଟ୍ରରେ ଗୋଟିଏ ଏବଂ ଝାଡ଼ଖଣ୍ଡରେ ଦୁଇଗୋଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ କରାଇବାକୁ ଘୋଷଣା କରି ସାରିଛନ୍ତି। ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ କି, କମିଶନ ମହାରାଷ୍ଟ୍ରରେ ପାଞ୍ଚ ଗୋଟି ଏବଂ ଝାଡ଼ଖଣ୍ଡରେ ଚାରି ଗୋଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ କରାଇ ଥିଲେ। ବିରୋଧୀ ଦଳମାନେ ସେତେବେଳେ ଏଭଳି ଏକ ଲମ୍ବା ସମୟ ଅବଧି ନେଇ ନିର୍ବାଚନ କରାଇବାର କାରଣ ଉପରେ ପ୍ରଶ୍ନ ଉଠାଇ ଥିଲେ। ନିର୍ବାଚନ କମିଶନ ଏଭଳି ଏକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ଯେପରିକି ନିର୍ବାଚନୀ କାର୍ଯ୍ୟସୂଚୀଗୁଡ଼ିକ ଏକ ତାର୍କିକ ଶୈଳୀକୁ ଅନୁସରଣ କରୁଥିବ। ■

## ଭରସା ଓ ବିଶ୍ୱାସର ଏଇ ଜୀବନ

ସାରା ଜୀବନ ଆମେ କାହା ଉପରେ ନା କାହା ଉପରେ ଭରସା ଓ ବିଶ୍ୱାସ କରିଥାଉ। ଭରସା, ବିଶ୍ୱାସ ନକଲେ ଚଳିବା କଷ୍ଟ ହୋଇପଡ଼େ। ସେ ସମାଜ ହେଉ କି ପ୍ରକୃତି, କାହା ଉପରେ ନା କାହା ଉପରେ ଭରସା ଓ ବିଶ୍ୱାସ ରଖିବାକୁ ହୁଏ। ବାରିକ ଉପରେ ଭରସା ଥାଏ ବୋଲି ତା'ର ଦାଢ଼ୁଆ, ତୀକ୍ଷ୍ଣ କ୍ଷୁର ଆମ ଶରୀରରେ ଚଳାଏ। ଯଦି ବାରିକ ଗଳା କାଟିଦେବାର ଭୟ ଥାଆନ୍ତା, ହୁଏତ ଆମେ ତା' ପାଖକୁ ଯାଇ ନଥାନ୍ତୁ ବା ଅନ୍ୟ କିଛି ବ୍ୟବସ୍ଥା କରି ଥାଆନ୍ତୁ। ଡାକ୍ତରଙ୍କ ଉପରେ ଭରସା ଥାଏ ବୋଲି ଅପରେସନ୍ ଥିଏଟରରେ ମଣିଷ ଶିରକୁ ଚିରି, କାଟି ପକାନ୍ତି; ପୁଣି ଯୋଡ଼ି ଦିଅନ୍ତି। ଗାଡ଼ିରେ ଡ୍ରାଇଭର ଉପରେ ଭରସା ଥାଏ ବୋଲି ଆମେ ସେଥିରେ ଆରାମ ଓ ନିର୍ଭୟରେ ବସିଥାଉ। ଖାଇବା ଦୋକାନ ଉପରେ ଭରସା ଅଛି ବୋଲି ସେ ବାଢ଼ି ଦେଉଥିବା ଜିନିଷ ଆନନ୍ଦରେ ଖାଇ- ପିଇ ଫେରିଆସୁ। ପୁଣି ପ୍ରକୃତି ଉପରେ ଭରସା ଅଛି ବୋଲି ତା'ର ଫୁଲ, ଫଳକୁ ଆମେ ଆଦରରେ ଖାଦ୍ୟ ରୂପରେ ଗ୍ରହଣ କରୁ। ବିଶ୍ୱାସ ଓ ଭରସା ହେଉଛି ଜୀବନର ଦୁଇଟି ପାଦ। ଯାହା ଉପରେ ବିଶ୍ୱାସ ଆସିଯାଏ, ସେଇଠି ଭରସାଟି ଆପଣା ଛାଏଁ ଜମାଟ ବାନ୍ଧେ। ବେଳେବେଳେ ଅନ୍ୟକୁ ଦେଖି ଆମର ଭରସା ଓ ବିଶ୍ୱାସ ଦୃଢ଼ୀଭୂତ ହୁଏ।

ପଦାରବିନ୍ଦ

ପରିଣତ ବୟସରେ ବାଡ଼ି ଧରି ଛୋଟେଇ ଛୋଟେଇ ଚାଲୁଥିବା ମଣିଷଟିର ଗୋଡ଼ରେ କିଛି କପଡ଼ା ଗୁଡ଼ା ହୋଇଥିଲା। ମୁହଁରେ ଅପୂର୍ବ ହସ। ଖୁବ୍ ଖୁସି ଜଣା ଯାଉଥିଲେ। ସେହି ରାସ୍ତାରେ ଯାଉଥିବା ଅନ୍ୟ ଲୋକ ମଧ୍ୟ ଏତେ ହସି ପାରୁ ନଥିଲେ ବା ଖୁସି ବି ନଥିଲେ। ଜଣେ ସେ ବୟସ୍କ ଛୋଟା ମଣିଷଙ୍କୁ ପଚାରିଲେ- 'ଆପଣଙ୍କ ଗୋଡ଼ ଭାଙ୍ଗି ଯାଇଛି। ଅନ୍ୟମାନଙ୍କ ଭଳି ଭଲରେ ଚାଲି ପାରୁ ନାହାନ୍ତି। ବାଡ଼ି ଧରି ଛୋଟେଇ ଛୋଟେଇ ଚାଲୁଛନ୍ତି। ତଥାପି ଏତେ ଖୁସି ଅଛନ୍ତି କେମିତି ?'
ବୟସ୍କ ଉତ୍ତର ଦେଲେ- 'ମୋ ପାଖରେ ମୋ ପ୍ରଭୁ ଅଛନ୍ତି। ସେ ଥିଲେ କ'ଣ କାହାକୁ ଦୁଃଖ ଜଣାପଡ଼େ ? ସିଏ ପରା ଦୁଃଖ ହରଣକାରୀ। ଏଇ ଦେଖୁନା, ସେ କୁକୁରର ଦୁଇଟା ଗୋଡ଼ ଭାଙ୍ଗି ଯାଇଛି। ସେ ଷଣ୍ଢର ଗୋଟିଏ ଗୋଡ଼ ଛୋଟା। ସେମାନେ ତ ମୋ ଭଳି ବାଡ଼ିକୁ ଆଶ୍ରା ନକରି ଚାଲି ପାରୁଛନ୍ତି। କଥା କହି ମନର ଭାବ ବ୍ୟକ୍ତ କରି ପାରୁ ନାହାନ୍ତି। ମୁଁ ତ ପଦେ କଥା କହିଲେ ମୋତେ ସାହାଯ୍ୟ ମିଳି ଯାଉଛି। ପୁଣି ମୋତେ ତ ମୋ ପ୍ରଭୁ ବାଡ଼ି ଖଣ୍ଡେ ଦେଇଛନ୍ତି। ଯଦି ସେ ଜୀବମାନେ ଏତେ ଦୁଃଖରେ ଥାଇ ନିଜ କାମ କରୁଛନ୍ତି, ସେମାନଙ୍କ ତୁଳନାରେ ମୋ ପ୍ରଭୁ ଏମିତି ମୋତେ କେତେ ଦୁଃଖ ଦେଇଛନ୍ତି କି ? ମୋ ଦୁଃଖ କିଛି ନୁହେଁ। ଅନ୍ୟ ଜୀବମାନେ ଯଦି ନିଜ କାମ ନିଜେ କରୁଛନ୍ତି, ତେବେ ମୁଁ ମଣିଷ ହୋଇ କାହିଁକି ଭାଙ୍ଗି ପଡ଼ିବି ? ପ୍ରଭୁଙ୍କ ଉପରେ ଭରସା ଓ ବିଶ୍ୱାସ କରି ଜୀବନର ନିଆରା ସ୍ୱାଦ ଚାଖୁଛି। ଯାବତ ଆସିଛି। ଆଗକୁ ମୋ ପ୍ରଭୁ ମୋ ଦାୟିତ୍ୱ ନିଶ୍ଚୟ ନେବେ। ସେଥିପାଇଁ ମୁଁ ଖୁସି ଅଛି।' ■

## କୀର୍ତ୍ତିମାନ ସଂଗ୍ରାମୀ: ଗୋବିନ୍ଦ ଚନ୍ଦ୍ର ମହାନ୍ତି

'ଜନ୍ମ ହେବା ଭାଗ୍ୟର ଫଳ, ମୃତ୍ୟୁ ଆସିବା ସମୟର ଫଳ। କିନ୍ତୁ ମୃତ୍ୟୁ ପରେ ବି ଲୋକଙ୍କ ହୃଦୟରେ ବଞ୍ଚି ରହିବା ନିଜ କର୍ମର ଫଳ।' ଶାସ୍ତ୍ରର ଏହି ଉକ୍ତିଟି ପ୍ରଚଣ୍ଡ ଆତ୍ମପ୍ରତ୍ୟୟ, ଗଭୀର ଆଶାବାଦର ପ୍ରତୀକ ରାଜନୀତିଜ୍ଞ, ବିପ୍ଳବୀ, ସାମ୍ବାଦିକ, ବାଗ୍ମୀ, ସାହିତ୍ୟିକ,



ସୁକାନ୍ତ କୁମାର ମହାନ୍ତି

ଲେଖକ, ଅନୁବାଦକ, ସଂସ୍କାରକ, ଓଜସ୍ୱିନୀ ବକ୍ତା, ସାମ୍ୟବାଦୀ ନେତା, ସୋଭିଏତ୍ ଦେଶ ନେହରୁ ପୁରସ୍କାର ବିଜେତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଜୀବନ କାଳରେ ସଂପୂର୍ଣ୍ଣ ସତ୍ୟ ପ୍ରମାଣିତ।

ଜଗତସିଂହପୁର ଜିଲ୍ଲା ସାତପୁରା ଗ୍ରାମରେ ପିତା ରାମଚନ୍ଦ୍ର ମହାନ୍ତି, ମାତା ଜମ୍ବୁବତୀ ଦେବୀଙ୍କ ଏକମାତ୍ର ପୁତ୍ର ଭାବେ ଜନ୍ମଗ୍ରହଣ କରିଥିଲେ ୧୯୧୫ ମସିହା ଅକ୍ଟୋବର ୧୮ ତାରିଖରେ। ସଂଘର୍ଷ ଓ ସମର୍ପଣ ଭାବ ପ୍ରତିଭାତ ହୋଇଥିଲା ଛାତ୍ରାବସ୍ଥାରୁ। ବ୍ରିଟିଶ ସରକାରକୁ ହଟାଇବାକୁ ସଂଘର୍ଷମୟ ସଂଗ୍ରାମରେ ନିଜକୁ ସାମିଲ କରିଥିଲେ ପ୍ୟାରୀମୋହନ ଏକାଡେମୀରେ ୮ମ ଶ୍ରେଣୀର ଛାତ୍ର ଥିଲା ବେଳେ। ସେତେବେଳେ ସମଗ୍ର ଓଡ଼ିଶାରେ ୧୪୦୦ ଛାତ୍ରଛାତ୍ରୀ ଦେଇଥିବା ମାଟ୍ରିକ ପରୀକ୍ଷାରେ ୧୩ ଜଣ ପ୍ରଥମ ଶ୍ରେଣୀ ସ୍ଥାନିତଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଥିଲେ ଜଣେ କୃତୀ ଛାତ୍ର। ଉତ୍କଳ ଗୌରବ ମଧୁବାବୁଙ୍କ ଶୋକସଭାରେ ଚିତ୍ତାକର୍ଷକ ସ୍ମୃତିଚାରଣ, ରେଭେନ୍ସା କଲେଜ ଟେନିସ୍ କୋର୍ଟ ସମାବେଶରେ ଦେଇଥିବା ମର୍ମସ୍ପର୍ଶୀ ବକ୍ତୃତା ପାଇଁ ନୀଳମଣି ରାଉତରାୟ ଓ ଗୋବିନ୍ଦ ମହାନ୍ତିଙ୍କୁ ୨୫ ଟଙ୍କା ଲେଖାଏଁ ଜୋରିମାନା କରି ଥାନାରେ ଏତଲା ଦେବା ହିଁ ବିରାଟ ଛାତ୍ର ଆନ୍ଦୋଳନକୁ ଜନ୍ମ ଦେଲା। କଲେଜ ଓ ସାମନ୍ତ ହଷ୍ଟେଲରୁ ବହିଷ୍କାର ହୋଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଘରେ ରହି ଛାତ୍ର ଆନ୍ଦୋଳନକୁ ବ୍ୟାପକ କରି ନିଜର ସଂଘର୍ଷମୟ ଜୀବନ ଆରମ୍ଭ କଲେ।

ଢେଙ୍କାନାଳ ପ୍ରଜା ଆନ୍ଦୋଳନ, ଜମିଦାର ଓ ଗଡ଼ଜାତ ମୁକ୍ତ ଆନ୍ଦୋଳନ, ଦେଶୀୟ ରାଜାଙ୍କ ବିରୋଧରେ ପ୍ରଜା ମେଳି, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଫସଲ ଅମଳ, ଜମିର ଗଛ ଓ ପୋଖରୀର ମାଛ ଉପରେ ପ୍ରଜାଙ୍କ ଅଧିକାର ପାଇଁ ଲଢ଼େଇ, ଭୁବନ ଓ ନୀଳକଣ୍ଠପୁର ଗୁଳିକାଣ୍ଡର ପ୍ରତିବାଦ, ସହିଦ ବାଜି ରାଉତ ଶବର ଶଗଡ଼ିଆ ଭାବେ ପରିଚିତ, ଅଗଷ୍ଟ ୯ ତାରିଖ ପ୍ରତ୍ୟୁଷରୁ ସମୂହ କାରାବରଣ, ସାଇକେଲ ଧରି ବିପ୍ଳବ ବାର୍ତ୍ତା ପ୍ରସାର ନିମନ୍ତେ ୫୦ ଖଣ୍ଡ ଗ୍ରାମ ଭ୍ରମଣ, ବିଭିନ୍ନ ଛଦ୍ମବେଶ- ଶଗଡ଼ିଆ, ମୁସଲମାନ ଫକୀର, କଳାକାର, ଗୁପ୍ତଚର, ଡାକବାଲା, ପରିବା ବିକାଳି, ଛେଳି ଚରାଳି, ଶାସନୀ ବ୍ରାହ୍ମଣ, ହାତଟଣା ରିକ୍ସା ଚାଳକ, ପଠାଣ ଭୂତ ବେଶ ଧାରଣ କରି ସ୍ୱାଧୀନତା



ଜନ୍ମ ତିଥି ଅବସରରେ

ସଂଗ୍ରାମରେ ସାମିଲ ହୋଇ ସମର୍ପଣ କରି ଅଭୂତପୂର୍ବ ପରାକାଷ୍ଠା ପ୍ରଦର୍ଶନ କରି ନିଜକୁ କର୍ମଠ ଓ ଚଳଚଞ୍ଚଳ କରିଥିଲେ ଗୋବିନ୍ଦ ଚନ୍ଦ୍ର ମହାନ୍ତି। ମୋଟ ଜୀବନ କାଳ ମଧ୍ୟରେ ୪ ବର୍ଷ ୭ ମାସ କାରାଗାର ଜୀବନ ବିତାଇଛନ୍ତି ତତ୍କାଳୀନ ସଂଗ୍ରାମୀ ବ୍ୟକ୍ତିତ୍ୱ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ରାଜକୃଷ୍ଣ ବୋଷ, ବିନୋଦ କାନୁନ୍‌ଗୋ, ଗୌରାଙ୍ଗ ଚରଣ ଦାସ, ଭଗବତୀ ପାଣିଗ୍ରାହୀ ପ୍ରମୁଖଙ୍କ ସହ।

ବାସ୍ତବରେ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଥିଲେ ଜଣେ ସ୍ୱଚ୍ଛ ପ୍ରତିଭାଧର ସର୍ବଗୁଣସଂପନ୍ନ ବ୍ୟକ୍ତିତ୍ୱର ଅଧିକାରୀ। ଲେନିନ୍‌ବାଦକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ସେ ସାଜିଥିଲେ ନିଷ୍ପାପର ସାମ୍ୟବାଦୀ ନେତା। ସେ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣ କରି କମ୍ୟୁନିଷ୍ଟ ଦଳର ବନିଥିଲେ ପ୍ରାନ୍ତୀୟ ସଂପାଦକ। ସାମ୍ୟବାଦ ଶିକ୍ଷକ ଭାବେ ବିଶିଷ୍ଟ ନେତାଙ୍କୁ ପ୍ରଶିକ୍ଷଣ ଦେବା, ଲେଖକ ଭାବେ ୯ ଖଣ୍ଡ ପୁସ୍ତକ ରଚନା କରିବା, ନ୍ୟାସନାଲ ବୁକ୍ ଟ୍ରଷ୍ଟର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଭାବେ ୧୫ ଖଣ୍ଡ ପୁସ୍ତକର ନିଖୁଣ ଅନୁବାଦ କରିବା, ସାମ୍ବାଦିକତା କ୍ଷେତ୍ରରେ ୮ଟି ସମ୍ବାଦପତ୍ରର ବଳିଷ୍ଠ ସଂପାଦନା କରି ପ୍ରଶଂସିତ ହୋଇଥିଲେ। ସାହିତ୍ୟ, ରଚନା ଶୈଳୀ, ପ୍ରଗାଢ଼ ଜ୍ଞାନ ଗରିମା ଆହରଣ ଓ ବିତରଣ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ପ୍ରମାଣ ଦିଏ। ଜଣେ ଶିକ୍ଷାବିତ୍ ଭାବେ ନିଜ ଜନ୍ମିତ ଅଞ୍ଚଳ ଜଗତସିଂହପୁର, ତରିକୁନ୍ଦ ଓ ଜୟଶୋଳଠାରେ ପ୍ରାଥମିକ, ମାଧ୍ୟମିକ, ବିଦ୍ୟାଳୟ ଓ କଲେଜ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳନାରେ ସକ୍ରିୟ ଥିଲେ। ଜନସେବୀ ଭାବେ ଡାକ୍ତରଖାନା, ଆର୍‌ଆଇ କେନ୍ଦ୍ର କାର୍ଯ୍ୟାଳୟ, ନାଟ୍ୟ ପରିଷଦ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଅଞ୍ଚଳବାସୀଙ୍କ ହୃଦୟ ଜିଣି ପାରିଥିଲେ। ତେଜୋଦୀପ୍ତ ଗୋବିନ୍ଦ ମହାନ୍ତି ଥିଲେ ମାର୍ଜିତ ବ୍ୟକ୍ତିତ୍ୱ। କର୍ମପରାୟଣତା ହିଁ ଆତ୍ମୋନ୍ନତିର ମୂଳ କାରଣ ବୋଲି ଧରି ନେଇ ଲଢୁଆ ସଂସ୍କାରକ ଭାବେ ସେ ଜାତିଭେଦ ଓ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ, ମନ୍ଦିରରେ ଅନୁସୂଚିତ ଜାତି ପ୍ରବେଶ, ହରିଜନ ସାହିରେ ପୂଜାର୍ଚ୍ଚନା ପ୍ରଚଳନ, ବାହାଘରଜନିତ ଆଡ଼ମ୍ବର ବନ୍ଦ କରି ପାଦରେ ଚାଲି କରି ନିରାଡ଼ମ୍ବର ଭାବେ ନିଜେ ବିବାହ କରି ଉଦାହରଣ ବନିଥିଲେ। ସାମ୍ପ୍ରଦାୟିକତା, ସଂକୀର୍ଣ୍ଣତା ଓ ଧର୍ମୋନ୍ମାଦନାଠାରୁ ବହୁ ଦୂରରେ ଥିଲେ ସଂଗ୍ରାମୀ ମହାନ୍ତି। ଜଣେ ଖାଣ୍ଟି ଗାଉଁଲି ମଣିଷ ଭାବେ ପୋଷାକ ପରିଧାନରେ ସରଳତା, ନିରହଂକାରୀ ମଣିଷ ଭାବେ ଗାଁର ସମସ୍ତ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗରିବ ଓ ଅସହାୟଙ୍କ ପ୍ରତି ସର୍ବଦା ସମ୍ବେଦନଶୀଳ ଥିଲେ। ଗ୍ରାମ ଓ ଅଞ୍ଚଳର ଉନ୍ନତିରେ ସେ ଥିଲେ ଆଗୁଆ ସେନାପତି।

ଆଜିର ଏହି ଶୁଭ ତିଥିରେ ତାଙ୍କର ମାର୍ଜିତ ପରିବାର ଓ କୀର୍ତ୍ତିମାନ ବ୍ୟକ୍ତିତ୍ୱକୁ ଗ୍ରାମବାସୀ, ତରିକୁନ୍ଦ ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ଆତ୍ମୀୟ ସ୍ୱଜନ, ଅଞ୍ଚଳବାସୀ ତଥା ସମାଜର ସାରସ୍ୱତ କ୍ଷେତ୍ର ଆଭୂମ ପ୍ରଣାମ ଜଣାଉଛୁ। ■

ସାତପୁରା, ତରିକୁନ୍ଦ, ଜଗତ୍‌ସିଂହପୁର

# ଆଠଗଡ଼ରେ କୁମାର ଉତ୍ସବ



**ଆଠଗଡ଼,୧୭।୧୦/ଏନ୍‌ଏନ୍‌ଏସ୍:** କୁମାର ପୂର୍ଣ୍ଣିମା ଅବସରରେ କୁମାର ଉତ୍ସବ ସମିତିର ଆଧକ୍ଷା ପୁଳିନ ମିଶ୍ରଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହାବୀର ପ୍ଲାଜାଠାରେ କୁମାର ଉତ୍ସବ ମହାସମାହାରରେ ପାଳିତ ହୋଇଯାଇଛି । ଉତ୍ସବରେ ନାଳନ୍ଦା ବିଦ୍ୟାଳୟ ସମୂହର ଅଧକ୍ଷା ଯଶସ୍ୱିନୀ ପଟ୍ଟନାୟକ ଯୋଗଦେଇ କୁମାର ପୂର୍ଣ୍ଣିମା ପାଳନ ବହୁ ପୌରାଣିକ ଏବଂ ଆଧାତ୍ମିକ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତିକା ରମ୍ଭାବତୀ ସାହୁ ନାରୀର ଭୂମିକା ଉପରେ ଆଲୋକପାତ କରିଥିଲେ । ସମିତି ସମ୍ପାଦିକା କଳ୍ପଲତା ଦାଶ ବ୍ୟବରିଣୀ ପାଠ କରିଥିଲେ ଏବଂ ସମିତିର ପ୍ରତିଷ୍ଠାତା ସଭାପତି ହିରାମଣି ଶତପଥି ଏବଂ କର୍ମକର୍ତ୍ତା ସଂଯୁକ୍ତା ତ୍ରିପାଠୀ, ମଣିବାଳ ମହାନ୍ତି, ଦୀପାଳି ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାସହିତ ସାହିତ୍ୟ ପାଇଁ ଅନିରୁଦ୍ଧ ନନ୍ଦଙ୍କୁ ମନୋରମା ମହାପାତ୍ର ସ୍ମୃତି ସମ୍ମାନ, ସଙ୍ଗୀତ ନାଟକ ଓ ଭାସ୍କର୍ଯ୍ୟ ପାଇଁ ଜ୍ୟୋତିରଞ୍ଜନ ମହାପାତ୍ର , ଓଡ଼ିଶୀ ପାଇଁ ରଘୁନାଥ ଦାସ, ସ୍ୱାସ୍ଥ୍ୟସେବା ପାଇଁ ବିଚିତ୍ରପ୍ରଭା ଦେଇ ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଥିଲା । ନିରଜ ନଳିନୀ ବେହେରା ସଂଯୋଜନାରେ କୁମାରୀମାନଙ୍କ ପକ୍ଷରୁ ଚାନ୍ଦପୂଜା ଏବଂ ଓଁ କାର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସମୀର ପୃଷ୍ଟିଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ରକମର ନାଚ ପରିବେଷଣ କରାଯାଇଥିଲା । ଉତ୍ସବକୁ ସମିତିର ସଦସ୍ୟ ପ୍ରଣତି ପଣ୍ଡା, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ଶତାକ୍ଷୀ ମହିଳା ସଙ୍ଗଠନର କୁମାରୋତ୍ସବ



**ମୁଣ୍ଡମୁହାଣ,୧୭।୧୦/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ କଳିଙ୍ଗନଗର-୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନରେ କୁମାରୋତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖିକା କମଳକୁମାରୀ ଦାଶ୍, ଧାବିକା ବବିତା ଦେବଦର୍ଶନୀ ଯୋଗଦେଇ କୁମାରୋତ୍ସବ ପାଳନ କରିବାର ମହତ୍ୱ ଉପରେ ମନ୍ତବ୍ୟ ଦେଇଥିଲେ । ଶତାକ୍ଷୀର ସମ୍ପାଦିକା ମମତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାନେତ୍ରୀ ସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାକ୍ଷୀର ବହୁ ସଦସ୍ୟା ଓ କୁନିକୁନି ଝିଅମାନେ ନାଚ, ଗୀତ, କମେଡିରେ ଅଂଶଗ୍ରହଣ କରି ଉତ୍ସବକୁ ଆକର୍ଷଣୀୟ କରିଥିଲେ । କାର୍ଯ୍ୟକ୍ରମକୁ ଉଭୟ ମୀରା ରଥ ଓ ପ୍ରଣତି ମିଶ୍ର ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାରୁ

# ଜଷ୍ଟିସ ସଞ୍ଜୀବ ଖାନ୍ନା...

ଏହାପରେ ବିଭିନ୍ନ ହାଇକୋର୍ଟରେ ଓକିଲାତି କରିବା ସହ ସହକାରୀ ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ । ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ । ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା । ୨୦୦୬ରେ ତାଙ୍କୁ ଏଠାରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା । ଏହାପରେ ୨୦୧୯ ଜାନୁଆରୀରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ସେବେଠାରୁ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି । ତେବେ ଡିୱାଇ ଚନ୍ଦ୍ରଚୂଡଙ୍କ ପରେ ସେ ଦେଶର ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ଜଷ୍ଟିସ ସଞ୍ଜୀବ ଖାନ୍ନା ବର୍ତ୍ତମାନ ଜାତୀୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ରହିଥିବା ବେଳେ ଭୋପାଳର ଜାତୀୟ ଜୁଡିସିଆଲ୍ ଏକାଡେମୀର ପରିଚାଳନା ପରାମର୍ଶଦାତା ସଦସ୍ୟ ଭାବେ ମଧ କାର୍ଯ୍ୟ କରୁଛନ୍ତି । ଏହାପୂର୍ବରୁ ସେ ଅନ୍ତର୍ଜାତୀୟ ଆର୍ବିଟ୍ରେସନ୍ ସେଣ୍ଟରର ସମେତ ଅନେକ ସମ୍ମାନଜନକ ପଦବୀରେ ରହିଆସିଛନ୍ତି । ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ଜୁଡିସିଆଲ୍ ଏକାଡେମୀ ଚେୟାରମ୍ୟାନ୍ ଭାବେ ମଧ କିଛି ବର୍ଷ କାର୍ଯ୍ୟ କରିଥିଲେ ।

# ଲଘୁଚାପ ପ୍ରଭାବରେ...

ଯାହାକୁ ନେଇ ସନ୍ଦେହ ବଢୁଛି । ଆଗାମୀ ୨୨ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏହା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବ ବୋଲି ଆକଳନ କରିଛି ଏହି ମଡେଲ । ୨୩ ତାରିଖ ବେଳକୁ ବାତ୍ୟାର ଗତିପଥ ଓ ରୂପରେଖ ନେଇ ସ୍ପଷ୍ଟ ଚିତ୍ର ଜଣାପଡିବ ।

# ବିଦାହେବେ ଅଯୋଗ୍ୟ...

ସିଜେଆଇ ଡିୱାଇ ଚନ୍ଦ୍ରଚୁଡ଼, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ, ଜଷ୍ଟିସ୍ ଜେବି ପାର୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧ୍ୟରୁ ୪ ଜଣ ବିଚାରପତି ଧାରା '୬ (କ)' ସମର୍ଥନରେ ମତ ରଖିଥିବା ବେଳେ କେବଳ ଜଷ୍ଟିସ୍ ଜେବି ପାର୍ଦିୱାଲା ବିରୋଧରେ ଯାଇଥିଲେ । କିନ୍ତୁ ୪:୧ ଅର୍ଥାତ୍ ବହୁମତ ଆଧାରରେ ଖଣ୍ଡପୀଠ ଧାରା ୬(କ) ସମର୍ଥନରେ ରାୟ ଶୁଣାଇଛନ୍ତି ।

ନିଜ ରାୟରେ ଖଣ୍ଡପୀଠ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ବେଆଇନ ବାଂଲାଦେଶୀ ପ୍ରବାସୀମାନଙ୍କୁ ଚିହ୍ନଟ କରିବା ଏବଂ ଦେଶରୁ ବିତାଡିତ କରିବା ପାଇଁ ତତ୍କାଳୀନ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସରକାରଙ୍କ ଅଧୀନରେ ଆସାମରେ ଏନ୍‌ଆର୍‌ସି ସମ୍ବନ୍ଧରେ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ବର୍ତ୍ତମାନ ସମୟ ଠାରୁ ଏହି ପରିଚୟ ଏବଂ ନିର୍ବାସନ ପ୍ରକ୍ରିୟା ଉପରେ ନଜର ରଖିବେ ବୋଲି ଖଣ୍ଡପୀଠ ଏହି ଅବସରରେ ସ୍ପଷ୍ଟ କରିଛନ୍ତି । ଗତବର୍ଷ ଡିସେମ୍ବର ୧୨ରେ ସର୍ବୋଚ୍ଚ ନ୍ୟାୟାଳୟ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଡଭୋକେଟ ଶ୍ୟାମ ଦିୱାନ୍, କପିଲ ସିବଲ ଏବଂ ଅନ୍ୟମାନଙ୍କ ପକ୍ଷରୁ ଯୁକ୍ତି ଶୁଣିଥିଲେ ଏବଂ ରାୟ ସଂରକ୍ଷିତ ରଖିଥିଲେ । ତେବେ ଏବେ ସୁପ୍ରିମକୋର୍ଟ ନାଗରିକତା ଅଧିନିୟମରେ ସାମିଲ ଥିବା ଧାରା ୬ (କ)କୁ ବୈଧ ଘୋଷଣା କରିବା ପରେ ଅଯୋଗ୍ୟ ବାଂଲାଦେଶୀମାନଙ୍କୁ ଭାରତରୁ ବିତାଡିତ କରାଯିବା ବାଟ ଉନ୍ମୁକ୍ତ ହୋଇଯାଇଛି ।

ଆସାମ ଚୁକ୍ତିନାମାକୁ ଆଗକୁ ନେବା ପାଇଁ ୧୯୮୫ ରେ ସଂଶୋଧନ ପରେ ନାଗରିକତା ଅଧିନିୟମରେ ଧାରା ୬ (କ) ଯୋଗ କରାଯାଇଥିଲା । ଆସାମ ଚୁକ୍ତିନାମା ଅନୁଯାୟୀ ଭାରତ ଆସୁଥିବା ଲୋକଙ୍କ ନାଗରିକତ୍ୱ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଭାବରେ ନାଗରିକତା ଅଧିନିୟମରେ ଏହି ଧାରାକୁ ସଂଲଗ୍ନ କରାଯାଇଥିଲା । ଏହି ଧାରା ଅନ୍ତର୍ଗତ ଯେଉଁ ବାଂଲାଦେଶୀମାନେ ୧୯୬୬ ମସିହା ଜାନୁଆରୀ ୧ରୁ ୧୯୭୧ ମସିହା ମାର୍ଚ୍ଚ ୨୫ ମଧ୍ୟରେ ଆସାମକୁ ଆସିଥିଲେ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ପାଇବା ପାଇଁ ଧାରା ୧୮ ଅନୁଯାୟୀ ନିଜର ପଞ୍ଜିକରଣ କରିବାକୁ ହେବ ।

# ସାତକୋଶିଆ...

ପ୍ରଥମ ପର୍ଯ୍ୟାରେ ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ବାଘ ଅଣାଯିବ । ବାଘ ଅଣାଯାଇ ବଂଶ ବିସ୍ତାର ପାଇଁ ଯୋଜନା କରାଯାଇଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି ।

୨୦୦୭ ମସିହାରେ ସାତକୋଶିଆରେ ୧୩ରୁ ୧୫ ବାଘ ଥିବା ବେଳେ ଏବେ ଏହା ବାଘ ଶୂନ୍ୟ ହୋଇଯାଇଛିଫ ତେଣୁ ଟାଇଗର ରିକଭରି ପ୍ଲାନ ଅନୁଯାୟୀ ବାଘ ଆଣିବାକୁ ଯୋଜନା ଅଛି ବୋଲି କହିଛନ୍ତି ପିସିସିଏଫ । ଏହି ଯୋଜନା କେବଳ ସ୍ଥାନୀୟ ଲୋକଙ୍କ ସହାୟତାରେ ହିଁ ସଫଳ ହୋଇପାରିବ ବୋଲି ସେ କହିଛନ୍ତି । ତେବେ ସାତକୋଶିଆର କୋର ଏରିଆ ଏବେ ଖାଲି ହୋଇଗଲାଣି । ଅଭୟାରଣ୍ୟର ଅନ୍ୟ ଅଞ୍ଚଳରୁ ଲୋକ ସ୍ୱଇଚ୍ଛାରେ ସ୍ଥାନାନ୍ତର ହେଲେ ଯାଇ ପ୍ରକଳ୍ପ ଆରମ୍ଭ ହୋଇପାରିବ । ଏଥିପାଇଁ ସ୍ଥାନୀୟ ଲୋକ ଓ ଲୋକପ୍ରତିନିଧିଙ୍କ ସହାୟତା ଆବଶ୍ୟକ ବୋଲି ପିସିସିଏଫ କହିଛନ୍ତି ।

# ଜନ୍ମପୀଠରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ

**ମାହାଙ୍ଗା,କୁଆଁପାଳ,୧୭।୧୦/ଏନ୍‌ଏନ୍‌ଏସ୍:** ମାହାଙ୍ଗାର ଅନ୍ୟତମ ବରପୁତ୍ର, ଗୀତିନାଟ୍ୟ ଜଗତର ମଉଡ଼ମଣି ତଥା ମୁକୁଟବିହୀନ ସମ୍ରାଟ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ଉତ୍ସବ ଅବସରରେ ଜନ୍ମପୀଠ କୋଠପଦା ଉତ୍ସବମୁଖର ହୋଇଛି । ଏହି ଅବସରରେ ମାହାଙ୍ଗାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଗଣକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ତହସିଲଦାର ସୁଶାନ୍ତ ମିଶ୍ର, ବିଡିଓ ସନ୍ତୋଷ କୁମାର ଜେନା, ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କବିଙ୍କ ଜୀବନଦର୍ଶୀ ଉପରେ ଆଲୋକପାତ ରକିଥିଲେ । କାର୍ଯ୍ୟକ୍ରମରେ ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତାରକାନ୍ତ ମହାପାତ୍ର, ଅଶୋକ ରାଉତ, ନିରଞ୍ଜନ ମୁଦୁଲି, ଜିତେନ୍ଦ୍ର ଶତପଥି, ଅଜୟ ନାୟକ, ମନୋରଞ୍ଜନ ନାୟକ, କିଶୋର ରାଉତ, ସୁରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି



ଅର୍ପଣ କରିଥିଲେ । ସେହିପରି ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ମାହାଙ୍ଗା ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବ୍ଲକ୍ ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ୍ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲାପରିଷଦ ସଭ୍ୟ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ,ପ୍ରଶାନ୍ତ ପଟ୍ଟନାୟକ, ନାରୀନେତ୍ରୀ ସସ୍ମିତା ମହାନ୍ତି, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଗଣେଶ ବିହାରୀ, ସୁବାଷ ଜେନା, ପ୍ରଶାନ୍ତ କର, ଜଗନ୍ନାଥ ନାୟକ, ନିରଞ୍ଜନ ବିଶ୍ୱାଳ, ତ୍ରିନାଥ ଜେନା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତିସଂସଦ ମାହାଙ୍ଗା ପକ୍ଷରୁ କୋଠପଦାସ୍ଥିତ ରଘୁନାଥଜିଉ ମଠ ପରିସରରେ ଥିବା ଗଣକବିଙ୍କ ପ୍ରତିମର୍ତ୍ତିରେ ସଂସଦର ସଂପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି, ସଂଗ୍ରାମ ସାମଲ, ଅରୁଣ ନାଥ, ଭାନୁଚରଣ ପରିଡା, ରବିନାରାୟଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗଣକବି ସ୍ମୃତି ସଂସଦ ମାହାଙ୍ଗା ଓ ଶରତକର ଅନିମା କର ଫାଉଣ୍ଡେସନ ପକ୍ଷରୁ ଅବସରପ୍ରାପ୍ତ ଆୟକର ବିଭାଗ କମିଶନର ଶୋଭନ କର, ମୈତ୍ରୀ ମଞ୍ଚ ସଭାପତି ଅବନୀ ଚନ୍ଦ୍ର ଦାସ, ରାମଚନ୍ଦ୍ର ବେହେରା ପ୍ରମୁଖଯୋଗଦେଇ ଏହି ମହାନ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସଭାପତି ପ୍ରାଧାପକ ଡ. ଭୁବନାନନ୍ଦ ସାହୁ, ସଂଗଠନ ସଂପାଦକ ଅରୁଣ କୁମାର ବାରିକ, ଜିତେନ୍ଦ୍ର କୁମାର ସାହୁ, ଭୂପେନ ଚାଟାର୍ଜୀ, ସିନିଅର ସିଟିଜେନ୍ସ କ୍ଲବ୍ ପକ୍ଷରୁ ସଭାପତି କୈଳାସ ଚନ୍ଦ୍ର ବଳବନ୍ତରାୟ, ଉପସଭାପତି ରାମଚନ୍ଦ୍ର ମହାପାତ୍ର, ସଂପାଦକ ରତ୍ନାକର ମହାନ୍ତି, ଯୁଗ୍ମ ସଂପାଦକ ଅଲେଖ ଚନ୍ଦ୍ର ଦାସ, ବିମ୍ବାଧର ସାହୁ, ଓଡ଼ିଶା ରାଜ୍ୟ କୃଷକ ଓ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗୀ କ୍ଲବ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ଗୋପିନାଥ ପଣ୍ଡା, ରେବତୀ ସାହୁ, କୁମଲତା ସାହୁ, ବଟକୃଷ୍ଣ ସାହୁ, ଦେବଦତ୍ତ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଦାବି



**କଣ୍ଟିଲୋ,୧୭।୧୦/ଏନ୍‌ଏନ୍‌ଏସ୍:** ପ୍ରମୁଖ ପର୍ଯଟନ ସ୍ଥଳ,ଏକକ ଗ୍ରାମ ପଞ୍ଚାୟତ, ଜନ ବହୁଳ ଗ୍ରାମ, କଂସା ପିତ୍ତଳ ନିର୍ମିତ ବାସନ ପାଇଁ ପ୍ରସିଦ୍ଧ, କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ବାସ କରୁଥିବା ଗ୍ରାମ ଏବଂ ସର୍ବୋପରି ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ ମହାପ୍ରଭୁଙ୍କ କ୍ଷେତ୍ର କଣ୍ଟିଲୋ ମୁଖ୍ୟ ବଜାର ଓ ମେଡିକାଲ ଛକରେ ଥିବା ବଜାର ଦୁଇଟି ସ୍ଥାନରେ ସାଧାରଣ ଜନତାଙ୍କ ପାଇଁ ଯାତାୟତରେ ଟ୍ରାଫିକ ସୁବିଧା ନଥିବାରୁ ଘୋର ଅସୁବିଧା ହେଉ ଥିବାର ଅଭିଯୋଗ ହେଉଛି । ଏଥିପାଇଁ ନିହାତି ଭାବେ ଟ୍ରାଫିକ ସମସ୍ୟା ଦୂର ପାଇଁ ଆବଶ୍ୟକ ପଦକ୍ଷେପ ଜରୁରୀ ହୋଇପଡ଼ିଛି । ସୂଚନାରୁ ଜଣାଯାଏ ଯେ, ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଦର୍ଶନ ସାଙ୍ଗକୁ ପୁରୁଣା କଂସା ପିତ୍ତଳ ବାସନ ବଦଳାଇ ନୂଆ କ୍ରୟ କରିବା, ନୌକା ବିହାର ତଥା ବ୍ୟବସାୟିକ ପେଣ୍ଠସ୍ଥଳୀରୁ ନିଜ ନିଜର ଚାହିଦା ଅନୁଯାଇ ଜିନିଷପତ୍ର କିଣିବା ପାଇଁ ଜନବହୁଳ ଗ୍ରାମ କଣ୍ଟିଲୋକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ, ଭକ୍ତ, ପର୍ଯ୍ୟଟକ ଓ ବ୍ୟବସାୟୀମାନେ ଆସିଥାନ୍ତି । କିନ୍ତୁ କଣ୍ଟିଲୋ ଯାତ୍ରା ପଦା ବଜାର ଏବଂ ମେଡିକାଲ ଛକ ବଜାରରେ ସର୍ବସାଧାରଣ ସରକାରୀ ରାସ୍ତା ଉପରେ ବ୍ୟବସାୟୀମାନେ ନିଜ ନିଜର ଦୋକାନ ପସରା ମେଲାଇ ରାସ୍ତା ଅବରୋଧ କରୁଥିଲା ବେଳେ ସାଇକେଲ, ବାଇକ୍ ସହ ତିନିଚକିଆ ଓ ଚାରିଚକିଆ ଗାଡ଼ି ଏବଂ ବାଲି ବୋଝେଇ ହାଇୱା ଗାଡ଼ି ସମ୍ପୂର୍ଣ୍ଣ ଭାବେ ରାସ୍ତା ଜାମ୍ କରୁଥିବାରୁ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀ, ବରିଷ୍ଠ ନାଗରିକ, ଜରୁରୀ ସେବା ଆବଶ୍ୟକ କରୁଥିବା ମହିଳାମାନଙ୍କ ଯାତାୟାତରେ ଘୋର ଅସୁବିଧା ହେଉଥିବା ଅଭିଯୋଗ ହେଉଛି । ଏଥିପାଇଁ ଦୁଇଟି ଚେକ୍‌ପୋଷ୍ଟ ତଥା ଆବଶ୍ୟକୀୟ ଷ୍ଟାଫ୍‌ଙ୍କ ନିହାତି ଆବଶ୍ୟକ ହୋଇପଡ଼ିଛି । ତେଣୁ କଣ୍ଟିଲୋ ଶ୍ରୀଜିଉଙ୍କ କ୍ଷେତ୍ରରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ଦୂର କରିବା ସହିତ ସର୍ବସାଧାରଣଙ୍କ ସୁବିଧା ପାଇଁ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳ ଯଥାଶୀଘ୍ର ବିହୀତ ପଦକ୍ଷେପ ନେବା ପାଇଁ ଅଞ୍ଚଳର ଯୁବକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ନାଗରିକ ମଞ୍ଚ, ବିକାଶ ପରିଷଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି ।

# ବାଇକ୍‌କୁ ପଛରୁ ପିଟିଲା ମାଲବାହୀ ଟ୍ରକ୍, ଆରୋହୀ ଗୁରୁତର

**ଚିଲିକା,୧୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସୁନାଖଳା ଓଭର୍‌ବ୍ରିଜ୍ ୧୬ନଂ ଜାତୀୟ ରାଜପଥ ଉପରେ ଆଜି ସଂଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି । ସୂଚନାରୁ ପ୍ରକାଶ, ଆଜି ସଂଧ୍ୟା ୬ଟା ସମୟରେ ନିକଟସ୍ଥ ହରିକୁଣ୍ଡ ବରଡିହ ଗ୍ରାମର ସନାତନ ମହାରଣାଙ୍କ ପୁଅ ଦୀପକ ମହାରଣା(୨୫) ନିଜ ବାଇକ୍ ଯୋଗେ ନାରୁଣୀ ଆଡ଼କୁ ଆସୁଥିଲେ । ଏହି ସମୟରେ ସୁନାଖଳା ଓଭର ବ୍ରିଜ ୧୬ନଂ ଜାତୀୟ ରାଜପଥ ଉପରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ମାଲବାହୀ ଟ୍ରକ୍ ଦୀପକ୍‌ଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଏଥିରେ ଦୀପକ ଗୁରୁତର ଆହତ ହୋଇ ପଡ଼ିଥିବାବେଳେ ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ନାରୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଂକଟାପନ୍ନ ଅବସ୍ଥାରେ ଦୀପକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ଟାଙ୍ଗୀ ସରକାରୀ ଡାକ୍ତରଖାନାକୁ ପଠାଇଥିବା ପ୍ରକାଶ । ଉଭୟ ଗାଡ଼ିକୁ ଜବତକରି ନାରୁଣୀ ପୋଲିସ ତଦନ୍ତ ଜାରି ରଖିଛି ।

# ଜମାଟଙ୍କା ଫେରି ପାଇବା ପାଇଁ ଜମାକାରୀ ରାଜ୍ୟପାଳଙ୍କ ଦ୍ୱାରସ୍ଥ

**ଓଡ଼ଗାଁ,୧୭।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ କୃଷି ସମବାୟ ସମିତି ଜମାଟଙ୍କାକୁ କର୍ମଚାରୀମାନେ ଆତ୍ମସାତ୍ କରିବାପରେ ଜମାକାରୀ ଟଙ୍କା ଫେରିପାଇବା ଆଶା ମଉଳି ଯାଇଛି । ଫଳରେ ଜମାକାରୀ ମୋହନ ଆଚାରୀ ରାଜ୍ୟପାଳଙ୍କ ଦ୍ୱାରସ୍ଥହୋଇ ଜମାଟଙ୍କା ଫେରସ୍ତ ପାଇଁ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ କୁରାଳ ଗ୍ରାମର ମୋହନ ଆଚାରୀ କୁରାଳ କୃଷି ସମବାୟ ସମିତିରେ ୨୦୨୩ ମିସହାରେ ୬୬ହଜାର ୨୧୦ଟଙ୍କା ଜମା ରଖିଥିଲେ । ସେ ଜମା ଖାତାରୁ ତାଙ୍କଟଙ୍କା ଉଠାଇବାକୁ ବାରମ୍ବାର ସମବାୟ ସମିତିକୁ ଦୌଡୁଥିଲେ ମଧ ତାଙ୍କୁ ଟଙ୍କା ଦିଆଯାଉନାହିଁ । ଫଳରେ ପରିବାର ଚଳିବା ଓ ପିଲାଙ୍କ ପାଠପଢା ବାବଦକୁ ଖର୍ଚ୍ଚ କରିବାରେ ବାଧା ଉପୁଜିଛି । ଏନେଇ ସମିତି ସମ୍ପାଦକ ଓ ସମବାୟ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରିନଥିଲେ ।ଶେଷରେ ସେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।ଗତ ସେପ୍ଟେମ୍ବର ମାସ ୧୨ତାରିଖ ଦିନ ରାଜ୍ୟପାଳଙ୍କୁ ଅଭିଯୋଗ କରିବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । କେବଳ ମୋହନ ଆଚାରୀ ନୁହଁ, ଅନେକ ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରାଯାଇଛି । ତେବେ ଜମାକାରୀଙ୍କ ଜମାଟଙ୍କା କିଏ ଖାଇଲା ବୋଲି ପ୍ରଶ୍ନ ଉଠିଥିବାବେଳେ ସମବାୟ ସମିତି ସମ୍ପାଦକଙ୍କ ଭୂମିକା ସନ୍ଦେହ ଘେରରେ ଥିବା ଏବଂ ସମବାୟ ବିଭାଗ ନିରବଦ୍ରଷ୍ଟା ସାଜଥିବା ଜମାକାରୀ କ୍ଷୋଭର ସହ କହିଛନ୍ତି ।

# ଆରଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ

**ଟାଙ୍ଗୀ,୧୭।୧୦/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ମଧୁସେତୁ ଯାତ୍ରା ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭଟିମୁଣ୍ଡା ଆରଏସ୍‌ଏସ୍‌ର କର୍ମକର୍ତ୍ତାମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଷୀରେଶ୍ୱର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଭକ୍ତ ବତ୍ସଳ ସାହୁ, ମୁଖ୍ୟ ବକ୍ତା ଭାବେ ସଂଘର କଟକ ଜିଲ୍ଲା ସମ୍ପର୍କ ପ୍ରମୁଖ ବିଶ୍ୱ ରଞ୍ଜନ ସ୍ୱାଇଁ ଯୋଗ ଦେଇ ଆର୍‌ଏସ୍‌ଏସ୍‌ର ଯୋଗ ଦେଇଥିବା ଚୌଦ୍ୱାର ଖଣ୍ଡ ଓ ନଗର ର ସମସ୍ତ କର୍ମ କର୍ତ୍ତା ମାନଙ୍କୁ ଭରପୁର ପ୍ରଶଂସା କରିବା ସହ ରାଷ୍ଟ୍ରୀୟ ର ସୁରକ୍ଷା ତା'ର ମର୍ଯ୍ୟାଦା ରଖିବା ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ । ସକାଳ ସମୟରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦିପହରେ ଭଟିମୁଣ୍ଡା ଗ୍ରାମ ପରିକ୍ରମା କରି ସମସ୍ତେ ଯାତ୍ରା ପଡିଆରେ ଏକତ୍ରିତ ହେବା ସହ ବିଭିନ୍ନ ଶାରୀରିକ ବ୍ୟାୟାମ ଓ ଲାଠି ଚାଳନା ଅଭ୍ୟାସ କରିଥିଲେ । କାର୍ଯ୍ୟକ୍ରମକୁ ଆର୍‌ଏସ୍‌ଏସ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ମଦ ବେପାରୀଙ୍କୁ ଗିରଫ କରିବାକୁ ଯାଇ ପୁଲିସ ଗ୍ରାମବାସୀଙ୍କ ଆକ୍ରମଣର ଶିକାର



**ବାଣପୁର,୧୭।୧୦/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଦେଶୀ ମଦ ବିକ୍ରି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଛି ପୁଲିସ । ଆଇଆଇସି ରମେଶ କୁମାର ଦେବତାଙ୍କ ସୂଚନା ମୁତାବକ ଗତକାଲି ସକାଳେ ଦାଶରଥିପୁର ଗ୍ରାମର ଦେଶୀମଦ ବିକ୍ରି ହେଉଥିବା ଅଭିଯୋଗ ପାଇ ଏସ୍‌ଆଇ ସୁକାନ୍ତ ଦଳାଇ ଏବଂ ଟିମ ଉକ୍ତ ଗ୍ରାମରେ ଚଢ଼ଉକରି ଅଭିଯୁକ୍ତ ଧୁନିଆ ନାୟକଙ୍କୁ ଗିରଫ କରିବା ସହ ୩୦ଲିଟରର ଦେଶୀମଦ ଜବତ କରିଥିଲେ । ତେବେ ଗିରଫକରି ଥାନାକୁ ନେବା ସମୟରେ ଧୁନିଆଙ୍କ ପତ୍ନୀ ରଜନୀ ନାୟକ, ପୁଅ ଦୟାନିଧି ନାୟକ ଏବଂ ଅନ୍ୟ ଗ୍ରାମବାସୀମାନେ ଠେଙ୍ଗା, ଲାଠି ସହ ପୁଲିସକୁ ଅଟକାଇଥିଲେ ଏବଂ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏପରିକି ଦୟାନିଧି କନେଷ୍ଟବଳ ସତ୍ୟନାରାୟଣ ପ୍ରଧାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଯାହାଫଳରେ ସତ୍ୟଙ୍କ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି । ତେବେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଧୁନିଆ ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ । ଏ ନେଇ ଏସ୍‌ଆଇ ଶ୍ରୀ ଦଳେଇ ବାଣପୁର ଆଇଆଇସିଙ୍କୁ ଉକ୍ତ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବାଣପୁର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା । ତେବେ ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସଡିପିଓଙ୍କ ତତ୍ତ୍ୱାବଧାନରେ ଆଜି ସକାଳେ ପୁଲିସ ଫୋର୍ସ ଉପସ୍ଥିତିରେ ଉକ୍ତ ଗ୍ରାମରେ ଚଢ଼ାଉ କରାଯାଇ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଣପୁର ପୁଲିସ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଧୁନିଆ ନାୟକ ଏବଂ କିଛି ଆକ୍ରମଣକାରୀ ଅଦ୍ୟାବଧି ଫେରାର ଥିବା ଆଇଆଇସି ଶ୍ରୀ ଦେବତା ସୂଚନା ଦେଇଛନ୍ତି ।

# ମଙ୍ଗରାଜପୁରରେ ଗଜଲକ୍ଷ୍ମୀ ପୂଜା

**ବାଣପୁର,୧୭।୧୦/ଏନ୍‌ଏନ୍‌ଏସ୍:** ବାଣପୁରର ମଙ୍ଗରାଜପୁର ଗ୍ରାମରେ ମାଆ ଗଜଲକ୍ଷ୍ମୀ ପୂଜା କମିଟି ଅନୁକୁଲ୍ୟରେ ପାଳିତ ହୋଇଛି ମହାଲକ୍ଷ୍ମୀଙ୍କ ପୂଜା । ପ୍ରତିବର୍ଷ ଭଳି କମିଟି ସଭ୍ୟମାନଙ୍କ ଦ୍ୱାରା ଦୀର୍ଘ ସାତଦିନ ଧରି ପୂଜାରେ ପାଲା, ଦାସକାଠିଆ, ସଙ୍କୀର୍ତ୍ତନ, ଭଜନ ସନ୍ଧ୍ୟା ଓ ଲୋକନୃତ୍ୟ ପରିବେଷଣ କରାଯିବ । ଗ୍ରାମ ପରିବେଶକୁ ଆଲୋକମୟ କରାଯିବା ସହ ପ୍ରତିଦିନ ସନ୍ଧ୍ୟା ସମୟରେ ଲକ୍ଷ୍ମୀଅଷ୍ଟକ ପାଠ ଓ ସନ୍ଧ୍ୟା ଆଳତି ଅତ୍ୟନ୍ତ ମନୋମୁଗ୍ଧକର । ସୁଧାଂଶୁ ଶେଖର ପାଲ ଓ ତାଙ୍କ ସହଧର୍ମିଣୀ ପୂଜାରେ ମୁଖ୍ୟ ପୁରୋଧା ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । କମିଟିର ସଭାପତି ବବୁଲ ପାଣିଗ୍ରାହୀ ଓ ସମ୍ପାଦକ ପ୍ରେମଦିପ ସାହୁଙ୍କ ତତ୍ତ୍ୱାବଧାନରେ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭୂଷଣ୍ଡପୁରରେ ଗଜଲକ୍ଷ୍ମୀ ପୂଜା

**ଭୂଷଣ୍ଡପୁର,୧୭।୧୦/ଏନ୍‌ଏନ୍‌ଏସ୍:** ଭୂଷଣ୍ଡପୁର ପଞ୍ଚାୟତର ଦୋଳପଡ଼ିଆଠାରେ ବୁଧବାର ଠାରୁ ଶ୍ରୀଶ୍ରୀ ଐଶାନେଶ୍ୱର ଦେବ ବଣିକ ସଂଘ ଅନୁକୂଲ୍ୟରେ ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି । ଏହି ପୂଜା ଉତ୍ସବ ପାଞ୍ଚଦିନ ଧରି ଚାଲିବ । ଏହି ଅବସରରେ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇ ମା'ଙ୍କ ନିକଟରେ ସ୍ଥାପନ କରାଯାଇଥିଲା । ଏହାପରେ ବ୍ରାହ୍ମଣଙ୍କ ଦ୍ୱାରା ମଙ୍ଗଳାଆଳତି, ପ୍ରାଣ ପ୍ରତିଷ୍ଠା, ହୋମଯଜ୍ଞ ଆଦି କରାଯାଇଥିଲା । ଏହି ପୂଜା ଦୋଳପଡ଼ିଆଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବାରୁ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପୂଜା କମିଟିର ସଂଗ୍ରାମ କେଶରୀ ପଟ୍ଟନାୟକ, ପଙ୍କଜ ସାହୁ, ଶଙ୍କର ବାବା, ହେମନ୍ତ ଦାସ, ଶିବ ସାମନ୍ତରାୟ, ରବୀନ୍ଦ୍ର କୁମାର ପ୍ରଧାନ, ଅଜୟ ମହାରଣା ପ୍ରମୁଖ ପରିଚାଳନା କରୁଥିବା ଜଣାଯାଇଛି ।

# ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ




**ଖଣ୍ଡପଡ଼ା,୧୭।୧୦/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଅତିରିକ୍ତ ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଖଣ୍ଡପଡା ଓ ଭାପୁର ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ ଓ ବେଣୁଧର ପ୍ରଧାନ, ଖଣ୍ଡପଡା ଏସଡିପିଓ ବିମଳ କୁମାର ବାରିକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ପଞ୍ଚାୟତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ କରିବା ନିମନ୍ତେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ସେହିପରି ଅଧାରେ ଅଟକିଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ ଶେଷ କରିବା ସହ ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୪୨ଗୋଟି ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଶିକ୍ଷାବିତ୍ ରଘୁନାଥ ଘଡ଼ାଇଙ୍କ ସ୍ମୃତିସଭା

**ସୋର,୧୭।୧୦/ଏନ୍ଏନ୍ଏସ୍:** ସୋର ବ୍ଲକ୍ ଦହିସଡ଼ା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ରଘୁନାଥ ଘଡ଼ାଇ ସ୍ମୃତି କମିଟି ତରଫରୁ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଶ୍ରୀଧର ପ୍ରସାଦ ବେହେରା ଓ ରାମଚନ୍ଦ୍ର ଦ୍ୱାରୀ ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷକ ତଥା ଦହିସଡ଼ାର ଶତାୟୁ ପୁରୁଷ ଗୋପୀନାଥ ମହାପାତ୍ର ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଜଗନ୍ନାଥ ମୁନି, ପୂର୍ଣ୍ଣଚନ୍ଦ୍ର ମହାଳିକ, ଯଦୁନାଥ ନାୟକ, ମଧୁସୂଦନ ଘଡ଼ାଇ, ବଂଶୀଧର ନାୟକ, ନରେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରଫେସର୍ ଡାକ୍ତର ଶ୍ରୀକାନ୍ତ ପଣ୍ଡା ଓ ରୁକ୍ମିଣୀ ପଣ୍ଡା ପ୍ରମୁଖ ସ୍ୱର୍ଗତ ଘଡ଼ାଇଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ଘଡ଼ାଇଙ୍କ ସହ ଜଡ଼ିତ ସ୍ମୃତି ସମ୍ବଳିତ ଲେଖା ସହ 'ବାପା' ଶୀର୍ଷକ ଗଳ୍ପ, କବିତା ଓ ଆଲେଖ୍ୟକୁ ନେଇ ଏକ ସ୍ମରଣିକା ପ୍ରକାଶ ପାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ରାସ୍ତାଘାଟ ନିର୍ମାଣ, ମରାମତି ଓ ଜଳନିଷ୍କାସନ ବଢ଼ାଉଛି ଜନଅସନ୍ତୋଷ

**ବେତନଟୀ,୧୭।୧୦/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ସଦର ସବ୍‌ଡିଭିଜନ୍ ବାରିପଦା ଅଧୀନରେ ୧୦ଟି ବ୍ଲକ୍ ଥିବାବେଳେ ସର୍ବାଧିକ ଜନବହୁଳ ବେତନଟୀ ବ୍ଲକ୍ ସ୍ୱାଧୀନତାର ୭୭ ବର୍ଷ ପରେ ବି ଗ୍ରାମପଞ୍ଚାୟତ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମଧ୍ୟରେ ରହିଛି। ଏହା ଏକ କ୍ରମବର୍ଦ୍ଧିଷ୍ଣୁ ସହର ହୋଇଥିବାବେଳେ ଏନ୍ଏସି ପାଇଁ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ଦାବି ହୋଇ ଆସିବା ଏବଂ ୨୦୨୪ ଫେବୃୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଦଫାରେ ୩୪ଟି ସହରକୁ ଏନ୍ଏସି ମାନ୍ୟତା ଦିଆଯିବାର ଯେଉଁ ଘୋଷଣା କରିଥିଲେ ସେଥିରେ ବେତନଟୀ ସହର ଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ବେତନଟୀକୁ ଏନ୍ଏସି ଘୋଷଣା ଯେ ସମ୍ପୂର୍ଣ୍ଣ ଧୂଆଁବାଣ ଥିଲା ସେନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ବେତନଟୀ ଏକ ସରକାରୀ ଘୋଷିତ ସହର ହୋଇନଥିବା ହେତୁ ରାସ୍ତାଘାଟ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ତଥା ଜଳ ନିଷ୍କାସନ ଦିଗରେ ସରପଞ୍ଚ ଗୁରୁତ୍ୱ ଦେଇନଥାନ୍ତି। ଏଭଳି ସ୍ଥିତିରେ ଗଳିକନ୍ଦିର ରାସ୍ତାଘାଟ ବର୍ଷା ହେଲେ ପାଣିରେ ଭର୍ତ୍ତି ହୋଇଯିବା ସହିତ ମଇଳା ପାଣି ସାଙ୍ଗକୁ କାଦୁଅ ହୋଇଯାଏ। ଏହାସହ ଲୋକଙ୍କ ଘରେ ଓ ଦୋକାନରେ ମଇଳା ପାଣି ପଶିଥାଏ।

### ସରକାରୀ ଘୋଷିତ ସହର ହୋଇନଥିବାରୁ ଅଣଦେଖା
### ଲିଖିତ ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ବିଶେଷକରି ଭୋଗବାଟି ୱାର୍ଡଟି ୨ଟି ପ୍ରମୁଖ ଗଳି ଚଣ୍ଡୀ ମନ୍ଦିର ଛକରୁ ନାରାୟଣ ପାଲଘର ପର୍ଯ୍ୟନ୍ତ ମାତ୍ର ୩ଶହ ମିଟର ରାସ୍ତା ଶୋଚନୀୟ ହୋଇଥିବାରୁ ସାହିବାସିନ୍ଦା ଯମଯନ୍ତ୍ରଣା ଭୋଗୁଛନ୍ତି।

ସେହିପରି ଏହି ଭୋଗବାଟି ମୌଜାର ବସ୍‌ଷ୍ଟାଣ୍ଡ ପଟୁ ବ୍ରଜ ପରିଡ଼ା ଘର ଛକ ମାତ୍ର ୨ଶହ ମିଟର ରାସ୍ତାରେ ସହରର ସବୁ ସ୍ଥାନର ମଇଳା ପାଣି ଆସି ଜମାହୋଇ ରହିବା ଯୋଗୁ ସାହିବାସିନ୍ଦାମାନେ ମଧ୍ୟ ନାହିଁନଥିବା ଅକଥନୀୟ ଦୁର୍ଦ୍ଦଶା ଭୋଗ କରିଥାନ୍ତି।

ମାତ୍ର ସରପଞ୍ଚ, ୱାର୍ଡସଭ୍ୟ, ପଞ୍ଚାୟତ ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଦସ୍ୟ ଏପରିକି ବିଧାୟକଙ୍କ ପ୍ରତିନିଧି ଦେଖୁଥିଲେ ସୁଦ୍ଧା କେହି ଏହି ସମସ୍ୟା ଦୂର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

ଏହି ୨ ସାହିର ଲୋକେ ଲିଖିତ ଭାବେ ଅଭିଯୋଗ କରିବା ସତ୍ତ୍ୱେ କଂକ୍ରିଟ୍ ରୋଡ୍ ନିର୍ମାଣ ପାଇଁ ଓ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଦିଗରେ କେହି ଦୃଷ୍ଟି ଦେଇନାହାନ୍ତି। ପଞ୍ଚାୟତର ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବେତନଟୀ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପାଇଁ ଏହି ୨ଟି ୱାର୍ଡରେ ବର୍ଷ ବର୍ଷ ଧରି ଅଚଳ ହୋଇ ରହିବା ଯୋଗୁ ଅସନ୍ତୋଷ ବଢ଼ି ଚାଲିଛି।

ପ୍ରତ୍ୟେକ ବର୍ଷ ଦୁର୍ଗାପୂଜା ପୂର୍ବରୁ ରାସ୍ତାଘାଟ ମରାମତି କରାଯିବା, ଡ୍ରେନ୍ ସଫା ହେବା, ରାସ୍ତାର ୨ ପାଖ ଲଟା ବୁଦା କଟାଯିବା ଓ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ଆଦି କରାଯାଇଥାଏ। ମାତ୍ର ଏବର୍ଷ ସାରା ସହରରେ କିଛି ବି କାମ କରାନଯିବା ସହ ବିଶେଷକରି ଷ୍ଟ୍ରିଟ୍ ଲାଇଟ ଲଗାଯାଇ ନଥିବାରୁ ଲୋକେ ଅନ୍ଧାରରେ ନିଜକୁ ଅସୁରକ୍ଷିତ ମନେ କରିଥିଲେ।

ବିଧାୟକଙ୍କ ପାଣ୍ଠିରେ ଲଗାଯାଇଥିବା ଚଣ୍ଡୀ ମନ୍ଦିର ଛକର ଲାଇଟ୍ ଜଳୁ ନଥିଲେ ବି ସରପଞ୍ଚଙ୍କ ପକ୍ଷରୁ ମରାମତି କରାନଯିବା ଯୋଗୁ ସହରର ପ୍ରବେଶ ପଥ ଅନ୍ଧାର ରହିଥିଲା।

## ହୋମିଓପ୍ୟାଥି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରଲୋକ

**ସୋର,୧୭।୧୦/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାର ପ୍ରାକ୍ତନ ହୋମିଓପ୍ୟାଥି ମୁଖ୍ୟ ଚିକିତ୍ସାଧିକାରୀ ମୁକ୍ତିକାନ୍ତ ବେହେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ଧରି ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ସୋର ହୋମିଓପ୍ୟାଥି ଚିକିତ୍ସା ବିଭାଗ ତରଫରୁ ଶୋକପ୍ରକାଶ କରାଯାଇଛି। ସେ ହୋମିଓପ୍ୟାଥିରେ ଡିଗ୍ରୀ ହାସଲ କରି ସରକାରୀ ଡାକ୍ତରଖାନାରେ ଚିକିତ୍ସକ ଭାବେ ଯୋଗଦେଇ ଶେଷରେ ବାଲେଶ୍ୱର ହୋମିଓପ୍ୟାଥି ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଝିଅ ଅର୍ପିତା, ପୁଅ ବ୍ରଜକିଶୋର ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିବାବେଳେ ପୁଅ ବ୍ରଜକିଶୋର ମୁଖାଗ୍ନି ଦେଇଥିଲେ।


**Government of Odisha "e" Procurement Notice** O-371

**Bid Identification No: Online-02 of 2024-25**

E-mail ID: rwd.padampur@yahoo.co.in, Ph. No. 9437255440

1. Name of the work : Building works (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : "D" "C" & "B"
4. Date & time of availability of bid document in the portal : From Dt.19.10.2024 at 10.00 AM
5. Last date & time for receipt of bids in the portal : Dt.29.10.2024 up to 05:00 PM
6. Last date of seeking clarification: Dt.28.10.2024 up to 5.00 PM
7. Date & time of bid opening : Dt.30.10.2024 at 11.00 AM
8. Name and address of the officer inviting bid : Superintending Engineer, R.W. Division, Padampur, At/Po- Padampur, Dist- Bargarh, Pin-768036

(1) Other details can be seen from DTCN available in website www.tendersodisha.gov.in

(2) Corrigendum if any shall only be published in the above website.

Sd/- Superintending Engineer
Rural Works Division, Padampur

OIPR-25069/11/0005/2425


## ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ



**ପାରାଦୀପ,୧୭।୧୦/ଏନ୍ଏନ୍ଏସ୍:** ପାରାଦୀପ ପ୍ରେସ୍ ମିଡିଆର ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ରବି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଯୋଗଦେଇ ସାମ୍ବାଦିକଙ୍କ ନିମନ୍ତେ ସରକାର ପେନସନ୍ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗଇ ଦେବାକୁ ନିବେଦନ କରିଥିଲେ। ଅନ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ ସଭାପତି କାହ୍ନୁଚରଣ ନନ୍ଦ, ପ୍ରଦୀପ୍ତ କୁମାର ଚୌଧୁରୀ ଓ ମନୋଜ ଦାସ ଯୋଗଦେଇ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଜେ ଜିଲ୍ଲା ସଭାପତି ସୁନାକର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରେସ୍ ମିଡିଆର ଦିବଙ୍ଗତ ଉପସଭାପତି ମହେନ୍ଦ୍ର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରାଦୀପ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଓୟୁଜେ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ନବୀନଙ୍କ ଜନ୍ମଦିନ ପାଳିତ



**ବାଲେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜୟନ୍ତୀ ରେମୁଣା କନକ ଦୁର୍ଗା ମନ୍ଦିରରେ ପାଳିତ ହୋଇଯାଇଛି। ଏହାସହ ବିଧାୟକ ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଳିକଙ୍କ ଜନ୍ମଦିନ ମଧ୍ୟ ପାଳିତ ହୋଇଥିଲା। ଏହି ଅବସରରେ ଉଭୟଙ୍କ ଦୀର୍ଘାୟୁ କାମନା କରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା ସହ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ପତ୍ରିପାଳ ସମିତିସଭ୍ୟ ହରିମୋହନ ମାଝୀ, ନାଏବ ସରପଞ୍ଚ ସୁମିତ୍ରା ଦେହୁରୀ, ୱାର୍ଡସଭ୍ୟ ଗୌରାଙ୍ଗ ମଣ୍ଡଳ, ଦାରିତ ଦାସ, ସନାତନ ସାହୁ, ରବୀନ୍ଦ୍ର ଦାସ, କୌଶଲ୍ୟା ପୁହାଣ, ଉମାକାନ୍ତ ପାଣିଗ୍ରାହୀ, ମାନୀ ମାଝୀ, ଗୋପୀନାଥ ମହାରଣା, ବିନୋଦ କୁମାର ଦାସ, ଉମାକାନ୍ତ ଦାସ, ଶଙ୍କର୍ଷଣ ଜେନା, ଶାନ୍ତନୁ ପୁରାଣ, ବଡ଼ପାଳ ସରପଞ୍ଚ ଇଂ କମଳଲୋଚନ ପଣ୍ଡା, ଚଷାଖଣ୍ଡ ସରପଞ୍ଚ କେଦାର ସାହୁ ଓ କଲ୍ୟାଣପୁର ସରପଞ୍ଚଙ୍କ ପ୍ରତିନିଧି ଗଣେଶ୍ୱର ସାହୁଙ୍କ ସମେତ ବହୁ ନବୀନପ୍ରେମୀ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 35-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର MZY ଠାରୁ ଖୋର୍ଦ୍ଧା ରୋଡ଼ (KUR) ପର୍ଯ୍ୟନ୍ତ ଅଟୋ ସେକ୍ସନ (Auto Section)ରେ ବିଶ୍ୱାସଯୋଗ୍ୟତା (Reliability) ବୃଦ୍ଧି ପାଇଁ MSDAC ନିମନ୍ତେ ଇନଡୋର ଏବଂ ଆଉଟଡୋର କାର୍ଯ୍ୟ ସମ୍ପାଦନ ସହାୟକ ଅତିରିକ୍ତ ଟ୍ରାନ୍ସଫର୍ମର (AT) ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 78,30,501.25, EMD : ₹ 1,56,600/-, ଶେଷ ହେବା ଅବଧି : 180 ଦିନ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.18.10.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.11.2024 ରିଖ 1300 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଉଥିବା ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ଦସ୍ତାବିଜ ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ସୁବିଧାରୁ ୱେବସାଇଟ www.ireps.gov.inରେ ଉପଲବ୍ଧ ଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-626/P/24-25



**NOTICE**

The Partnership Firm M/S MAA BHUASUNI ROLLER FLOUR MILLS Dist-Khordha bearing Regn No-1820202100883/2021 has been reconstituted on 22.05.2023 due to retirement of partner namely is Smt Manisha Gupta And Inducted one partner namely is Sri Subash Chandra Gupta .The above firm has been reconstituted again on 02.02.2024 due to retirement of one partner is Smt Kiran Gupta And Admission of one partner namely is Smt Rashmi Gupta w.e.f. 02.02.2024

Sri Vineet Mohan Gupta
Managing partner
M/S MAA BHUASUNI ROLLER FLOUR MILLS



**OFFICE OF THE MUKHIGUDA HIRMC** H-18

At/Po- Jaipatna, Dist-Kalahandi-766018

Tender Call Notice No. 700 Dt.17.10.2024

| Sl.No | Item | Details |
|---|---|---|
| 1 | The sub-Collector, Dharamgarh-cum-Chairman Mukhiguda HIRMC invite percentage rate bids in Double cover system in ONLINE MODE only for work as details below: | |
| 2 | Nature of the work | Construction of Infrastructures |
| 3 | No of work | 2 Nos. |
| 4 | Bid cost | Rs.10,000/- (Online transfer) |
| 5 | Class of Contractor | "B" and "A" Class |
| 6 | Availability of BID documents in the website | 21.10.2024 to 04.11.2024 |
| 7 | Last date/time of Receipt of bids in the portal | 04.11.2024 upto 5PM |
| 8 | Date of opening of Bid | 05.11.2024 at 11 AM |
| 9 | The bidder has to participate in online bidding only. Further details can be available in the website https://tendersodisha.gov.in. Any addendum / corrigendum / cancellation of the Tender etc. can also be seen in the website. | |

Sd/-
Sub-Collector, Dharamgarh-Cum-Chairman, Mukhiguda HIRMC

OIPR-24404/11/0004/2425


# ୫୦ ବର୍ଷରେ ପଦାର୍ପଣକଲା ସିନ୍ଦୋଳ ଲକ୍ଷ୍ମୀନାରାୟଣ ପୂଜା



**ତିହିଡ଼ି,୧୭।୧୦/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଭଦ୍ରକ-ଚାନ୍ଦବାଲି ରାସ୍ତାପାର୍ଶ୍ୱର ସିନ୍ଦୋଳରେ ସାର୍ବଜନୀନ ଲକ୍ଷ୍ମୀନାରାୟଣ ପୂଜା ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହେଉଛି। ଏହି ପୂଜା ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ମନ୍ଦିର ପରିସରକୁ ବେଶ୍ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିବାବେଳେ ମିନାବଜାର ସମେତ ବିଭିନ୍ନ ପ୍ରକାର ଦୋକାନ ବଜାର ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। କୁମାର ପୂର୍ଣ୍ଣମୀଠାରୁ ୯ ଦିନ ଧରି ଚାଲିବାକୁ ଥିବା ଏହି ପୂଜାରେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କୁମାର ପୂର୍ଣ୍ଣମୀ ଦିନ ରୀତିନୀତି ଅନୁସାରେ ମହାପ୍ରଭୁଙ୍କ କଳସ ଯାତ୍ରା ଓ ଛେରା ପହଁରା ପରେ ବହୁ ଶ୍ରଦ୍ଧାଳୁ ନେତ୍ରପଣା ଓ ଭୋଗ ଲଗାଇଥିଲେ। ପ୍ରକାଶଥାଉକି ଭଦ୍ରକ-ଚାନ୍ଦବାଲି ରାସ୍ତାପାର୍ଶ୍ୱର ସିନ୍ଦୋଳରେ ୧୯୭୫ ମସିହାରୁ ଏହି ସାର୍ବଜନୀନ ଲକ୍ଷ୍ମୀନାରାୟଣ ପୂଜା ପାଳନ କରାଯାଉଛି। ସେତେବେଳେ ସୂର୍ଯ୍ୟମଣି ନାୟକ, ଭାଗିରଥୀ ବାରିକ, ବେଣୁଧର ସ୍ୱାଇଁ, ଦିବାକର ବାରିକ, କାହ୍ନୁଚରଣ ଦାସ, ବିକ୍ରମ ମଲ୍ଲିକ, ଜନାର୍ଦ୍ଦନ ସେନାପତି, ହାଡ଼ିବନ୍ଧୁ ଦାସ, ଗୋପାଳ ଦାସ, ଦୁର୍ଯ୍ୟୋଧନ ସେନାପତି, ମାଗୁଣୀ ଚରଣ ପରିଡ଼ା, ଦୁଃଶାସନ କାଣ୍ଡି ଓ ଧନେଶ୍ୱର ପାଣିଙ୍କ ଉଦ୍ୟମରେ ଏଠାରେ ସାର୍ବଜନନୀ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ମାଟି ଘର ପରେ ପକ୍କାଘରେ ଲକ୍ଷ୍ମୀ, ନାରାୟଣ ଓ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ବାର୍ଷିକ ପୂଜା ବିଧି ପାଳନ କରାଯାଇ ଆସୁଥିଲା। ଏବେ ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବା ସହ ମନ୍ଦିରରେ ୩ ଦିଅଁଙ୍କର ପ୍ରସ୍ତର ମୂର୍ତ୍ତି ସ୍ଥାପନ କରାଯାଇଛି। ପୂଜାକାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ସାର୍ବଜନୀନ ପୂଜା କମିଟି ଗଠନ କରାଯାଇଛି। ଚଳିତ ବର୍ଷ କମିଟିର ସଭାପତି ଭାଗିରଥୀ ବେହେରା, ସମ୍ପାଦକ ହରିହର ସେନାପତିଙ୍କ ସମେତ ଦେବେନ୍ଦ୍ର ବାରିକ୍, କମଳାକାନ୍ତ ଦାସ, ପରମାନନ୍ଦ ନାୟକ, ଗୋଲକବିହାରୀ ମଲ୍ଲିକ, ବଳରାମ ମଲ୍ଲିକ, ସରୋଜ ନାୟକ, ଗଙ୍ଗାଧର ଦାସ, ଅନିରୁଦ୍ଧ ବାରିକ ଓ ଭଗବାନ ଦାସ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୀରହାଟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।


**AFFIDAVIT**

I, Jayanti Behera, aged about 52 years, W/o- Keshab Behera of Vill- Khatikolda, Po- Gadabisunpur, Ps- Erasama, Dist-Jagatsinghpur to hereby declare that Aadhaar card bearing no. 2115 7805 2502 my name and address is wrongly recorded as Pritidhara Puhan, D/o- Deepak Puhan. That correction of name and husband's as Jayanti Behera, W/o- Keshab Behera instead of Pritidhara Puhan, D/o- Deepak Puhan for all purposes.



**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**MAYURBHANJ IRRIGATION DIVISION BARIPADA** A-433

e-mail: exen.mid@gmail.com, Fax/Tel. 06792-295472

**SHORT TENDER CALL NOTICE NO. 08MBJ/2024-25**

1. Name of works : M/R Works, RE critical & Roads & Bridges
2. Total No. of works : 10
3. Estimated cost : Within 5.00 Lakhs
4. Class of contractor : D & C
5. Period of completion : 30 days
6. Other details as follows :
   (i) Short tender officer : Superintending Engineer, Mayurbhanj Irrigation Division, Baripada
   (ii) Availability of tender : Dt.19.10.2024 from 10.00 hours to 28.10.2024 up to 17.00 hours
   (iii) Date of opening : Dt.29.10.2024 at 11.00 AM
7. Further details can be obtained from the office of the Superintending Engineer, Mayurbhanj Irrigation Division, Baripada on any working day.

Sd/- Superintending Engineer
Mayurbhanj Irrigation Division, Baripada

OIPR-32158/11/0007/2425


# ନଭେମ୍ବର ୧୭ରେ ଟାଟା ଷ୍ଟିଲ୍‌ର 'ରନ୍-ଏ-ଥନ୍'




**ଯୋଡ଼ା,୧୭।୧୦/ଏନ୍ଏନ୍ଏସ୍:** ଟାଟା ଷ୍ଟିଲ୍ ନୁଆମୁଣ୍ଡି 'ରନ୍-ଏ-ଥନ୍'ର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବର ୧୭ରେ ଅନୁଷ୍ଠିତ ହେବ। ଏଥିପାଇଁ ଅକ୍ଟୋବର ୧୮ ତାରିଖରୁ ବିଭିନ୍ନ ବର୍ଗ ପାଇଁ ପଞ୍ଜିକରଣ ଆରମ୍ଭ ହେବ। ଟାଟା ଷ୍ଟିଲ୍‌ର ମହାପ୍ରବନ୍ଧକ(ଓଏମ୍‌କ୍ୟୁ) ଅତୁଲ କୁମାର ଭଟ୍ଟନାଗର ଭ୍ୟାଲି କ୍ଲବ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଲୌହ ଖଣିର ମୁଖ୍ୟ ଜିଭି ସତ୍ୟନାରାୟଣ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଖଣି ମୁଖ୍ୟ ରାହୁଲ କିଶୋର, ଆର୍ଏମ୍‌ପି ମୁଖ୍ୟ ସୁଜିତ୍ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଟି-ସାର୍ଟ ଉନ୍ମୋଚନ କରାଯାଇଥିଲା। ଗତବର୍ଷ ଯୋଡ଼ାକୁ ସମ୍ପ୍ରସାରିତ ହୋଇଥିବା ଏହି ଦୌଡ଼ ପ୍ରତିବର୍ଷ ଯୋଡ଼ା ଓ ନୁଆମୁଣ୍ଡି ମଧ୍ୟରେ ଅନୁଷ୍ଠିତ ହେବ। ଦେଶବ୍ୟାପୀ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ଦୌଡ଼କୁଦ ପ୍ରେମୀଙ୍କୁ ନଜରରେ ରଖି ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ଯାହା ଏକ ସୁସ୍ଥ ଓ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହିତ କରୁଛି।

ନୁଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଦୌଡ଼ରେ ପୁରୁଷ ଓ ମହିଳା(୧୫ ବର୍ଷ କିମ୍ବା ତା'ଠାରୁ ଅଧିକ)ଙ୍କ ପାଇଁ ୧୦ କିମି ଏବଂ ୭ କିମି ଦୌଡ ଏବଂ ୧୬ ବର୍ଷରୁ କମ୍ ବୟସର ବାଳକ ଓ ବାଳିକାଙ୍କ ପାଇଁ ୫ କିମି ଦୌଡ଼ ଏବଂ ବିଶେଷ ଦକ୍ଷତା ଥିବା ଲୋକଙ୍କ ପାଇଁ ଏକ ୨ କିମି ଦୌଡ଼ ସାମିଲ ରହିଛି। ଏହି ଦୌଡ଼ରେ ମୋଟ ପୁରସ୍କାର ରାଶି ୫,୬୭, ୦୦୦ ଟଙ୍କା (୫ ଲକ୍ଷ ୬୭ ହଜାର ଟଙ୍କା) ରହିଛି। ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ଟାଟା ଷ୍ଟିଲ୍ ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରାରୋପଣ କରିବ। ଏହି ଦୌଡ଼ରେ ସାଧାରଣ ବର୍ଗରେ ୧୦ କିମି ଦୌଡ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୫୧ ହଜାର ଟଙ୍କା, ୪୧ ହଜାର ଟଙ୍କା ଓ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭କିମି ବର୍ଗରେ ୨୫ ହଜାର ଟଙ୍କା, ୨୦ ହଜାର ଟଙ୍କା ଓ ୧୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୧୦ ହଜାର ଟଙ୍କା, ୮ ହଜାର ଟଙ୍କା ଓ ୭ ହଜାର ଟଙ୍କା ପୁରସ୍କାର ରାଶି ହିସାବରେ ପ୍ରଦାନ କରାଯିବ। ସେହିପରି ସ୍ଥାନୀୟ ବର୍ଗରେ ୧୦କିମି ଦୌଡ଼ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୨୧ ହଜାର ଟଙ୍କା, ୧୧ ହଜାର ଟଙ୍କା ଓ ୭,୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ୭କିମି ବର୍ଗରେ ୧୦ ହଜାର ଟଙ୍କା, ୭,୫୦୦ ଟଙ୍କା ଓ ୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୬ ହଜାର ଟଙ୍କା, ୫ ହଜାର ଟଙ୍କା ଓ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ନୁଆମୁଣ୍ଡି 'ରନ୍-ଏ-ଥନ୍' ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଅକ୍ଟୋବର ୧୮ରୁ ଆରମ୍ଭ ହେବ ଏବଂ ନଭେମ୍ବର ୭ରେ ଶେଷ ହେବ। ଅକ୍ଟୋବର ୨୧ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆରେ ଶନିବାର ଓ ରବିବାର ବ୍ୟତୀତ ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅଫଲାଇନ୍ ପଞ୍ଜିକରଣ କରାଯାଇପାରିବ।


**ODISHA LIFT IRRIGATION CORPORATION LTD.** CAD-1378
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I.DIVISION, GUNUPUR.**

E-mail: www. eeolicgnp@ymail.com

"E"-Procurement Notice

**BID IDENTIFICATION NO. OLIC-GNPR-01/2024-25 dt.14.10.2024**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on **Percentagewise Rate** bids in single cover system on online mode for the work Installation / Revival of Lift Irrigation Projects on turnkey basis from reputed contractors / firms having both valid civil and H.T. license, holders registered within the State issued by PWD/PHED/RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors / firms having civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce a affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/bids. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender Web site i.e. www.tendersorissa.gov.in.

1. Total Nos. of Packages : 5 nos.
2. Approximate Estimated Cost: Rs. 12.95 Lakhs to 16.39 Lakhs.,
3. Period of completion: 90 days for all Projects from the date of handing over the site.
4. Availability of tender On-line for bidding : from dt.22.10.2024 to 04.11.2024.
5. Last date & time of seeking tender clarification : On dt. 01.11.2024
6. Last date of submission of original Bid documents/ Cost of Bid (On Online Mode) on or before dt.04.11.24 upto 5.30 P.M.
7. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode) dt. 05.11.2024 onwards.
8. Any Corrigendum/ Addendum will be displayed in the above website only.

The undersigned reserves the right to reject/cancel any or all the tenders without assigning any reason thereof.

Executive Engineer,
L.I.Division, Gunupur.

OIPR-32144/11/0001/2425



**OFFICE OF THE**
**REGULATED MARKET COMMITTEE, JEYPORE, Dist. KORAPUT** H-19

At- Umari, (Phulabada) P.O -Railway Station-764001

E-Mail- secretaryrmcjeypore@yahoo.in

**Tender Notice No. 566 dated. 15/10/2024**

The Sub-Collector Jeypore-cum-Chairman Regulated Market Committee, Jeypore invite rate quoted bid in sealed cover from reputed Manufacturer / Authorized Registered Dealers for supply, installation and commissioning alongwith AMC charges of grading equipments viz **(1) Electronic Weighing scale 300 KG Capacity (without printer) (2) Analysis Kit (3) Sample Divider (burner type) (4) Set of Sieves (5) Digital Moisture Meter (with printer) of latest version with Compatable Bluetooth & USB connection** which can be paired with other devices and according to the **Technical Specification** issued by **OSAM Board, Bhubaneswar vide Letter No.1729 (66) dt. 20.08.2019 of General Manager OSAM Board, Bhubaneswar** in plain paper with proper format and seal & signature within the specified time period. The quotation should be reached to this office by Registered post/ Office box in person on or before 5.00 P.M Dated. 24/10/2024. The bids will be opened at 11.00 A.M on Dated. 25/10/2024 in this office in the presence of tenderer or their representatives. The intending firms must submit papers like valid GST certificate, PAN & other related documents as per norms fixed by the Government.

The Authority Reserves the right to reject all or any of the quotation without assaying any reason thereof and for further details contact vide e-mail- secretaryrmcjeypore@yahoo.in or also visit website **koraput.odisha.gov.in.**

By the Order of Sub-Collector Jeypore-cum-Chairman, RMC, Jeypore
Secretary, R.M.C, Jeypore

OIPR-07088/11/0001/2425



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553

**TENDER ALERT** CAD-1387

**1)Tender Call Notice No. 01/2024-25:** Construction of cable trench slabs for replacement of damaged slabs at Grid Sub-Station, Bhograi Under EHT (O&M) Division, Balasore.

**2)Tender Call Notice No. 03/2024-25:** Procurement of different types of identification Boards required for GSS under EHT (O&M), Division, Dhenkanal.

**3)Tender Call Notice No.04/2024-25:** Procurement of Telescopic FRP Discharge Rod required for GSS Under EHT (O&M) Division, Dhenkanal.

**4)Tender Call Notice No. 04 of 2024-25:** Tenders are invited from experienced bidders for Sl. No. 01 & 09 Under Civil Works Division No-II, Burla.

**5)Tender Call Notice No. 03/KHU/2024-25:** Painting of 01 no. 40MVA Power Transformer (P TFR No. 4) at Grid Sub-Station, Khurda Under EHT (O&M) Division, Khurda.

**6)Tender Call Notice No. 07/2024-25:** Cleaning, uprooting of grasses, wild shurbs including cutting of bushes,trees and unwanted plants at Salipur, Nuapatna & 132kV ICCL S/W Station, Choudwar Under EHT (O&M) Division, Choudwar.

**7)Tender Call Notice No. OT-06/2024-25:** Procurement of different types consumable items required for annual mentenance works in various Grids Substations Under EHT (O&M) Division, Rayagada.

For more details please visit OPTCL's website: **www.optcl.co.in.** OIPR-04011/11/0055/2425 FIPR-29/2024-25

/optcl.odisha /optcl_odisha

## ସାପ କାମୁଡ଼ାରେ ମହିଳା ମୃତ

**ଖଇରା,୧୭।୧୦/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅନ୍ତର୍ଗତ ମାହାରାସାହି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମିନତୀ ଗିରି(୪୨)। ମିନତୀ ବୁଧବାର ରାତିରେ ଶୋଇଥିବାବେଳେ ପ୍ରାୟ ୨ଟା ସମୟରେ ସାପ କାମୁଡ଼ାବାରୁ ଚିତ୍କାର କରିଥିଲେ। ପ୍ରଥମେ ଖଇରା ପରେ ଭଦ୍ରକ ଏବଂ ଶେଷରେ ଗୁରୁତର ଅବସ୍ଥାରେ କଟକ ନିଆଯାଉଥିବାବେଳେ ମୃତ୍ୟୁବରଣ କରିଥିଲେ। ତେବେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଅଟଳ ପେନସନ୍ ଯୋଜନା ସମ୍ପ୍ରସାରଣ କାର୍ଯ୍ୟକ୍ରମ




**ଯାଜପୁର,୧୭।୧୦/ଏନ୍ଏନ୍ଏସ୍:** ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅଗ୍ରଣୀ ବ୍ୟାଙ୍କ, ଯାଜପୁର ଆନୁକୁଲ୍ୟରେ ଅଟଳ ପେନସନ୍ ଯୋଜନା ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଭେସ କୁମାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭାରତ ସରକାରଙ୍କ ଏହି ପେନସନ୍ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରିୟଙ୍କା ଗୁପ୍ତା ଏହି ଯୋଜନା ଉପରେ ବିସ୍ତୃତ ବିବରଣୀ ଦେଇ ହିତାଧିକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌତମ ପାତ୍ର ଏସ୍ଏଲ୍‌ବିସି କନଭେନର୍, ଅଶୋକ କୁମାର ବେହୁରିଆ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ, ଶ୍ରୀକାନ୍ତ ତ୍ରିପାଠୀ ଡିଜିଏମ୍(ଏଫ୍ଆଇ), ଲିଙ୍ଗରାଜ ନାୟକ ଏସ୍ଏଲ୍‌ବିସି ଇନ୍‌ଚାର୍ଜ ଓ ସିପାଲିନ୍ ଦାସ ଡିଡିଏମ୍ ନାବାର୍ଡ ପ୍ରମୁଖକାର୍ଯ୍ୟକ୍ରମରେ ଅଂଶଗ୍ରହଣକରି ଯାଜପୁର ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ଅଟଳ ପେନସନ୍ ଯୋଜନାରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ନୂତନ କରି ସାମିଲ ହେଇଥିବା ଅଟଳ ପେନସନ୍ ଯୋଜନାରେ ହିତାଧିକାରୀଙ୍କୁ ପିଆର୍ଏଏନ୍ କାର୍ଡ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ଯେଉଁମାନେ ଏହି ଯୋଜନାରେ ଭଲ ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ୩୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ରଜକିଶୋର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦିଲ୍ଲୀପ କୁମାର ଭୂୟାଁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ନିଜ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଦେଇଥିଲେ।

## କ୍ୟାନସର୍ ପୀଡ଼ିତାଙ୍କୁ କ୍ରେଡିଟ୍ କୋ-ଅପରେଟିଭ୍ ପକ୍ଷରୁ ସହାୟତା



**କେନ୍ଦ୍ରାପଡ଼ା,୧୭।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ଜଣେ କ୍ୟାନସର୍ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ବ୍ଲକ୍ ବଗଡ଼ା ପଞ୍ଚାୟତ କଚେରୀପଡ଼ା ଗ୍ରାମର ମାଗୁଣୀ ତ୍ରିପାଠୀଙ୍କ ପତ୍ନୀ ଶଶୀରେଖା ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ସଭାପତି ସମବାୟବିତ୍ ତଥା ସମାଜସେବୀ ପ୍ରମୋଦ ସାହୁ ତାଙ୍କ ବାସଭବନରେ ପହଞ୍ଚି ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ, ଜମା ସଂଗ୍ରହକାରୀ ରଞ୍ଜିତ ଦାସଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଓ ୱାର୍ଡସଭ୍ୟ ଉପସ୍ଥିତ ଥିଲେ।

## ସମାଜସେବୀ କ୍ଷୀରୋଦ ସାହୁଙ୍କୁ 'ଭାରତୀୟ ସେବା ରତ୍ନ ସମ୍ମାନ'

**ତାଳଚେର,୧୭।୧୦/ଏନ୍ଏନ୍ଏସ୍:** ନୂଆଦିଲ୍ଲୀର ରାଇସିନା ରୋଡ୍‌ସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆର ସମ୍ମିଳନୀ ଗୃହରେ କଳିଙ୍ଗ ଏଜୁକେସନାଲ୍ ଏବଂ ସୋସିଆଲ୍ ୱେଲଫେୟାର୍ ଟ୍ରଷ୍ଟ ପକ୍ଷରୁ ଭାରତରତ୍ନ ଡ. ଏପିଜେ ଅବଦୁଲ୍ କାଲାମ୍‌ଙ୍କ ୯୩ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେରର ସମାଜସେବୀ କ୍ଷୀରୋଦ ସାହୁଙ୍କୁ 'ଭାରତୀୟ ସେବା ରତ୍ନ ସମ୍ମାନ ୨୦୨୪'ରେ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କର ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବାର ରାଷ୍ଟ୍ରଦୂତ ଡ. ଅମରେନ୍ଦ୍ର ଖଟୁଆ, ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବଳରାମ ପାଣି, ସ୍ୱତନ୍ତ୍ର ଅତିଥିଭାବେ ଭାରତ ସରକାରଙ୍କ ଗାନ୍ଧୀ ସ୍ମୃତି ସମିତିର ନିର୍ଦ୍ଦେଶକ ଜ୍ୱାଲା ପ୍ରସାଦ, ସମ୍ମାନୀତ ଅତିଥିଭାବେ ନୂଆଦିଲ୍ଲୀର ଦୂରଦର୍ଶନ ନ୍ୟୁଜ୍‌ର ବରିଷ୍ଠ ଏଡିଟର ଓ ପି ଯାଦବ ଓ ନ୍ୟାସ୍‌ନାଲ୍ ନ୍ୟୁଜ୍ ସର୍ଭିସ୍‌ର ଚେୟାରମ୍ୟାନ୍ ଶ୍ରୀରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଧନଦାତ୍ରୀଙ୍କ ଧରାବତରଣ ପରେ ସବୁଠି ଉତ୍ସବମୁଖର

**ଢେଙ୍କାନାଳ,୧୭।୧୦/ଏନ୍ଏନ୍ଏସ୍:** କୁମାର ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ଧରାପୃଷ୍ଠକୁ ଧନଦାତ୍ରୀ ମା' ଲକ୍ଷ୍ମୀ ଧରାବତରଣ କରିଛନ୍ତି। ଆଉ ଆରମ୍ଭ ହୋଇଯାଇଛି ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଉତ୍ସବ। ମା' ଲକ୍ଷ୍ମୀଙ୍କ ଅବସ୍ଥାନ ପରେ ପୂଜା ବଜାର ବେଶ୍ ଆକର୍ଷଣୀୟ ହୋଇଉଠିଛି। ପୂଜା ବଜାରକୁ ଦର୍ଶକଙ୍କ ସୁଅ ଛୁଟିବାରେ ଲାଗିଛି। କୁମାର ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଢେଙ୍କାନାଳ ଲକ୍ଷ୍ମୀପୂଜା ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିନ। ପରମ୍ପରା ମୁତାବକ ବୁଧବାର ରାତିରେ ସମସ୍ତ ୩୮ଟି ପୂଜା ମଣ୍ଡପରେ ମା'ଙ୍କୁ ଆବାହନ କରାଯାଇଛି। ସନ୍ଧ୍ୟା ପରଠାରୁ ପୂଜା ମଣ୍ଡପରେ ହୋମଯଜ୍ଞ ଓ ପୂଜକଙ୍କ ମନ୍ତ୍ରପାଠରେ ସହର ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ବାଜା ଓ ଭଜନ କୀର୍ତ୍ତନରେ ପୂଜା ବଜାର ଚଳଚଞ୍ଚଳ ହୋଇଉଠିଛି। ମା' ଙ୍କ ପ୍ରଥମ ଦର୍ଶନ ପାଇଁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜା ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା, ନଭଶ୍ଚୁମ୍ବି ତୋରଣ ସାଙ୍ଗକୁ ଓ ରଙ୍ଗୀନ ଆଲୋକମାଳା ସାରା ସହରକୁ ଆଚ୍ଛାଦିତ କରିଛି। ସାରା ସହର ଏକ ପ୍ରକାର ରଙ୍ଗୀନ ହୋଇପଡ଼ିଛି। ମା'ଙ୍କ ଧରାବତରଣ ପରେ ଢେଙ୍କାନାଳ ସହର ଇନ୍ଦ୍ରପୁରୀ ସଦୃଶ ଦେଖିବାକୁ ମିଳିଛି। ପରମ୍ପରା ମୁତାବକ ପ୍ରତେକ ସନ୍ଧ୍ୟାରେ ମଣ୍ଡପରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ଗୁରୁବାର ମା'ଙ୍କ ବାର ପଡ଼ିଥିବାରୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ସାଙ୍ଗକୁ ପୂଜା ପ୍ରତିଷ୍ଠାନ ଗୁଡ଼ିକରେ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ପ୍ରସ୍ତୁତି କରିଛନ୍ତି। ଆଉ ୧୨ଦିନ ଧରି ଏହି ପୂଜା ଉତ୍ସବକୁ ଢେଙ୍କାନାଳବାସୀ ବେଶ୍ ଧୂମଧାମ୍‌ରେ ପାଳନ କରିବେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହିଷାପାଟରେ ଗୁରୁବାରରୁ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଛି ଯାହାକି ଦର୍ଶକଙ୍କ ପାଇଁ କେନ୍ଦ୍ରବିନ୍ଦୁ ପାଲଟିବ। ତେବେ ଚଳିତ ବର୍ଷ ପ୍ରଥମଦିନରୁ ହିଁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ବଢ଼ୁଥିବା ବେଳେ ଅନୁକୂଳ ପାଗ ଚଳିତ ବର୍ଷ ପୂଜା ବଜାରକୁ ଆହୁରି ସରଗରମ କରିବ ବୋଲି ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ମତପ୍ରକାଶ କରିଛନ୍ତି।


ଢେଙ୍କାନାଳ


କେନ୍ଦୁଝର

**କେନ୍ଦୁଝର:** ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏବଂ କୁମାରୀଙ୍କ କୁମାର ପୂର୍ଣ୍ଣିମା ପାଇଁ ସାରା କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ କେତେକ ସ୍ଥାନରେ ମେଳା, ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କେନ୍ଦୁଝର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହେଉଥିବାବେଳେ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ପୂଜା ମଣ୍ଡପ ଓ ମେଢ଼ ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଗହଳି ପରିଲକ୍ଷିତ ହୋଇଛି। କେତେକ ସ୍ଥାନରେ ଏକ ସପ୍ତାହ ପର୍ଯ୍ୟନ୍ତ ଲକ୍ଷ୍ମୀପୂଜା ଓ ମେଳା ଅନୁଷ୍ଠିତ ହେବ। ବୁଧବାର ପୂଜାର ପ୍ରଥମ ଦିନ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ କମିନାହିଁ। କେନ୍ଦୁଝର ସହରର କାଶୀପୁର, ମାଧପୁର ମହାଲକ୍ଷ୍ମୀ କଲଚରାଲ୍ କ୍ଲବ୍, ନୂଆସାହି ମହାଲକ୍ଷ୍ମୀ ସାଂସ୍କୃତିକ ପୂଜା କମିଟି, ପୁରୁଣାବଜାର, ବଣିଆପାଟ ମା' ଲକ୍ଷ୍ମୀ ପୂଜା କମିଟି, ମା'ଲକ୍ଷ୍ମୀ ପୂଜା କମିଟି କଲେଜରୋଡ୍, ବାଁପାର, ବଡ଼ହଳ ଲକ୍ଷ୍ମୀପୂଜା କମିଟି, ବଡ଼ଦାଣ୍ଡ, ଧୋବାଡ଼ିହା, ଡେଲିମାର୍କେଟ, ନେତାଜୀ ଯୁବକ ସଂଘ ପବିତ୍ରଡ଼ିହା, ଶିବନାରାୟଣପୁର ସାହି, ବୁଲାଦ୍ୱାର ସାହି, ଲକ୍ଷ୍ମୀନାରାୟଣପୁର ସାହି, ଆଟୋପୁର, ରଙ୍ଗପାଟ ସାହି, ବୀରବରପୁର, ବୈଦ୍ୟରାଜ ସାହି, ରାଇସୁଆଁ, ପଦ୍ମପୁର, ପଳାଶପଙ୍ଗା ନିକଟସ୍ଥ ମୁରୁସୁଆଁ, ଡୁରୁମୁଙ୍ଗା, ପାଟଣା, ଚମ୍ପୁଆ ଓ ଯୋଡ଼ା ଆଦି ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା କରାଯାଇଥିବାବେଳେ ରାଇସୁଆଁରେ କଳସ ଶୋଭାଯାତ୍ରା ପୂଜା ମାହୋଲକୁ ସରଗରମ୍ କରିଛି। ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା କାର୍ଯ୍ୟ ଶାସ୍ତ୍ରମତେ ଅନୁଷ୍ଠିତ ହେଉଥିବାବେଳେ ସ୍ୱତନ୍ତ୍ର ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ସାଧାରଣଲୋକଙ୍କୁ ଆକର୍ଷିତ କରୁଛି। ଅନେକ ସ୍ଥାନରେ ମୀନାବଜାର, ଅପେରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦସେବନର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ମଣ୍ଡପ ଓ ମେଳାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।







**କୁଆଖିଆ:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ମହାରଣାସାହିରେ ବହୁ ପୁରାତନ ଲକ୍ଷ୍ମୀପୂଜା ପାଳିତ ହେଉଛି। ଏହି ପୂଜା ଉତ୍ସବକୁ କର୍ତ୍ତାଭାବେ ବନମାଳି ମହାରଣା, ରୁକ୍ମଣୀ ମହାରଣା ଓ ଗ୍ରାମର ଚଗୁଲୁ, ଟୁଟୁ, ଉତ୍ତମ, ନିରଞ୍ଜନ, ରଞ୍ଜନ, ବଟକୃଷ୍ଣ, ହୃଷିକେଶ, ଲକ୍ଷ୍ମୀଧର ମହାରଣା, ଅଶୋକ ସାହୁ, ବିଷ୍ଣୁ ଚରଣ ମହାରଣା, ବାସୁଦେବ ମହାରଣା ଓ ସମସ୍ତ ଗ୍ରାମବାସୀ ପରିଚାଳନା କରୁଛନ୍ତି। ସେହିପରି ରାହାମ୍ବା ବଣିଆ ସାହିରେ କର୍ତ୍ତାଭାବେ ଅଜୟ କୁମାର ସାହୁ, ମନୋଜ ସାହୁ, ବିଜୟ ସାହୁ, ନିରଞ୍ଜନ ସାହୁ, ପ୍ରହଲ୍ଲାଦ ସାହୁ, ଶଶାଙ୍କ ଶେଖର ସାହୁ , ବିନୋଦ ସାହୁ, ଗୋପାଳ ସାହୁ ଓ ସମସ୍ତ ଗ୍ରାମବାସୀ ପୂଜା ବିଧି ସମ୍ପାଦନ ଜାରି ରଖିଛନ୍ତି। ମଧୁବନ ହାଇସ୍କୁଲ ଲକ୍ଷ୍ମୀବଜାରରେ କର୍ତ୍ତାଭାବେ ପ୍ରହଲ୍ଲାଦ ପଣ୍ଡା, ଗଣେଶ୍ୱର ବିଶ୍ୱାଳ, ଚନ୍ଦ୍ରଶେଖର ଗିରି ଓ ପଣ୍ଡିତ ହିମାଂଶୁ ପଣ୍ଡା ପୂଜାବିଧି ଦୀର୍ଘ ବର୍ଷ ଧରି ଜାରି ରଖିଛନ୍ତି। ଦୋଳମୁଣ୍ଡାଇରେ କର୍ତ୍ତାଭାବେ ନାରାୟଣ ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ଶିକ୍ଷକ କୈଳାସ ରାଉତ ପ୍ରମୁଖ ଲକ୍ଷ୍ମୀପୂଜା ରୀତିନିତିରେ ପାଳନ କରୁଛନ୍ତି।

**ଧର୍ମଶାଳା:** ଧର୍ମଶାଳା ବ୍ଲକ୍ କୁମାରୀ ଗ୍ରାମରେ ଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି। ବୁଧବାରଠାରୁ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିବାବେଳେ ୩ଦିନ ବ୍ୟାପି ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହେବ। ଏହି ଅବସରରେ କମିଟି ପକ୍ଷରୁ ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁକ୍ରବାର ମା'ଙ୍କ ପୂର୍ଣ୍ଣାହୁତି ଏବଂ ଆସନ୍ତା ୨୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଅସି ମା'ଙ୍କ ଦର୍ଶନ କରିବା ସହ ଦୀପଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ରାଜକିଶୋର ଶତପଥୀ, ସମ୍ପାଦକ ରାଜେଶ କୁମାର ସାମଲ, ସଦସ୍ୟ ଗଣେଶ୍ୱର ସାହୁ, ମହେଶ୍ୱର ସାହୁ, ପ୍ରାଣକୃଷ୍ଣ ସାମଲ, ନିଗମାନନ୍ଦ ସାହୁ, ପରେଶ ସାହୁ ଓ ରାମଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନା କରୁଛନ୍ତି।





**ଆଳି:** ଆଳି ବ୍ଲକ୍ ପେତପଡ଼ା ପଞ୍ଚାୟତରେ ପେତପଡ଼ା ଗ୍ରାମ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ପେତପଡ଼ା ଗ୍ରାମର ଯୁବତୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତ ବର୍ଷ ଦଶମ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୧୦ ବର୍ଷ ହେବ ଗ୍ରାମର ଯୁବତୀଙ୍କ ଦ୍ୱାରା ଆୟୋଜିତ ଏହି ପୂଜା ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହେଉଥିବାବେଳେ ଗ୍ରାମରେ ଉତ୍ସବର ମାହୋଲ ଦେଖାଦେଇଛି। ବୁଧବାର ମା'ଙ୍କର ଶୁଭାଧିବାସ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା ଓ ଷୋଡ଼ଶ ଉପଚାର ପୂଜା କରାଯାଇଥିବାବେଳେ ଗୁରୁବାର ଷୋଡ଼ଶ ଉପଚାର ପୂଜା କରାଯାଇଛି। ଶୁକ୍ରବାର ପୂର୍ଣ୍ଣାହୁତି ଦିଆଯିବା ସହ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ଜଣାପଡ଼ିଛି। ଏହି ଉତ୍ସବ ନିମନ୍ତେ ଗ୍ରାମରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ସନ୍ଧ୍ୟା ହେଲେ ମା'ଙ୍କ ଦର୍ଶନ ନିମନ୍ତେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ପୂଜା ମଣ୍ଡପ ନିକଟରେ ଭିଡ଼ ଜମାଉଛନ୍ତି।




ନିତିଦିନ NITIDIN
DISPLAY CLASSIFIED
Every Day All Odisha Publications
For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility: +2Arts, Sc., Com. Both Male & Female, Dur: 3yrs.
ANM
Eligibility: +2Pass-Only Female, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3. Permitted by: H&FW Dept., Govt of Odisha Affiliated by: Indian Nursing Council, Delhi, Odisha Nursing Council, BBSR.
Contact: 9438004888 9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

## ଆଜିର ଇତିହାସ

- ୧୯୯୮-ଭାରତ ଓ ପାକିସ୍ତାନ ଆଣବିକ ବିପଦକୁ ରୋକିବା ପାଇଁ ସହମତ ହୋଇଥିଲେ।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରପ୍ପାନଙ୍କୁ ହତ୍ୟା କରାଯାଇଥିଲା।
- ୨୦୦୮-ମାୟାବତୀ ରାୟବରେଲୀ ରେଳ କୋଚ୍ ଫ୍ୟାକ୍ଟ୍ରି ପାଇଁ ୧୮୯.୨୫ କୋଟି ଏକର ଭୂମି ରେଳ ମନ୍ତ୍ରଣାଳୟକୁ ଫେରାଇଥିଲେ।
- ୧୯୨୫-ନାରାୟଣ ଦତ୍ତ ତିୱାରୀଙ୍କ ଜନ୍ମଦିନ।
- ୧୯୫୦-ପ୍ରସିଦ୍ଧ ଅଭିନେତା ଓମ୍ ପୁରୀ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୭୬-ତେଲୁଗୁ ସାହିତ୍ୟକାର ବିଶ୍ୱନାଥ ସତ୍ୟନାରାୟଣଙ୍କ ନିଧନ।

## ଶ୍ରୀମଦ୍ ଭଗବଦ୍‌ଗୀତା

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି।



ଯଜ୍ଞ ଓ ତପ ଆଦିର ପାଳକ ଏବଂ ସମସ୍ତ ଲୋକର ଈଶ୍ୱର ଓ ସବୁ ପ୍ରାଣୀଙ୍କ ବନ୍ଧୁ, ନିରପେକ୍ଷୋପକାରୀ ଏପରି ମୋତେ ଜାଣି ମୋକ୍ଷ ଲାଭ କରନ୍ତି। ଈଶ୍ୱରଙ୍କ କୃପା ଦ୍ୱାରା ଅନୁସନ୍ଧିତ୍ସୁ ଓ ଆନ୍ତରିକ ଆତ୍ମ-ସଚେତନ ବ୍ୟକ୍ତିମାନେ ଯଜ୍ଞ ଅନୁଷ୍ଠାନ ଓ ସନ୍ନ୍ୟାସର ସାଧନା ମାର୍ଗ ଅନୁସରଣ କରନ୍ତି। ଈଶ୍ୱର ଲାଭ ହିଁ ସେମାନଙ୍କ ପ୍ରୟାସର ଏକମାତ୍ର ଲକ୍ଷ୍ୟ। ଈଶ୍ୱର ହିଁ ସମଗ୍ର ଜଗତର ପ୍ରଭୁ। ସେ କେବଳ ଜଗତର ରକ୍ଷାକାରୀ ନୁହନ୍ତି ବରଂ ଲୋକଙ୍କର ପ୍ରକୃତ ବନ୍ଧୁ। ସେ ସକଳ ଜୀବଙ୍କର ହୃଦୟରେ ବିବେକ ଭାବେ ଅବସ୍ଥାନ କରନ୍ତି ଏବଂ ସେମାନଙ୍କୁ ନିଜ ନିଜର କର୍ମ ଫଳ ପ୍ରଦାନ କରନ୍ତି। କର୍ମ ତାଙ୍କ ଠାରୁ ଜାତ। ଜ୍ଞାନ ଓ ବୁଦ୍ଧି ମଧ୍ୟ ତାଙ୍କ ଠାରୁ ଉତ୍ସାରିତ ହୁଏ। ମୁନିଗଣ ନିରନ୍ତର ଈଶ୍ୱରଙ୍କର ଦିବ୍ୟ ମହିମାଠାରେ ନିଜର ମନ, ଚିତ୍ତ ଓ ଭାବନା ଅର୍ପଣ କରିଥିବାରୁ ସେମାନେ ପରମ ଶାନ୍ତି ପ୍ରାପ୍ତ କରନ୍ତି।

## ଜଣେ ସଫଳ ନିବେଶକ



ଏଠାରେ ଦୁନିଆର ଜଣେ ସଫଳ ନିବେଶକ ୱାରେନ୍ ବଫେଟ୍‌ଙ୍କ ବିଷୟରେ କୁହାଯାଉଛି। କେବେ ସେ ନିଜ ଜୀବନରେ ପ୍ରାରମ୍ଭିକ ସମୟରେ ଛୋଟ ଛୋଟ ଜିନିଷ ବିକ୍ରି କରି ଦୁନିଆର ଧନୀ ଓ ସଫଳ ନିବେଶକଙ୍କ ମଧ୍ୟରେ ସାମିଲ ହୋଇଗଲେ। ବଫେଟ୍‌ଙ୍କ ନିବେଶ ଯାତ୍ରା ଏତେ ପ୍ରେରଣାଦାୟକ ଯେ ସେ ନିଜର ବୁଦ୍ଧି ଓ ଧୈର୍ଯ୍ୟରୁ ସେୟାର୍ ବଜାରରୁ ବଡ଼ ଧରଣର ଲାଭ ଉଠାଇଥିଲେ। ଏହାକୁ ଦେଖିବା ପରେ ପୂରା ଦୁନିଆର ନିବେଶକମାନେ ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ପିତାଙ୍କ ଠାରୁ ନିବେଶର ପ୍ରେରଣା ପାଇଥିବା କଥା ସେ କହନ୍ତି। ତାଙ୍କ ପିତା ଜଣେ ଷ୍ଟକ୍ ବ୍ରୋକର୍ ଥିଲେ। ପିଲାଦିନରୁ ସେୟାର୍ ବଜାର ପ୍ରତି ଆଗ୍ରହ ଥିବା ୱାରେନ୍ ମାତ୍ର ଛଅ ବର୍ଷ ବୟସରୁ ରୋଜଗାର କରିବା ଆରମ୍ଭ କରିଥିଲେ। ସେତେବେଳେ ସେ ଚୁଇଂ ଗମ୍, କୋକା-କୋଲାର ବୋତଲ ଓ ଗଲ୍ଫର ବଲ୍ ବିକ୍ରି କରୁଥିଲେ। ଏହା ବ୍ୟତୀତ ଖବରକାଗଜ, ପପ୍ କର୍ଣ୍ଣ ବିକ୍ରି କରି ସେ ଅର୍ଥ ଯୋଗାଡ଼ କଲେ। ୧୯୪୨ରେ ମାତ୍ର ୧୧ ବର୍ଷ ବୟସରେ ସେ ଜମା କରିପାରିଥିଲେ ୧୨୦ ଡଲାର୍। ସେ ନିଜ ଭଉଣୀ ଡୋରିସ୍‌ଙ୍କ ସହିତ ମିଶି ତାଙ୍କର ପ୍ରଥମ ସେୟାର୍ କିଣିଥିଲେ। ଏହି ସେୟାର୍ ଆମେରିକାନ୍ ପେଟ୍ରୋଲିୟମ୍ କମ୍ପାନୀ ସିଟିଜ ସର୍ଭିସ୍‌ର ଥିଲା। ପ୍ରଥମ ଥରରେ ହିଁ ସେ ପାଞ୍ଚ ଡଲାର୍ ଲାଭ ପାଇଲେ। ଏହା ତାଙ୍କ ପାଇଁ ଥିଲା ଏକ ବଡ଼ ଉପଲବ୍ଧି। ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କର ନିବେଶ ଯାତ୍ରା। ଏହା ମଧ୍ୟରେ ସେ ତାଙ୍କର ଶିକ୍ଷା ସମାପ୍ତ କରିଥିଲେ। ପରବର୍ତ୍ତୀ ସମୟରେ ସେ ୧୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଏକତ୍ରିତ କରିଥିଲେ। ତାଙ୍କର ନିବେଶ ପୋର୍ଟଫୋଲିଓରେ ୪୧ଟି ବଡ଼ ବଡ଼ କମ୍ପାନୀର ପାଖାପାଖି ୨୪ ଲକ୍ଷ କୋଟି ଟଙ୍କାର ସେୟାର୍ ରହିଛି। ଏ ସମୟରେ ୯୪ ବର୍ଷୀୟ ୱାରେନ୍ ବଫେଟ୍ ଦୁନିଆର ଷଷ୍ଠ ସବୁଠାରୁ ଧନୀ ବ୍ୟକ୍ତିର ମାନ୍ୟତା ପାଇଛନ୍ତି।

## ରଜୋନିବୃତ୍ତି ଦିବସ



ରଜୋନିବୃତ୍ତି ବା ମେନୋପଜ୍ ଏକ ପ୍ରାକୃତିକ ଜୈବିକ ପ୍ରକ୍ରିୟା ଯାହା ୪୫-୫୦ ବର୍ଷ ମଧ୍ୟରେ ଦେଖାଦିଏ। ଏହି ପ୍ରକ୍ରିୟା ଆରମ୍ଭ ହେବାର ଅର୍ଥ ପ୍ରତ୍ୟେକ ମାସ ମାସିକଧର୍ମ ବନ୍ଦ ହେବା। ଯଦି ଲଗାତର ୧୨ ମାସ ପର୍ଯ୍ୟନ୍ତ ମାସିକଧର୍ମ ବନ୍ଦ ହୋଇଯାଏ ତେବେ ଏହାକୁ ମେନୋପଜ ପର୍ଯ୍ୟନ୍ତ ପହଞ୍ଚିବା ବୋଲି କୁହାଯାଏ। ଏହା ହେବା ପରେ ମହିଳାମାନଙ୍କ ମଧ୍ୟରେ ଉଭୟେ ଶାରୀରିକ ଓ ମାନସିକ ସ୍ତରରେ ପରିବର୍ତ୍ତନ ହୁଏ। କେବେ କେବେ ଏହି ପରିବର୍ତ୍ତନ ଏତେ ଧିମା ଗତିରେ ହୁଏ ଯେ ମହିଳାମାନଙ୍କୁ କୌଣସି ପ୍ରକାରର ସମସ୍ୟା ହୁଏ ନାହିଁ। ସେହିପରି ଆଉ କିଛି ମହିଳାଙ୍କ କ୍ଷେତ୍ରରେ ଏହି ପ୍ରକ୍ରିୟା ଏତେ ଦ୍ରୁତ ଗତିରେ ହୁଏ ଯେ ସେମାନଙ୍କୁ ତମାମ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ମହିଳାମାନଙ୍କୁ ଏହି ସମସ୍ୟା ପ୍ରତି ସଚେତନ କରାଇବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ପୂରା ବିଶ୍ୱ ପାଳନ କରେ ରଜୋନିବୃତ୍ତି ଦିବସ। ବିଶେଷଜ୍ଞଙ୍କ ମତରେ ଏହା ଏକ ସାମାନ୍ୟ ପ୍ରକ୍ରିୟା। କୌଣସି ମହିଳାଙ୍କର ଅଚାନକ ମାସିକଧର୍ମ ଆସିବା ବନ୍ଦ ହୋଇଯାଏ ତ ଆଉ କିଛି ମହିଳାଙ୍କୁ ୧-୨ ବର୍ଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସହିତ ସଂଘର୍ଷ କରିବାକୁ ପଡ଼େ। କେବେ କେବେ ୪୫ ବର୍ଷ ପୂର୍ବରୁ ମଧ୍ୟ ରଜୋନିବୃତ୍ତି ଆସିଯାଏ।

**ଲକ୍ଷଣ-** ନିଦ ନଆସିବା, ରାତିରେ ଅସ୍ତବ୍ୟସ୍ତ ଲାଗିବା ଓ ଝାଳ ବାହାରିବା, ଶରୀରର ଭିନ୍ନ ଭିନ୍ନ ଭାଗରେ ବ୍ୟଥା ହେବା, ଚିଡ଼ଚିଡ଼ାପଣ, ମନ ଉଦାସ ରହିବା, ଚିନ୍ତା, କ୍ଲାନ୍ତି, ଦୁର୍ବଳତା, ବାନ୍ତି ଲାଗିବା ଓ ବାନ୍ତି ହେବା ଆଦି କେତେକ ରଜୋନିବୃତ୍ତିର ପ୍ରମୁଖ ଲକ୍ଷଣ। କେବେ କେବେ ଅତ୍ୟଧିକ ମୁଣ୍ଡ ମଧ୍ୟ ବିନ୍ଧେ।

**ପରାମର୍ଶ-** ରଜୋନିବୃତ୍ତି ପରେ ନିୟମିତ ଭାବରେ ମହିଳାମାନେ ବ୍ୟାୟାମ କରିବା ଉଚିତ। ଏହାଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ନିଦ ମଧ୍ୟ ଭଲ ହୁଏ। ରଜୋନିବୃତ୍ତି ପରେ ହାଡ଼ ଦୁର୍ବଳ ହୋଇଯାଉଥିବାରୁ କ୍ଷୀର, ଦହି, ଅଣ୍ଡା ଆଦିକୁ ଖାଦ୍ୟରେ ସାମିଲ କରିବା ଉଚିତ। ଏ ସମୟରେ ଅବସାଦ, ଚାପ, ଏକାକୀ ରହିବାର ଅଭ୍ୟାସ ଓ ଅନିଦ୍ରା ପରି ସମସ୍ୟା ଦେଖାଦେଇପାରେ।

## ଯୋଗୀ ଫୁଲ



ଯୋଗୀ ଫୁଲ ଋତୁ ଅନୁସାରେ ରଙ୍ଗ ପରିବର୍ତ୍ତନ କରିଥାଏ। ଗରମ ଓ ଶୀତ ଦିନେ ଏହାର ରଙ୍ଗରେ ପରିବର୍ତ୍ତନ ହୋଇଥାଏ। ଏହି ଦୁର୍ଲଭ ଫୁଲର ଫଟୋ ଲୋକମାନଙ୍କର ଧ୍ୟାନ ଆକର୍ଷିତ କରୁଛି। ଫୁଲର ଗଠନ ଏପରି ହୋଇଛି ଯେ ମନେହେବ କୌଣସି ଯୋଗୀ ପଦ୍ମାସନ ମୁଦ୍ରାରେ ବସିଛନ୍ତି। ଏହି ଦୁର୍ଲଭ ଫୁଲ କେବଳ ହଲ୍‌ଫେତି ଗ୍ରାମରେ ହୁଏ ଯାହା ତୁର୍କୀର ଦକ୍ଷିଣ-ପୂର୍ବ ସାନ୍‌ଲିଉର୍‌ଫା ପ୍ରାନ୍ତ ପାଖରେ ଅବସ୍ଥିତ। ହଲ୍‌ଫେତି ଗ୍ରାମର ମାଟିର ଅନୋଖା ଗୁଣ ଓ ଏନ୍ଥୋସାୟନିନ୍ ପିଗ୍‌ମେଣ୍ଟ କାରଣରୁ ଏହି ଫୁଲ ଗରମ ଦିନେ କଳା ଓ ଅନ୍ୟ ଋତୁରେ ଗାଢ଼ ଲାଲ୍ ରଙ୍ଗର ଦେଖାଯାଏ। ତେବେ ସୋସିଆଲ୍ ମିଡିଆ ବ୍ୟବହାର କରୁଥିବା କିଛି ଲୋକମାନଙ୍କ ଅନୁସାରେ ତୁର୍କୀ ହେଉଛି ଏକମାତ୍ର ସ୍ଥାନ ଯେଉଁଠାରେ ଯୋଗୀ ଫୁଲ ଫୁଟେ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ନୁହେଁ। ତେବେ ୟୁଫ୍ରେଟ୍ସ ପାଣିରୁ ଏହି ଫୁଲ ଗଛ ପୋଷଣ ପାଏ। ଏହି ଫୁଲକୁ ସୃଷ୍ଟି କରୁଥିବା ମାଟି ସମ୍ପର୍କରେ କୁହାଯାଏ ଯେ ମାଟିର ଗୁଣ କାରଣରୁ ଫୁଲ ରଙ୍ଗ ବଦଳେଇଥାଏ। ଫୁଲ ସମ୍ପର୍କରେ ଅନେକଗୁଡ଼ିଏ ଦାବି କରାଯାଉଥିଲେ ମଧ୍ୟ ଏହାକୁ ମିଥ୍ୟା ବୋଲି କୁହାଯାଉଛି। କିନ୍ତୁ ଏହାର ସତ୍ୟାସତ୍ୟ ପରୀକ୍ଷା କରିଥିଲା ଫ୍ୟାକ୍ଟଲି ନାମକ ନ୍ୟୁଜ୍ ଆଉଟ୍‌ଲେଟ୍। ଏହା ଅନୁସାରେ ଫଟୋଟି ୯୯.୯ ପ୍ରତିଶତ ଏଆଇ ଜେନେରେଟେଡ୍ ହୋଇପାରେ। କିନ୍ତୁ ଫଟୋଟି ଫେକ୍ ବୋଲି ପୁଷ୍ଟି ହୋଇପାରି ନାହିଁ। କିନ୍ତୁ ତୁର୍କୀର ହଲ୍‌ଫେଟିରେ ସୁନ୍ଦର ଗୋଲାପ ପରି ଫୁଲ ଫୁଟେ ଯାହାକୁ କୁହାଯାଏ କାରା ଗୁଲ୍। ଏହି ଗୋଲାପ ଗାଢ଼ ୱାଇନ୍-ଲାଲ୍ ରଙ୍ଗରେ ଫୁଟେ ଓ ଗରମ ଦିନେ କଳା ଦେଖାଯାଏ। ଏହି ଗଛ ପାଇଁ ମାଟିରେ ବିଶିଷ୍ଟ ସ୍ତରର ପିଏଚ୍ ସ୍ତରର ଆବଶ୍ୟକତା ଥାଏ। ଏଥିପାଇଁ ଗରମ ଦିନେ କଳା ହୋଇଯାଏ ଓ ବାକି ଋତୁଗୁଡ଼ିକରେ ଏହି ଫୁଲ ରଙ୍ଗ ବଦଳେଇଥାଏ। ସ୍ଥାନୀୟ ଲୋକମାନେ ଏହି ଫୁଲ ଚାଷ କରନ୍ତି ଯେଉଁଠିକୁ ବଡ଼ ସଂଖ୍ୟାରେ ପର୍ଯ୍ୟଟକମାନେ ମଧ୍ୟ ଦେଖିବାକୁ ଯାଆନ୍ତି।

## ପ୍ରତି ସମସ୍ୟା ପାଇଁ
# ଅଲଗା ଅଲଗା ପାଠ

ଧାର୍ମିକ ମାନ୍ୟତା ଅନୁସାରେ ଯଦି ଆମେ ନିୟମିତ ଭାବରେ ଭଗବାନଙ୍କ ଭକ୍ତି କରୁଛନ୍ତି ବା ତାଙ୍କ ନାମର ସ୍ମରଣ କରୁଛନ୍ତି ତେବେ ଆମ ଜୀବନରେ ସମସ୍ୟା କମ୍ ଆସିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କୌଣସି ପ୍ରକାରର ସମସ୍ୟା ଠାରୁ ଦୂରରେ ରହିବା ପାଇଁ ମନ୍ତ୍ର ଓ ଜପର ରହିଛି ବଡ଼ ଭୂମିକା। ଏହା ବ୍ୟତୀତ ଶାସ୍ତ୍ରଗୁଡ଼ିକରେ ସବୁ ସମସ୍ୟାକୁ ଦୂର କରିବା ପାଇଁ କିଛି ପାଠକୁ ନିର୍ଦ୍ଧାରିତ କରାଯାଇଛି।







**ହନୁମାନ ଚାଳିସା-** ଯଦି ନିଜକୁ ଦୁର୍ବଳ ବା ଶକ୍ତିବିହୀନ ବୋଲି ଅନୁଭବ କରୁଛନ୍ତି ତେବେ ଏ ସମୟରେ ହନୁମାନ ପାଠ କରିବା ଉଚିତ। ଏହା ଆପଣଙ୍କୁ ଶକ୍ତି ଦେବ।

**ଶିବାଷ୍ଟକ ପାଠ-** ଯଦି ମନରେ ଅଶାନ୍ତି ରହୁଛି ଓ କୌଣସି କାମରେ ମନ ଲାଗୁନାହିଁ ତେବେ ଏପରି ସମୟରେ ଶିବାଷ୍ଟକ ପାଠ କରିବା ଲାଭଦାୟକ ହେବ।

**ଆଦିତ୍ୟ ହୃଦୟ ସ୍ତୋତ୍ର-** ଲଗାତର ଖୁବ୍ ଭଲ କାର୍ଯ୍ୟ କରିବା ପରେ ସମାଜରେ ଯଦି ପ୍ରତିଷ୍ଠା ମିଳୁ ନଥାଏ ତେବେ ଆପଣ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରିପାରିବେ।

**ଗଣେଶ ଅଥର୍ବଶୀର୍ଷ-** ଘରେ ପରସ୍ପର ଭିତରେ ମତଭେଦ ହେବା ଏକ ସାଧାରଣ କଥା। କିନ୍ତୁ ଅଧିକ କଳହ ହେଉଥିଲେ ଗଣେଶ ଅଥର୍ବଶୀର୍ଷର ପାଠ କରିବା ଦ୍ୱାରା ଲାଭପ୍ରଦ ହୁଏ ବୋଲି ମାନ୍ୟତା ରହିଛି।

**ଗୋପାଳ ସହସ୍ରନାମ ସ୍ତୋତ୍ର-** ଯଦି ଆପଣ ବିବାହିତ ଓ ସନ୍ତାନ ପ୍ରାପ୍ତିର ଆଶା ପୂରା ହେଉନାହିଁ ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଗୋପାଳ ସହସ୍ରନାମ ସ୍ତୋତ୍ରର ପାଠ କରନ୍ତୁ।

**କନକଧାରା ସ୍ତୋତ୍ର-** ଆପଣ ଯଦି ଚାକିରି କରୁଥିବା ବ୍ୟକ୍ତି କିମ୍ବା ବ୍ୟବସାୟୀ ହୋଇଥାନ୍ତି ଓ କାମ ଭଲ ଚାଲୁଥିଲେ ମଧ୍ୟ ଘରେ ଧନର ସମସ୍ୟା ହେଉଥିବ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ କନକଧାରା ସ୍ତୋତ୍ରର ପାଠ କରିପାରିବେ।

**ବିଷ୍ଣୁ ସହସ୍ରନାମ-** ଯଦି ଆପଣ କୌଣସି କାମ କରିବାକୁ ଚାହୁଁଛନ୍ତି କିନ୍ତୁ ସେଥିରେ ଲଗାତର ଅବରୋଧ ଉତ୍ପନ୍ନ ହେଉଛି ଓ କାମରେ ରାସ୍ତା ବାହାରୁ ନାହିଁ ତେବେ ବିଷ୍ଣୁ ସହସ୍ରନାମର ପାଠ କରନ୍ତୁ।

**ଦୁର୍ଗା ସପ୍ତଶତୀ ପାଠ-** ଅଧିକାଂଶ ଘରେ ଲୋକମାନେ ରୋଗଗ୍ରସ୍ତ ରହୁଥିବାର ଦେଖିବାକୁ ମିଳେ। ତେଣୁ ଘରେ ଯଦି କେହି ରୋଗଗ୍ରସ୍ତ ହୋଇ ରହୁଛନ୍ତି ଏପରି ସ୍ଥଳେ ଦୁର୍ଗା ସପ୍ତଶତୀ ପାଠ କରିଲେ ଲାଭ ପାଇବେ।




## କର୍ପୂର
### କିପରି ତିଆରି ହୁଏ



ପୂଜାପାଠ ହେଉ ଅବା କୌଣସି ଅନୁଷ୍ଠାନ, କର୍ପୂର ବିନା ତାହା ପୂରା ହୁଏ ନାହିଁ। କର୍ପୂରରେ ନିଆଁ ଲାଗିବା ମାତ୍ରେ ତାହା ଜଳିବା ଆରମ୍ଭ ହୁଏ ଓ ଚାରିଆଡ଼େ ସୁଗନ୍ଧ ବ୍ୟାପିଯାଏ। କର୍ପୂର କିପରି ତିଆରି ହୁଏ, ଏହାର ଗଛ କିପରି ହୁଏ ଓ ଏହା ଏତେ ଜ୍ୱଳନଶୀଳ କାହିଁକି ଏ ବିଷୟରେ ଜାଣିଛନ୍ତି କି? ବଜାରରେ ଦୁଇ ପ୍ରକାରର କର୍ପୂର ମିଳେ- ଗୋଟିଏ ପ୍ରାକୃତିକ କର୍ପୂର ଓ ଅନ୍ୟଟି ଆର୍ଟିଫିସିଆଲ୍ ଉପାୟରେ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ କରାଯାଉଥିବା କର୍ପୂର। ପ୍ରାକୃତିକ କର୍ପୂର ଗଛରୁ ତିଆରି ହୁଏ ଯାହାକୁ କମ୍ଫର ଟ୍ରି ବୋଲି କୁହାଯାଏ। ଏହାର ବୈଜ୍ଞାନିକ ନାମ ସିନାମୋମୁନ୍ କ୍ୟାମ୍ଫୋରା। କମ୍ଫର ଗଛ ୫୦-୬୦ ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଏହାର ପତ୍ରଗୁଡ଼ିକର ଆକାର ଗୋଲ୍ ଓ ୪ ଇଞ୍ଚ ଓସାର ହୋଇପାରେ। ଏହି ଗଛର ଛାଲିରୁ କର୍ପୂର ତିଆରି ହୁଏ। କମ୍ଫରର ଛାଲି ଯେତେବେଳେ ଶୁଖିବାକୁ ଲାଗେ ବା ଗ୍ରେ ରଙ୍ଗର ଦେଖାଯାଏ ସେତେବେଳେ ଏହାକୁ ଗଛରୁ ଅଲଗା କରିଦିଆଯାଏ। ପରେ ଏହାକୁ ଗରମ କରି ରିଫାଇନ୍ କରାଯାଇ ପାଉଡର୍ ତିଆରି କରାଯାଏ ଓ ଆବଶ୍ୟକ ଅନୁସାରେ ଆକାର ଦେଇଦିଆଯାଏ। କମ୍ଫର ଗଛର ଉତ୍ପତ୍ତି ପୂର୍ବ ଏସିଆରେ ହୋଇଥିଲା ବିଶେଷ କରି ଚୀନ୍‌ରେ। ତେବେ କିଛି ବନସ୍ପତି ବିଜ୍ଞାନୀ କମ୍ଫର ଗଛକୁ ଜାପାନର ନେଟିଭ୍ ବୋଲି କହନ୍ତି। ଚୀନ୍‌ର ଟାଙ୍ଗ୍ ରାଜବଂଶ ସମୟରେ କମ୍ଫର ଗଛରୁ ଆଇସ୍‌କ୍ରିମ୍ ତିଆରି କରାଯାଉଥିଲା ଯାହା ଖାସ୍ ଲୋକପ୍ରିୟ ଥିଲା। ଏହାକୁ ଅନେକ ଉପାୟରେ ବ୍ୟବହାର କରାଯାଉଥିଲା। ଚୀନୀ ଲୋକମାନେ ଚିକିତ୍ସା ପଦ୍ଧତିରେ ଏହି ଗଛକୁ ବ୍ୟବହାର କରୁଥିଲେ। ନବମ ଶତାବ୍ଦୀର ଆଖପାଖରେ କମ୍ଫର ଗଛରୁ ଆସବନ ବିଧି ଜରିଆରେ କର୍ପୂର ତିଆରି କରିବା ଆରମ୍ଭ ହୋଇଥିଲା ଓ ପରେ ଏହି ପ୍ରକ୍ରିୟା ପୂରା ଦୁନିଆରେ ବ୍ୟାପିଯାଇଥିଲା। କର୍ପୂର ଗଛକୁ ବ୍ଲାକ୍ ଗୋଲ୍ଡ ଟ୍ରି ବୋଲି କୁହାଯାଏ।

## ଅର୍ଶାଦ



ଏ ସମୟରେ ଅଭିନେତା ଅର୍ଶାଦ ୱାରସୀ ତାଙ୍କର ଆଗାମୀ ଫିଲ୍ମ 'ବନ୍ଦା ସିଂହ ଚୌଧରୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅର୍ଶାଦ ୱାରସୀ ଓ ମେହେର ବିଜ୍‌ଙ୍କ ଏହି ଫିଲ୍ମଟି ୨୫ ଅକ୍ଟୋବରରେ ସିନେମାଘରେ ରିଲିଜ ହେବ। ଦର୍ଶକମାନେ ମଧ୍ୟ ଫିଲ୍ମଟିର ଅପେକ୍ଷାରେ ଅଛନ୍ତି। କିଛି ଦିନ ପୂର୍ବରୁ ପ୍ରଭାସ ଅଭିନୀତ ଫିଲ୍ମ 'କଳ୍କି ୨୮୯୮ ଏଡି'କୁ ନେଇ ଅର୍ଶାଦ ମନ୍ତବ୍ୟ ଦେଇଥିଲେ ଯାହା ପରେ ଅର୍ଶାଦଙ୍କୁ ବହୁତ ଅଧିକ ଟ୍ରୋଲ୍ ହେବାକୁ ପଡ଼ିଥିଲା। ଏଥିପାଇଁ ଏବେ ଫିଲ୍ମଗୁଡ଼ିକ ସମ୍ପର୍କରେ କେବଳ ଭଲ କଥା ହିଁ କହିବେ ବୋଲି କହିଛନ୍ତି ଅରଶାଦ। 'କଳ୍କି ୨୮୯୮ ଏଡି'ରେ ପ୍ରଭାସଙ୍କ ଚରିତ୍ରଟିକୁ ଅର୍ଶାଦ ଜୋକର୍ ବୋଲି କହିଥିଲେ। ଏଥିପାଇଁ ଲୋକମାନେ ତାଙ୍କୁ ଖୁବ୍ ଟ୍ରୋଲ୍ କରିଛନ୍ତି। ଏହା ପରେ ବି ପ୍ରଭାସଙ୍କ ଚରିତ୍ରଟିକୁ ନେଇ ସେ ଦେଇଥିବା ମନ୍ତବ୍ୟ ମଧ୍ୟ ଭୁଲ ନଥିଲା ବୋଲି କହିଛନ୍ତି ଅର୍ଶାଦ। ଏ ସମ୍ପର୍କରେ ସେ ତାଙ୍କର ରାୟକୁ ନେଇ କାୟମ ରହିବେ। ତେବେ ପ୍ରଭାସଙ୍କ ଫିଲ୍ମଟିକୁ ବକ୍ସ ଅଫିସ୍‌ରେ ମିଶ୍ରିତ ଫଳାଫଳ ମିଳିଥିଲା। ଫିଲ୍ମରେ ପ୍ରଭାସଙ୍କ ସହିତ ଦୀପିକା ପାଦୁକୋନ୍, କମଲ୍ ହାସନ ଓ ଦିଶା ପାଟନୀ ମଧ୍ୟ ନଜର ଆସିଥିଲେ। ଏହି ଫିଲ୍ମରେ ବିଜୟ ଦେବରକୋଣ୍ଡା, ଦୁଲକର ସଲମାନ୍ ଓ ମୃଣାଳ ଠାକୁରଙ୍କର କ୍ୟାମିଓ ଭୂମିକା ଥିଲା। ତେବେ ଦର୍ଶକମାନେ ଫିଲ୍ମର ଦ୍ୱିତୀୟ ପାର୍ଟ ଅପେକ୍ଷାରେ ଅଛନ୍ତି। ଫିଲ୍ମ 'ବନ୍ଦା ସିଂହ ଚୌଧରୀ'କୁ ଅରବାଜ ଖାନ ଓ ମନୀଷା ମିଶ୍ର ନିର୍ମାଣ କରୁଛନ୍ତି। ଫିଲ୍ମର ଟ୍ରେଲର୍‌କୁ ଦର୍ଶକମାନେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ଫିଲ୍ମଟି ହିଟ୍ ହେବ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - କିଛି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସତର୍କ ରହିବାକୁ ପଡ଼ିବ। ପାରିବାରିକ ଜୀବନର ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପ୍ରୟାସ କରିବେ। କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ବିଚାରକୁ ସେୟାର୍ ନକଲେ ଭଲ। ଆମଦାନୀରୁ ଲାଭ ହେବ।

**ବୃଷ** - ଅନେକ ସୋର୍ସରୁ ଧନ ଲାଭ ହେବ। ପରିଜନମାନେ ଖୁସି ହେବେ। ନୂଆ ପ୍ରପର୍ଟି କିଣିବାର ସମ୍ଭାବନା ବଢ଼ିବ। ପ୍ରତିଯୋଗୀ ପରୀକ୍ଷାରେ ଅପାର ସଫଳତା ମିଳିବ। ଧନ ନେଣଦେଣ ମାମଲାରୁ ଦୂରରେ ରୁହନ୍ତୁ।

**ମିଥୁନ** - ଦିନଟି ଭଲରେ ବିତିବ। ବ୍ୟକ୍ତିଗତ ଜୀବନରେ ଅପାର ସଫଳତା ପାଇବେ। ସୁସ୍ଥ ଜୀବନଶୈଳୀ ଆପଣାଇବେ। ରୋମାଣ୍ଟିକ ଜୀବନରେ ପ୍ରେମ ଓ ଉତ୍ସାହ ଭରପୂର ରହିବ। ନୂଆ କାର୍ଯ୍ୟର ଆରମ୍ଭ ପାଇଁ ଶୁଭ ଦିନ।

**କର୍କଟ** - ବ୍ୟକ୍ତିଗତ ଜୀବନରେ ପ୍ରସିଦ୍ଧି ବଢ଼ିବ। ନିବେଶରୁ ଖୁବ୍ ଧନ ଲାଭ ହେବ। ଶୈକ୍ଷିକ କାର୍ଯ୍ୟରେ ଦ୍ୱନ୍ଦ୍ୱ ରହିବ। ସ୍ୱାସ୍ଥ୍ୟକୁ ନେଇ ମନ ଚିନ୍ତିତ ରହିବ। ବାଦ-ବିବାଦରୁ ନିଜକୁ ରକ୍ଷା କରିବେ। ପାରିବାରିକ ବିବାଦକୁ ବଢ଼ିବାକୁ ଦିଅନ୍ତୁ ନାହିଁ।

**ସିଂହ** - ଧନ ନେଣଦେଣରେ ସତର୍କ ରହିବେ। ଯାତ୍ରାର ଯୋଗ ରହିଛି। ପ୍ରପର୍ଟିକୁ ନେଇ ବିବାଦର ସମାଧାନ ହୋଇପାରିବ। ଘରେ ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହେବ। କିଛି କପଲ୍ସଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇପାରେ।

**କନ୍ୟା** - ନୂଆ କାରବାରର ଆରମ୍ଭ ପାଇଁ ସହଜରେ ଫଣ୍ଡ ମିଳିଯିବ। ନୂଆ ଘର ବା ବାହନ କିଣିବା ସମ୍ଭବ ହୋଇପାରେ। ସାକ୍ଷାତକାରରେ ସାମିଲ ହେଲେ ଛାତ୍ରଛାତ୍ରୀଙ୍କୁ ଅପାର ସଫଳତା ମିଳିବ। ନିବେଶ କରିପାରନ୍ତି।

**ତୁଳା** - ଦିନଟି ଶୁଭ ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ଅଫିସ୍‌ରେ ସହକର୍ମୀଙ୍କର ପରାମର୍ଶ ନେଇପାରନ୍ତି। କ୍ୟାରିୟର୍‌ରେ ବାଧା ପହଞ୍ଚିପାରେ। ମାନସିକ ଶାନ୍ତି ମିଳିବ। ପ୍ରତିଦିନ ରୁଟିନ୍‌ରୁ ବ୍ରେକ୍ ନେଇ ଭ୍ୟାକେସନ୍‌ର ପ୍ଲାନ୍ କରିପାରନ୍ତି।

**ବିଛା** - ଆୟର ଅପ୍ରତ୍ୟାଶିତ ସୋର୍ସରୁ ଧନ ଲାଭ ହେବ। ପୁରୁଣା ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ପାଇବେ। ଆୟରୁ ଲାଭ ମିଳିବ। ଧନ-ସମ୍ପଦରେ ବୃଦ୍ଧି ଯୋଗ ରହିଛି। କ୍ୟାରିୟର୍‌ରେ ଉନ୍ନତିର ଅବସର ରହିଛି।

**ଧନୁ** - ସହକର୍ମୀଙ୍କର ସପୋର୍ଟ ପାଇବେ। ପାରିବାରିକ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। କିଛି ଜାତକରେ ଭ୍ୟାକେସନ୍‌ରେ ଯାଇପାରନ୍ତି। ପାରିବାରିକ ଜୀବନରେ ସୁଖ ଶାନ୍ତି ମିଳିବ। ବାହନ ଚଳେଇବା ସମୟରେ ସତର୍କ ରହିବେ।

**ମକର** - ଦୀର୍ଘ ଦିନର ସମସ୍ୟାରୁ ମୁକ୍ତି ପାଇବେ। ପରିବାର ସାଙ୍ଗସାଥିଙ୍କ ସହିତ ମଉଜ ମସ୍ତିଭରା ମୁହୂର୍ତ୍ତକୁ ଉପଭୋଗ କରିବେ। ଘରେ ସମ୍ପତ୍ତିର ଭାଗବଣ୍ଟା ହୋଇପାରେ। କାର୍ଯ୍ୟସ୍ଥଳରେ ପରିବେଶ ସକାରାତ୍ମକ ରହିବ।

**କୁମ୍ଭ** - ଆୟ ବୃଦ୍ଧିର ସୁନେଲି ସୁଯୋଗ ଆସିବ। ପରିବାର ସହିତ ସମୟ ଅତିବାହିତ କରିବେ। ଚାକିରି କରୁଥିବା ଲୋକମାନଙ୍କର ଟ୍ରାନ୍ସଫର ହୋଇପାରେ। କ୍ୟାରିୟର୍‌ରେ ଖୁବ୍ ଉନ୍ନତି ହେବ।

**ମୀନ** - ଆର୍ଥିକ ସାହାଯ୍ୟ ମିଳିପାରେ। ବ୍ୟକ୍ତିଗତ ଜୀବନ ବଢ଼ିଆ ରହିବ। ଘରେ ସକାରାତ୍ମକ ପରିବେଶ ରହିବ। ଯାତ୍ରା ଯୋଗ ରହିଛି। ଜୀବନସାଥୀଙ୍କ ସନ୍ଧାନ କରୁଥିବା ଲୋକମାନଙ୍କ ପାଇଁ ଦିନଟି ଭଲ।

## ହାତୀ ଘଉଡ଼ାଇବା ବେଳେ ଅଘଟଣ

# ଏଲିଫ୍ୟାଣ୍ଟ୍ ସ୍କ୍ୱାଡ୍ କର୍ମଚାରୀ ମୃତ

**କେନ୍ଦୁଝର,୧୭।୧୦/ଏନ୍ଏନ୍ଏସ୍:** କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଝାରବେଡ଼ା ଗ୍ରାମ ନିକଟରେ ହାତୀ ଘଉଡ଼ାଇବା ବେଳେ ଜଣେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଗୋବିନ୍ଦପୁର ଗ୍ରାମର ବସନ୍ତ ମହାନ୍ତ(୪୫)। ବୁଧବାର ସଦର ରେଞ୍ଜ ଝାରବେଡ଼ା ଗ୍ରାମ ନିକଟରେ ୬ ଟିକିଆ ହାତୀ ପଲ ବିଲରେ ପଶି ଧାନ ଫସଲ ନଷ୍ଟ କରୁଥିବା ସୂଚନା ପାଇବା ପରେ ସଦର ରେଞ୍ଜର ଅଜିତ୍ କୁମାର ଦାସ ଓ ନରଣପୁର ଫରେଷ୍ଟର କାଳନ୍ଦି ସାମଲଙ୍କ ସହ ସ୍କ୍ୱାଡ୍ କର୍ମଚାରୀ ଉକ୍ତ ଅଞ୍ଚଳକୁ ହାତୀ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ହାତୀ ଗୋଠରୁ ଅଲଗା ହୋଇ ବନ କର୍ମଚାରୀଙ୍କୁ ଗୋଡ଼ାଇଥିଲା। ସମସ୍ତ ବନ କର୍ମଚାରୀ ଦୌଡ଼ି ପଳାଇଥିବାବେଳେ ବସନ୍ତ ପଡ଼ିଯିବାରୁ ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ବସନ୍ତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ଚାକିରି ଦେବାକୁ ଦାବି କରିଛନ୍ତି। ସର୍ଭିସ ପ୍ରୋଭାଇଡର୍ ଦ୍ୱାରା ମୃତକଙ୍କ ପରିବାରକୁ ୧ଲକ୍ଷ ୫୨ହଜାର ଟଙ୍କା ଏବଂ ସରକାରଙ୍କ ପକ୍ଷରୁ ୬ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳିବ ବୋଲି ଡିଏଫ୍ଓ ଧନରାଜ ଏଚ୍ଡି ପ୍ରକାଶ କରିଛନ୍ତି।

# ଲକ୍ଷାଧିକ ଟଙ୍କାର ବାଣ ଜବତ



**ତାଳଚେର,୧୭।୧୦/ଏନ୍ଏନ୍ଏସ୍:** ତାଳଚେର ଟାଉନ ଚମ୍ପାପଶି ରୋଡ୍ ଅଞ୍ଚଳରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ହୋଇଥିବା ବିପୁଳ ପରିମାଣର ବାଣ ଜବତ କରିଛି। ଚମ୍ପାପଶି ଅଞ୍ଚଳରେ ଘର କରି ରହୁଥିବା ଜଣେ ପୂଜା ସାମଗ୍ରୀ ଦୋକାନୀ ତାଙ୍କ ଘରେ ବେଆଇନ ଭାବେ ବାଣ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ପରେ ତାଳଚେର ଥାନାଧିକାରୀ ଏକ ଟିମ୍ ଗଠନ କରି ଅତର୍କିତ ଭାବେ ଚଢ଼ଉ କରିଥିଲେ। ସେଠାରୁ ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ଜଣାପଡ଼ିଛି। ଜବତ ବାଣର ମୂଲ୍ୟ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ଉକୁ ଦେଖି ଚୋରା ବେପାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ତେବେ ତାଳଚେର ସହର ମଧ୍ୟରେ ଏପରି ଅନେକ ବେଆଇନ ବାଣ ଗୋଦାମ ରହିଥିଲେ ମଧ୍ୟ ପୁଲିସ ତାଙ୍କ ନିକଟରେ କେବେ ପହଞ୍ଚୁଛି ତାହା ଦେଖିବାକୁ ବାକି ରହିଲା।

# ୯୬ ବର୍ଷରେ ପଦାର୍ପଣ କଲା କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା

**କେନ୍ଦ୍ରାପଡ଼ା,୧୭।୧୦/ଏନ୍ଏନ୍ଏସ୍:** ୧୯୨୮ରୁ ୯୬ ବର୍ଷ ହେବ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ସଂସ୍କୃତିର ମହୋତ୍ସବ ରୂପେ ମହିମା ମଣ୍ଡିତ ଗଜଲକ୍ଷ୍ମୀ ପୂଜା କେନ୍ଦ୍ରାପଡ଼ା ଜିଲ୍ଲାର ଗଣପର୍ବ ଭାବେ ପରିଚିତ। କେନ୍ଦ୍ରାପଡ଼ାବାସୀ ପ୍ରତିବର୍ଷ ମା' ଗଜଲକ୍ଷ୍ମୀଙ୍କ ଶୁଭ ଆଗମନକୁ ପ୍ରତିକ୍ଷା କରିଥାନ୍ତି। କେନ୍ଦ୍ରାପଡ଼ା ସହରର ପ୍ରତ୍ୟେକ ସାହି ଏବଂ ଛକରେ ମା' ମୃଣ୍ମୟୀ ଗଜଲକ୍ଷ୍ମୀଙ୍କ ପୂଜା ଆରାଧନା ମହାସମାରୋହରେ ପାଳନ କରାଯାଉଛି।

କେନ୍ଦ୍ରାପଡ଼ାର ଜହରୀ ଲାଲ, ଶ୍ରୀରାମ ଅଗ୍ରୱାଲ, ଦଧି ପୃଷ୍ଟି, ନବୀନ ସାହୁ, ହଳଧର ବେହେରା , ଜାଗର ଗୁରୁ, ଭୋଳି ମହାରଣା, ଶ୍ୟାମ ସାହୁ, ବିଦ୍ୟାଧର ସାହୁ ଓ ପୁନାନନ୍ଦ ବେହେରା ପ୍ରମୁଖ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାର ପଥପ୍ରଦର୍ଶକ ଥିଲେ। ତତ୍କାଳୀନ କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ମୃଣ୍ମୟୀ ଗଜଲକ୍ଷ୍ମୀଙ୍କ ପୂଜା କେବଳ ବର୍ତ୍ତମାନର ଆଳି ଥାନା ଅନ୍ତର୍ଗତ ସାନମଙ୍ଗରେ ହେଉଥିଲା। ଗାଁଉଲି ଜାଗା ହେଲେ ମଧ୍ୟ ଖୁବ୍ ଜାକଜମକରେ ସାଜସଜ୍ଜା ସହ ଯାତ୍ରା ମଧ୍ୟ ହେଉଥିଲା। ଏ ଖବର ଶୁଣି ବନ୍ଧୁଙ୍କ ମଧ୍ୟରେ କଥୋପକଥନ ପ୍ରସଙ୍ଗରେ ମା' ମୃଣ୍ମୟୀ ଗଜଲକ୍ଷ୍ମୀଙ୍କର ପୂଜା ଏବଂ ଗୋପାଳ ଦାସ ଯାତ୍ରା ଦେଖିବା ପାଇଁ ସେମାନେ ସାନମଙ୍ଗକୁ ଯିବେ ବୋଲି ସ୍ଥିରୀକୃତ ହୋଇଥିଲା। ତେଣୁ ୧୯୨୭ ମସିହାରେ ମା' ମୃଣ୍ମୟୀ ଗଜଲକ୍ଷ୍ମୀଙ୍କ ପୂଜା ଓ ଗୋପାଳ ଦାସ ଯାତ୍ରା ଦେଖିବା ପାଇଁ କେନ୍ଦ୍ରାପଡ଼ା ସହରରୁ ସେହି ବନ୍ଧୁମାନେ ସାନମଙ୍ଗ ଅଭିମୁଖେ ବଳଦ ଗାଡ଼ିରେ ଯାଇଥିଲେ। ସେଠାରୁ ଦେଖିଆସିବା ପରେ କେନ୍ଦ୍ରାପଡ଼ା ସହରରେ ମୃଣ୍ମୟୀ ଗଜଲକ୍ଷ୍ମୀଙ୍କ ପୂଜା ୧୯୨୮ ମସିହାରେ ଶୁଭାରମ୍ଭ ହୋଇଥିଲା। ଉପରୋକ୍ତ ୧୧ ଜଣ ବନ୍ଧୁଙ୍କ ଭିତରେ ଆଲୋଚନା କରାଯାଇ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ଗଠନ ଓ ସେବାକାରି ହିସାବରେ କେଉଁମାନଙ୍କୁ ନିଯୁକ୍ତି ମିଳିବ ତାହା ସ୍ଥିର କରାଗଲା। ସର୍ବସମ୍ମତିକ୍ରମେ କଟକ ଚାନ୍ଦିନୀଚୌକର ଦାମ ମହାରଣା ମୂର୍ତ୍ତି ଗଠନ, କେନ୍ଦ୍ରାପଡ଼ା ନସଡ଼ିପୁରର ଭାଗବତ ଦାସ ମୂର୍ତ୍ତି ପୂଜା ଓ ସାନ୍ତସାହିର ବଳରାମ ବାରିକଙ୍କୁ ମା'ଙ୍କ ସେବାକାରୀ ଭାବେ ଚୟନ କରାଯାଇଥିଲା। ପରେ ମୃଣ୍ମୟୀ ମୂର୍ତ୍ତିଙ୍କୁ କେଉଁଠାରେ ପୂଜାର୍ଚ୍ଚନା କରାଯିବ ବୋଲି ଆଉ ଗୋଟିଏ ବଡ଼ ସମସ୍ୟା ଉପୁଜିଥିଲା। ଏପରି ସମୟରେ ଜହରୀଲାଲ ଗଜଲକ୍ଷ୍ମୀ ମୂର୍ତ୍ତି ପୂଜା ପାଇଁ ନିଜର ଗୋଟିଏ ବଖରା ଛାଡ଼ିଦେବା ପାଇଁ କହିଥିଲେ। ଶେଷରେ ତାଙ୍କରି ଘରେ ହିଁ ମୂର୍ତ୍ତି ପୂଜା ଆରମ୍ଭ ହେଲା।





୧୯୩୯ ମସିହାରେ ଆଉ ୩ଟି ବସ୍‌ଷ୍ଟାଣ୍ଡ୍ ବଡ଼କୋଠାର ତୁଳସୀ ବଜାର ମା' ଗଜଲକ୍ଷ୍ମୀ, କାକଟ ମୌଜାର ଲକ୍ଷ୍ମୀ ଓ ପରେ ବଳଗଣ୍ଡି(ଡମେଇ ସାହୁ) ବଜାର ମା' ଗଜଲକ୍ଷ୍ମୀ ମେଢ଼ ପ୍ରତିଷ୍ଠା କରାଯାଇ ପୂଜା କରାଗଲା। ଏହି ୩ଟି ମେଢ଼କୁ ଛାଡ଼ିଲେ ୧୯୨୮ ମସିହାରେ ପୁରୁଣା ମଟର ଷ୍ଟାଣ୍ଡ ନିକଟରେ ମା' ଗଜଲକ୍ଷ୍ମୀ ମେଢ଼ ସହିତ ୪ଟି ମେଢ଼ ମେଳଣ କରିବା ପାଇଁ ସ୍ଥିର କରାଯାଇଥିଲା। ପରେ ପୁରୁଣା ମଟର ଷ୍ଟାଣ୍ଡ କଚେରି ପଡ଼ିଆରେ ମେଳଣ ଅନୁଷ୍ଠିତ ହେଲା। ଏହି ମେଳଣରେ ସେତେବେଳେ ୧୨ଟଙ୍କା ୫୦ ପଇସା ଖର୍ଚ୍ଚ ହେଇଥିଲା। ୧୯୨୮ ମସିହାରୁ ହିଁ ଏହି ଗଜଲକ୍ଷ୍ମୀ ମେଳଣ ଅନୁଷ୍ଠିତ ହୋଇଆସୁଛି। ପରେ ୧୯୪୨ ମସିହାରେ ସୁନାଇଲୋ ଶ୍ରୀୟା ଚାଣ୍ଡାଲୁଣି ମେଢ଼ ଭଗବାନ କରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ପରେ ସହରରେ ପ୍ରତିବର୍ଷ ସାହି ବସ୍ତିରେ ମେଢ଼ ସଂଖ୍ୟା ବଢ଼ି ବଢ଼ି ବର୍ତ୍ତମାନ ୮୬କୁ ଛୁଇଁଲାଣି ଏବଂ ପ୍ରତି ମେଢ଼ରେ ଅତି କମ୍‌ରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାସହ ପ୍ରଶାସନକୁ ପୂଜା ଆରମ୍ଭରୁ ଭସାଣି ଶେଷ ପର୍ଯ୍ୟନ୍ତ ନାକେଦମ୍ ହେବାକୁ ପଡୁଛି। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକସ୍ତରରେ ଏହି ଗଣପର୍ବକୁ ଉନ୍ନତମାନର କରିବା ପାଇଁ ପ୍ରତିବର୍ଷ ପୂଜା ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇ ନୀତି ନିର୍ଦ୍ଧାରଣ କରାଯାଏ। ଚଳିତ ବର୍ଷ ମଧ୍ୟ ଏହି ପୂଜା ଉପଲକ୍ଷେ ସହରରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି।

## ଧ୍ରୁବ ଚରଣ ସାହୁଙ୍କ ପରଲୋକ

**ଭୁବନେଶ୍ୱର,ଭଦ୍ରକ,୧୭।୧୦/ଏନ୍ଏନ୍ଏସ୍:** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ପ୍ରାକ୍ତନ ଚେୟାରମ୍ୟାନ୍ ଧ୍ରୁବ ଚରଣ ସାହୁ ଗୁରୁବାର ସକାଳେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଗତ ୬ ମାସ ହେବ କ୍ୟାନ୍ସରରେ ପୀଡ଼ିତ ଥିଲେ। ସ୍ୱର୍ଗତ ସାହୁ ଭାରତୀୟ ଅଡିଟ୍‌ର ବିଶିଷ୍ଟ ସଦସ୍ୟ ସହ ଆକାଉଣ୍ଟ ଜେନେରାଲର ମୁଖ୍ୟ ଭାବେ ଓଡ଼ିଶା, ପଶ୍ଚିମବଙ୍ଗ ଓ ହରିୟାଣାରେ କାର୍ଯ୍ୟ କରିଛନ୍ତି। ଭଦ୍ରକ ନିବାସୀ ସ୍ୱର୍ଗତ ସାହୁ ନିଜର ସରଳତା ଓ ଉତ୍ତମ ବ୍ୟବହାର ପାଇଁ ବେଶ୍ ପରିଚିତ ଥିଲେ।



## ପାରାଦୀପ ସମୁଦ୍ର ମୁହାଣରେ ଓଲଟିଲା ଡଙ୍ଗା, ଜଣେ ନିଖୋଜ

**ପାରାଦୀପ,୧୭।୧୦/ଏନ୍ଏନ୍ଏସ୍:** ପାରାଦୀପ ନେହେରୁ ବଙ୍ଗଳା ନିକଟସ୍ଥ ସମୁଦ୍ର ମୁହାଣରେ ଭାରସାମ୍ୟ ହରାଇ ଏକ ମାଛଧରା ଡଙ୍ଗା(ଟାପା) ଓଲଟି ପଡ଼ିବାରୁ ଜଣେ ମତ୍ସ୍ୟଜିବୀ ନିଖୋଜ ହୋଇଥିବା ଜଣାପଡ଼ିଛି। ନିଖୋଜ ମତ୍ସ୍ୟଜିବୀ ଜଣକ ହେଲେ ଗୋପିଲା ଶ୍ରୀନୁ। ଘଟଣାରୁ ପ୍ରକାଶ, ଗୁରୁବାର ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରୁ ଦୟା ସାଗର ନାମକ ଏକ ମାଛଧରା ଡଙ୍ଗା(ଟାପା) ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲା। ଏହି ଟାପାରେ ମୋଟ ୩ ଜଣ ମତ୍ସ୍ୟଜୀବୀ ଥିଲେ।

ମାଛଧରି ସାରି ଟାପାଟି ବନ୍ଦରକୁ ଫେରୁଥିବା ସମୟରେ ମୁହାଣ ନିକଟରେ ଉଚ୍ଚ ଲହଡ଼ିରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ସେଥିରେ ଥିବା ୩ ଜଣ ମତ୍ସ୍ୟଜୀବୀ ଖସି ପଡ଼ିଥିଲେ। ସ୍ଥାନୀୟ ବୋଟ୍ ସାହାଯ୍ୟରେ ୨ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଜଣେ ଉଦ୍ଧାର ହୋଇ ପାରିନଥିଲେ। ଉକ୍ତ ଟାପା ବୋଟ୍‌ଟି ମୁହାଣ ନିକଟରେ ମଙ୍ଗର ପକାଇ ରହିଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖାହେବା ବେଳକୁ ନିଖୋଜ ମତ୍ସ୍ୟଜିବୀଙ୍କର କୌଣସି ସନ୍ଧାନ ମିଳିନଥିଲା।



## ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ତିର୍ତ୍ତୋଲ ଥାନାଧିକାରୀଙ୍କ ବେଖାତିର୍

**ଜଗତସିଂହପୁର,୧୭।୧୦/ଏନ୍ଏନ୍ଏସ୍:** ଜଗତସିଂହପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ତିର୍ତ୍ତୋଲ ଥାନାଧିକାରୀଙ୍କୁ ଏକ ଜରୁରୀ ପତ୍ର କରାଯାଇଥିଲା। ଉକ୍ତ ପତ୍ରରେ ଉପଜିଲ୍ଲାପାଳ ଦର୍ଶାଇଥିଲେ ଯେ ଓଡ଼ିଶା ବାଣ ଏବଂ ଡାକବାଜି ଯନ୍ତ୍ର ଆଇନକୁ ଉପେକ୍ଷା କରି ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଲମପୁର ଗ୍ରାମର ଅଶ୍ୱିନୀ କୁମାର ଦାସ ସାରାରାତି ଡାକବାଜି ଯନ୍ତ୍ର ବ୍ୟବହାର କରିବାରୁ ଜନସାଧାରଣ ସମସ୍ୟାରେ ପଡ଼ିଛନ୍ତି।

ଉକ୍ତ ସମସ୍ୟାକୁ ନେଇ ସଲମପୁର ଗ୍ରାମର କ୍ଷେତ୍ରମୋହନ ସେଠୀଙ୍କ ଅଭିଯୋଗକ୍ରମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ତିର୍ତ୍ତୋଲ ଥାନା କର୍ତ୍ତୃପକ୍ଷ ବେଖାତିର କରିବାରୁ ଅକ୍ଟୋବର ୧୫ ରାତିସାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାମରେ ଅଶ୍ୱିନୀ ଦାସ ଡାକବାଜି ଯନ୍ତ୍ର ବ୍ୟବହାର କରିଥିଲେ।

ଏପରିକି ୧୬ ତାରିଖ ମଧ୍ୟ ଡାକବାଜି ଯନ୍ତ୍ର ବ୍ୟବହାର କରି ଜନସାଧାରଣଙ୍କୁ ସମସ୍ୟାରେ ପକାଇଛନ୍ତି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ତିର୍ତ୍ତୋଲ ଏସ୍‌ଡିପିଓ ଓ ଜଗତସିଂହପୁର ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ମାତ୍ର ତିର୍ତ୍ତୋଲ ଥାନା କର୍ତ୍ତୃପକ୍ଷ ମନମୁଖୀ ଭାବେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରିବା ପ୍ରସଙ୍ଗକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

**ବାରିପଦା,୧୭।୧୦/ଏନ୍ଏନ୍ଏସ୍:** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ ତାରିଖ ମମୟୂରଭଞ୍ଜ ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବହୁ ପ୍ରତିକ୍ଷୀତ ୩ଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଆସିବା ଏବଂ ତତ୍‌ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ପରିଚାଳନା ଏବଂ ସଞ୍ଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ୍ ତତ୍ପରତାର ସହିତ କାର୍ଯ୍ୟ କରିବା ଆରମ୍ଭ କରିଛି। ଗତ ମଙ୍ଗଳବାର ମୁଖ୍ୟ ପ୍ରଶାସକ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଷ୍ଟ୍ରପତିଙ୍କ ୨ ଦିନିଆ ମୟୂରଭଞ୍ଜ ଗସ୍ତ ଥିବାବେଳେ ୨୩ରେ ରାଇରଙ୍ଗପୁର ଏବଂ ୨୪ରେ ବାଙ୍ଗିରିପୋଷିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରାଷ୍ଟ୍ରପତି ଭବନରୁ ନିର୍ଦ୍ଧାରିତ ହୋଇଛି। ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ, ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ, ବିଧାୟକ ଓ ସମ୍ମାନୀୟ ଅତିଥିବୃନ୍ଦ ମଧ୍ୟ ଯୋଗଦେବାର ସୂଚନା ପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ୍ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ ଓ ସଭାକାର୍ଯ୍ୟ ପାଇଁ ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଆଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି।



୨୩ ତାରିଖ ରାଷ୍ଟ୍ରପତି ଜନ୍ମମାଟି ଉପରବେଡ଼ା ଗ୍ରାମକୁ ଗସ୍ତ କରି ସେଠାରେ ସେ ପାଠ ପଢୁଥିବା ଉପରବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁରସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁରସ୍ଥିତ ବାସଭବନରେ ରାତ୍ରିଯାପନ କରିବେ।

ସେହିପରି ୨୪ ତାରିଖ ରାଷ୍ଟ୍ରପତି ବାଙ୍ଗିରିପୋଷିସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଦିନ ୯ଟା ୧୫ରେ ପହଞ୍ଚି ୩ଟି ନୂତନ ରେଳପଥ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚକୁଳିଆ ଓ ବାଦାମ ପାହାଡ଼-କେନ୍ଦୁଝରଗଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଟ୍ରାଇବାଲ୍ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ପୁଲିସ ଅଧିକାରୀମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ୨୪ ତାରିଖ ପୁରୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି ।

ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ ଦାଶ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଓ ବାମନଘାଟି ଉପଖଣ୍ଡର ସମସ୍ତ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## କମ୍ୟୁନିଷ୍ଟ ପାର୍ଟିର ୧୦୫ତମ ପ୍ରତିଷ୍ଠା ଦିବସ

**ବାଲେଶ୍ୱର,୧୭।୧୦/ଏନ୍ଏନ୍ଏସ୍:** କମ୍ୟୁନିଷ୍ଟ ପାର୍ଟିର ୧୦୫ତମ ପ୍ରତିଷ୍ଠା ଦିବସ ତଥା ସୋଭିଏତ ଋଷର ଅକ୍ଟୋବର ବିପ୍ଳବ ଦିବସ ନୂଆବଜାରସ୍ଥିତ ସିପିଆଇ(ଏମ୍)ର ଜିଲ୍ଲା କାର୍ଯ୍ୟାଳୟ ସମେତ ରେମୁଣା, ଜଳେଶ୍ୱର, ନୀଳଗିରି, ଔପଦା ଓ ଖଇରା ଆଦି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ କମିଟି ସଭ୍ୟ କ. ନିର୍ମଳ ନାୟକ ଲାଲ ପତାକା ଉତ୍ତୋଳନ କରି ପାର୍ଟି ସଂଗ୍ରାମର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖି ଆଗାମୀ ଦିନରେ ଦେଶରେ ଗଣତନ୍ତ୍ର ରକ୍ଷା କରିବା ପାଇଁ ଜନଗଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସୀତାଂଶୁ ସେନାପତି, ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା ଓ ଅଚ୍ୟୁତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱର, ରେମୁଣା, ନୀଳଗିରି, ଔପଦା ଓ ଖଇରା କାର୍ଯ୍ୟାଳୟରେ ମଧ୍ୟ ପାର୍ଟି ସଭ୍ୟମାନେ ଲାଲ ପତାକା ଉତ୍ତୋଳନ ପୂର୍ବକ ପାର୍ଟୀ ସଂଗ୍ରାମର ଇତିହାସ ବିଷୟରେ ଆଲୋଚନା କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗିରି, ଦିପ୍ତୀମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ଦିଲ୍ଲୀପ ପରିଡ଼ା, ସେକ୍ ଜମିରୁଦ୍ଦିନ, ସେକ୍ ନଜିମୁଦ୍ଦିନ, ଖଗେନ୍ଦ୍ର ମହୁରୀ, ସେକ୍ ଲିୟାସତ୍, ସେକ୍ ଇୟାସତ୍, ଅଶୋକ ଘଡ଼େଇ, ନନ୍ଦନ ପରିଡ଼ା, ଚନ୍ଦନ କୁମାର ବାରିକ, ପଲଟୁ ଦାସ, ମମି ପଣ୍ଡା, ହରିପ୍ରିୟା ଜେନା, ଦେବବ୍ରତ ମାଝୀ, ପ୍ରେମରଞ୍ଜନ ପାତ୍ର, ସିକନ୍ଦର ଖାନ୍, ପ୍ରଭାକର ବେହେରା, ଅକ୍ଷୟ ରଣା, ପ୍ରଶନ୍ନ ଷଡ଼ଙ୍ଗୀ, ବିଜୟ ପାତ୍ର, ଜ୍ୟୋତିର୍ମୟ ରାଉତ, ପ୍ରମୋଦ ଦାସ, ପ୍ରଶାନ୍ତ ବାରିକ, ବସନ୍ତ ମାଝୀ, ଜଗତାନନ୍ଦ ମହାପାତ୍ର, ଗୋବିନ୍ଦ ବାରିକ ଓ ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ

# ମାସକ ମଧ୍ୟରେ କାର୍ଯ୍ୟ ଆରମ୍ଭ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

**ସୋର,୧୭।୧୦/ଏନ୍ଏନ୍ଏସ୍:** ସୋର ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ୧୬ନଂ ଜାତୀୟ ରାଜପଥ ବସ୍‌ଷ୍ଟାଣ୍ଡ ଉପରେ ଗଣଧାରଣା ଦିଆଇଥିଲା। ଫଳରେ ଶତାଧିକ ଯାନବାହାନ ଜାତୀୟ ରାଜପଥରେ ଅଟକି ରହିବା ସହ ଦୀର୍ଘ ୩ ଘଣ୍ଟା ଧରି ଗମନାଗମନ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ଧାରଣାସ୍ଥଳରେ ୧୬ନଂ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ, ବାଲେଶ୍ୱର ଉପଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଓ ଏସ୍‌ଡିପିଓ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ମାସକ ମଧ୍ୟରେ ଗଳାପୋଲ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିବରଣୀରୁ ପ୍ରକାଶ, ଜାତୀୟ ରାଜପଥର ଉତ୍ତରେଶ୍ୱର ଏବଂ କଲେଜ ଛକରେ ସଂକୀର୍ଣ୍ଣ ଗଳାପୋଲ ଯୋଗୁ ସହରକୁ ପ୍ରବେଶ ବେଳେ ସର୍ବଦା ଭିଡ଼ ଜମିବା ସହ ଭାରୀଯାନ ଗୁଡ଼ିକ ପଶିପାରୁ ନଥିଲା। ଏହି ଗଳାପୋଲକୁ ପ୍ରଶସ୍ତିକରଣ ପାଇଁ ସୋର ନାଗରିକ ମଞ୍ଚ ସମେତ ସମସ୍ତ ରାଜନୈତିକ ଦଳ ଓ ବିଭିନ୍ନ ଗଣସଂଗଠନ ଦୀର୍ଘ ବର୍ଷ ଧରି ଦାବି ଫଳରେ ୨୦୨୧ ମସିହା ଡିସେମ୍ବରରେ ଜାତୀୟ ରାଜପଥ ଡେପୁଟି ଜେନେରାଲ୍ ମ୍ୟାନେଜର୍ ଗଳାପୋଲ ପ୍ରଶସ୍ତିକରଣ ନିମନ୍ତେ ଅନୁମୋଦନ ସହ ଅର୍ଥ ମଞ୍ଜୁର କରିଥିଲେ। ସେଥିମଧ୍ୟରେ ସୋରର ଉତ୍ତରେଶ୍ୱର, କଲେଜ ଛକ, ବଡ଼ଖୁରୀ ଛକ, ବାହାନଗା ଛକ ଓ ଚଢ଼କମାର ଅନ୍ତର୍ଭୁକ୍ତ। ତେବେ ୩ ବର୍ଷ ମଧ୍ୟରେ ୩ଟି ପୋଲ ସମାପ୍ତ ପରେ ଉତ୍ତରେଶ୍ୱର ଓ କଲେଜ ଛକ ଗଳାପୋଲ କାର୍ଯ୍ୟ ଆରମ୍ଭ ନକରି ଜମି ଅଧିଗ୍ରହଣ ଓ ଡ୍ରେନ୍ ସମସ୍ୟା ଆଳରେ ନିର୍ମାଣଧୀନ କମ୍ପାନୀ ପଳାଇ ଯିବାକୁ ବସିଥିଲା। ନାଗରିକ ମଞ୍ଚ ବାରମ୍ବାର ନିର୍ମାଣ କାର୍ଯ୍ୟ ଉପରେ ନଜର ରଖିବା ସହ କାର୍ଯ୍ୟ ସମାପ୍ତ ଆଶଙ୍କା କରି ବାଲେଶ୍ୱର ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଆନ୍ଦୋଳନ ନୋଟିସ୍ ଦେବା ପରେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇନଥିଲେ। ମାତ୍ର ଗୁରୁବାର ଆନ୍ଦୋଳନ ପରେ କାର୍ଯ୍ୟ ଆରମ୍ଭ ହେବାର ଆଶା ସଂଚାର ହୋଇଛି। ଏହି ଆନ୍ଦୋଳନରେ ରାଜନୈତିକ ଦଳଭାବେ କଂଗ୍ରେସ, ବିଜେପି, ବିଜେଡି, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତୃବୃନ୍ଦ ଅଂଶଗ୍ରହଣ କରିଥିବାବେଳେ ଆଦର୍ଶ ଯୁବପରିଷଦ, ଟ୍ରକ୍ ଚାଳକ ସଂଘ, ବସ୍ ଚାଳକ ସଂଘ, ପ୍ରେସକ୍ଲବ୍ ଓ ରାଧାନାଥ ପରିଷଦର କର୍ମକର୍ତ୍ତାଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ। ସୋର ବିଧାୟକ ମାଧବ ଧଡ଼ା, ସୋର ମ୍ୟୁନିସିପାଲଟି ଅଧ୍ୟକ୍ଷା, ପଞ୍ଚାୟତ ସମିତି ଅଧ୍ୟକ୍ଷା, ମୋତିଲାଲ ମହାନ୍ତି, ଅସିତ କୁମାର ଲେଙ୍କା, ଜୟରାମ ଦାସ, ବାବୁଲି ଦାସ, ରାକେଶ ମଲ୍ଲିକ, ଅନାମ ଚରଣ ବାରିକ, ଅକ୍ଷୟ ଜେନା, ଲୋକନାଥ ରାଉତ, ଲକ୍ଷ୍ମୀଧର ବେହେରା ଏବଂ ନାଗରିକ ମଞ୍ଚରୁ ମାୟାଧର ନାୟକ, ନେତାନନ୍ଦ ରାଉତ, ନବକିଶୋର ଦାସ, ଉଦ୍ଧବ ଚରଣ ବିଶ୍ୱାଳ, ସୁରେନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର ପାଢ଼ୀ, ଦାମୋଦର ଦାଶମହାପାତ୍ର, ରବି ନାରାୟଣ ଉପାଧ୍ୟାୟ, ଶ୍ରୀଧର ପତ୍ରି ଓ ମହେଶ୍ୱର ପଣ୍ଡା ତଥା ମଞ୍ଚର ସମସ୍ତ ସଦସ୍ୟ ନେତୃତ୍ୱ ନେଇଥିଲେ।



## ମହିଳା ଟି-୨୦ ବିଶ୍ୱକପ୍: ୮ ୱିକେଟ୍‌ରେ ହାରିଲା ଅଷ୍ଟ୍ରେଲିଆ

# ଫାଇନାଲ୍‌ରେ ସାଉଥ୍ ଆଫ୍ରିକା



**ଦୁବାଇ,୧୭।୧୦/ଏଜେନ୍ସି:** ସାଉଥ୍ ଆଫ୍ରିକା ମହିଳା ଟିମ୍ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ଟିମ୍ ଡିଫେଣ୍ଡିଂ ଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ୮ ୱିକେଟ୍‌ରେ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଅଷ୍ଟ୍ରେଲିଆ ୫ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା। ଜବାବରେ ସାଉଥ୍ ଆଫ୍ରିକା ୧୭.୨ ଓଭର୍‌ରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଉଥ୍ ଆଫ୍ରିକା ପକ୍ଷରୁ ଆନେକେ ବୋସ୍ ଅପରାଜିତ ୭୪ ରନ୍ କରିଥିବା ବେଳେ କ୍ୟାପ୍ଟେନ୍ ଲୌରା ୱୁଲ୍‌ଭର୍ଟ ୪୨ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୯୬ ରନ୍‌ର ଭାଗୀଦାରି ହୋଇଥିଲା। ଆନେକେଙ୍କ ୪୮ ବଲ୍‌ର ଇନିଂସ୍‌ରେ ୮ଟି ଚୌକା ଓ ଗୋଟିଏ ଛକା ସାମିଲ୍ ଥିଲା। ଏହା ବ୍ୟତୀତ ତାଜ୍‌ମିନ୍ ବ୍ରିଟ୍ସ ୧୫ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆନ୍ନାବେଲ୍ ସଦରଲାଣ୍ଡ ଦୁଇଟି ଯାକ ୱିକେଟ୍ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆର ଆରମ୍ଭ ଭଲ ନଥିଲା। ଟିମ୍ ୭ ରନ୍‌ର ସ୍କୋର୍‌ରେ ଓପ୍ନର୍ ଗ୍ରେସ୍ ହାରିସ୍ (୪)ଙ୍କ ୱିକେଟ୍ ହରାଇଥିଲା। ଆୟାବୋଙ୍ଗା ଖାକାଙ୍କ ବଲ୍‌ରେ ଆନେକେ ତାଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ଏହାପରେ ୧୮ ରନ୍‌ର ସ୍କୋର୍‌ରେ ଜର୍ଜିୟା ୱେରହାମ୍ (୫)ଙ୍କୁ ସିନୋଲା ଜାଫ୍‌ତାଙ୍କ ହାତରେ କ୍ୟାଚ୍ କରାଇ ମାରିଜାନେ କାପ୍ ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ଏହାପରେ ବେଥ୍ ମୁନି ଓ କ୍ୟାପ୍ଟେନ୍ ତାହଲିଆ ମ୍ୟାକ୍‌ଗ୍ରାଥ୍ ଇନିଂସ୍ ସମ୍ଭାଳି ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ମ୍ୟାକ୍‌ଗ୍ରାଥ୍ ୨୭ ରନ୍ କରିଥିବା ବେଳେ ଏମ୍‌ଲାବା ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ବେଥ୍ ୪୪ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହେବାପରେ ଏଲିସ୍ ପେରୀ (୩୧ ରନ୍) ଶେଷ ବଲ୍‌ରେ ଆଉଟ୍ ହୋଇଥିଲେ। ଫୋଏବ୍ ଲିଚ୍‌ଫିଲ୍ଡ ୧୬ ରନ୍ କରି ଅପରାଜିତ ରହିଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ଆୟାବୋଙ୍ଗା ଖାକା ୨ଟି, ମାରିଜାନେ କାପ୍ ଓ ନୋନ୍‌କୁଲୁଲେକୋ ଏମ୍‌ଲାବା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଆସନ୍ତାକାଲି ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ। ରବିବାର ଦୁବାଇରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ବେଙ୍ଗାଲୁରୁ ଟେଷ୍ଟ: ମ୍ୟାଟ୍ ହେନ୍‌ରୀଙ୍କୁ ୫ ୱିକେଟ୍

# ଭାରତ ୪୬ ରନ୍‌ରେ ଅଲ୍‌ଆଉଟ୍

■ ପାଞ୍ଚ ଭାରତୀୟ ବ୍ୟାଟର୍ ଶୂନ୍ୟରେ ଆଉଟ୍ ■ ଦ୍ୱିତୀୟ ଦିନ ନ୍ୟୁଜିଲାଣ୍ଡ ୧୮୦/୩



**ବେଙ୍ଗାଲୁରୁ,୧୭।୧୦/ଏଜେନ୍ସି:** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଉଛି। ମ୍ୟାଚ୍‌ଦ୍ୱିତୀୟ ଦିନ ଗୁରୁବାର ଭାରତୀୟ ଟିମ୍ ନିଜର ପ୍ରଥମ ଇନିଂସ୍‌ରେ ମାତ୍ର ୪୬ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଏହା ଟେଷ୍ଟ ମ୍ୟାଚ୍‌ରେ ଟିମ୍‌ର ତୃତୀୟ ସର୍ବନିମ୍ନ ସ୍କୋର୍। ଜବାବରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନ ଷ୍ଟାମ୍ପସ ବେଳକୁ ପ୍ରଥମ ଇନିଂସ୍‌ରେ ତିନି ୱିକେଟ୍ ହରାଇ ୧୮୦ ରନ୍ କରିଛି। ପ୍ରଥମ ଇନିଂସ୍ ଆଧାରରେ କିୱି ଟିମ୍ ୧୩୪ ରନ୍‌ରେ ଆଗୁଆ ହୋଇଛି। ଡାରିଲ୍ ମିଚେଲ୍ ୧୪ ଏବଂ ରଚିନ୍ ରବୀନ୍ଦ୍ର ୨୨ ରନ୍‌ରେ ଅପରାଜିତ ଅଛନ୍ତି।

ପ୍ରଥମ ଇନିଂସ୍‌ରେ ନ୍ୟୁଜିଲାଣ୍ଡର ପ୍ରାରମ୍ଭ ଚମତ୍କାର ରହିଛି। କ୍ୟାପ୍ଟେନ୍ ଟମ୍ ଲାଥମ୍ ଓ ଡେଭନ୍ କନ୍‌ୱେ ପ୍ରଥମ ୱିକେଟ୍ ପାଇଁ ୬୭ ରନ୍‌ର ଭାଗୀଦାରି କରିଥିଲେ। ତେବେ ଲାଥମ୍‌ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି କୁଲଦୀପ୍ ଯାଦବ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ଲାଥମ୍ ୧୩ ରନ୍ କରିଛନ୍ତି। ଏହାପରେ କନ୍‌ୱେ ଓ ୱିଲ୍ ୟଙ୍ଗ୍ (୩୩ ରନ୍) ଦ୍ୱିତୀୟ ୱିକେଟ୍ ପାଇଁ ୭୫ ରନ୍ ଯୋଡ଼ିଥିଲେ। ଏହି ଅର୍ଦ୍ଧଶତକୀୟ ଭାଗୀଦାରିର ଅନ୍ତ ରବୀନ୍ଦ୍ର ଜାଡ଼େଜ ଘଟାଇଥିଲେ। ସେ କୁଲଦୀପଙ୍କ ହାତରେ ୟଙ୍ଗଙ୍କୁ କ୍ୟାଚ୍ ଆଉଟ୍ କରାଇଥିଲେ। କିଛି ସମୟ ପରେ ଡେଭନ୍ କନ୍‌ୱେଙ୍କ ରୂପରେ ଭାରତକୁ ତୃତୀୟ ସଫଳତା ମିଳିଥିଲା। ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ ଏକ ଚମତ୍କାର ବଲ୍‌ରେ ତାଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। କନ୍‌ୱେ ୧୦୫ ବଲ୍‌ରେ ୧୧ ଚୌକା ଓ ତିନି ଛକା ସହାୟତରେ ୯୧ ରନ୍ କରିଥିଲେ। କନ୍‌ୱେଙ୍କ ଆଉଟ୍ ସମୟରେ ନ୍ୟୁଜିଲାଣ୍ଡ ସ୍କୋର୍ ୧୫୪/୩ ରନ୍ ଥିଲା। ଏହାପରେ ଡାରିଲ୍ ମିଚେଲ୍ ଓ ରଚିନ୍ ରବୀନ୍ଦ୍ର ଦିନର ଖେଳ ଶେଷ ପର୍ଯ୍ୟନ୍ତ ଆଉ କୌଣସି ୱିକେଟ୍‌ର ପତନ ଘଟିବାକୁ ଦେଇନଥିଲେ।

ବେଙ୍ଗାଲୁରୁ ଟେଷ୍ଟରେ ଭାରତୀୟ ଟିମ୍ ଲଜ୍ଜାଜନକ ପ୍ରଦର୍ଶନ କରି ୩୧.୨ ଓଭର୍‌ରେ ମାତ୍ର ୪୬ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଏହା ଟିମ୍‌ର ତୃତୀୟ ସର୍ବନିମ୍ନ ସ୍କୋର୍ ହୋଇଥିବା ବେଳେ ଭାରତୀୟ ମାଟିରେ କୌଣସି ଟିମ୍‌ର ସବୁଠୁ କମ୍ ସ୍କୋର୍। ଟସ୍ ଜିତି ଭାରତୀୟ ଟିମ୍ କ୍ୟାପ୍ଟେନ୍ ରୋହିତ ଶର୍ମା ବ୍ୟାଟିଂ ନେଇଥିଲେ। ନ୍ୟୁଜିଲାଣ୍ଡ ପ୍ରଥମ ୬ ଓଭର୍ କଞ୍ଜୁସ୍ ବୋଲିଂ କରିଥିଲା ଏବଂ ଭାରତୀୟ ଟିମ୍ ମାତ୍ର ୯ ରନ୍ ହିଁ କରିଥିଲା। ଏହାର ପ୍ରଭାବ ରୋହିତଙ୍କ ଉପରେ ପଡ଼ିଥିଲା ଏବଂ ୨ ରନ୍ କରିଥିବା ବେଳେ ଟିମ୍ ସାଉଦିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ବିରାଟ କୋହଲି ଓ ସର୍ଫରାଜ ଖାନ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇ ଫେରିଥିଲେ। ଏକଦା ଭାରତର ସ୍କୋର୍ ୯/୦ ଥିବାବେଳେ ଆଉ ମାତ୍ର ଏକ ରନ୍ ମଧ୍ୟରେ ଟିମ୍‌ର ତିନି ୱିକେଟ୍ ପତନ ଘଟିଥିଲା। ଏହାପରେ ଋଷଭ ପନ୍ତ ଓ ଯଶସ୍ୱୀ ଜୟସ୍ୱାଲ୍ କିଛି ସମୟ ଇନିଂସ୍ ସମ୍ଭାଳିଥିଲେ। ମାତ୍ର ୱିଲିୟମ୍ ଓରୁର୍କେଙ୍କ ବଲ୍‌ରେ ଏଜାଜ୍ ପଟେଲ୍‌ଙ୍କୁ କ୍ୟାଚ୍ ଦେଇ ଜୟସ୍ୱାଲ୍ (୧୩ ରନ୍) ପ୍ୟାଭିଲିୟନ୍ ଫେରିଥିଲେ। ସେତେବେଳକୁ ଟିମ୍‌ର ସ୍କୋର୍ ୩୧ ରନ୍ ଥିଲା। ଏହାର କିଛି ସମୟ ପରେ କେଏଲ୍ ରାହୁଲ ମଧ୍ୟ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ରବୀନ୍ଦ୍ର ଜାଡ଼େଜା ଏକ ଦାୟିତ୍ୱହୀନ ଶଟ୍ ଖେଳି ଡକ୍‌ରେ ଆଉଟ୍ ହୋଇଥିଲେ। ଲଞ୍ଚ ପରେ ଆର୍ ଅଶ୍ୱିନ (୦) ପ୍ରଥମ ବଲ୍‌ରେ ମ୍ୟାଟ୍ ହେନ୍‌ରୀଙ୍କ ବଲ୍‌ରେ ଗ୍ଲେନ୍ ଫିଲିପ୍ସଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଭାରତୀୟ ଇନିଂସ୍‌ରେ କେବଳ ଋଷଭ ପନ୍ତ କିଛିଟା ଲୟରେ ଥିବା ଦେଖିବାକୁ ମିଳିଥିଲା। ମାତ୍ର ସେ ମଧ୍ୟ ୨୦ ରନ୍ କରି ହେନ୍‌ରୀଙ୍କ ଶିକାର ହୋଇଥିଲେ। ଏହାପରେ ଜସ୍‌ପ୍ରତ୍ ବୁମ୍‌ରା (୧), କୁଲଦୀପ ଯାଦବ (୨) ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀଙ୍କୁ ୫, ୱିଲିୟମ୍ ଓରୁର୍କେଙ୍କୁ ୪ ଏବଂ ଟିମ୍ ସାଉଦିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ...

### ■ ପନ୍ତ ଆହତ, ପଡ଼ିଆରୁ ବିଦାୟ



ନ୍ୟୁଜିଲାଣ୍ଡ ଇନିଂସ୍ ଅବସରରେ ଡାହାଣ ଆଣ୍ଠୁରେ ଆଘାତ ଲାଗିବା କାରଣରୁ ଭାରତୀୟ ୱିକେଟ୍‌କିପର୍ ଋଷଭ ପନ୍ତଙ୍କୁ ପଡ଼ିଆରୁ ବିଦାୟ ନେବାକୁ ପଡ଼ିଛି। ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ୍ ୱିକେଟ୍‌କିପିଂ କରୁଛନ୍ତି। ଇନିଂସ୍‌ର ୩୭ତମ ଓଭର୍‌ରେ ବୋଲିଂ କରୁଥିବା ରବୀନ୍ଦ୍ର ଜାଡ଼େଜାଙ୍କ ଅନ୍ତିମ ବଲ୍‌ଟିକୁ ବୁଝିନପାରି ବ୍ୟାଟିଂ କରୁଥିବା ଡେଭନ୍ କନ୍‌ୱେ ମିସ୍ କରିଥିଲେ। ବଲ୍‌ଟି ସିଧା ପନ୍ତଙ୍କ ଡାହାଣ ଆଣ୍ଠୁରେ ଲାଗିଥିଲା ଏବଂ ସେ ଯନ୍ତ୍ରଣାରେ ତଳେ ପଡ଼ିଯାଇଥିଲେ। ଟିମ୍ ଫିଜିଓ ପଡ଼ିଆରେ ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଏଥିରେ ତାଙ୍କୁ ଉପଶମ ମିଳିନଥିଲା ଏବଂ ଛୋଟେଇ ଛୋଟେଇ ଫିଜିଓଙ୍କ ସହ ପଡ଼ିଆ ବାହାର ଚାଲିଯାଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୨ ଡିସେମ୍ବରରେ ଦିଲ୍ଲୀରୁ ରୁର୍‌କି ଯାଉଥିବା ବେଳେ ପନ୍ତଙ୍କ କାର୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ତାଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିଲା। ପରେ ମୁମ୍ବରେ ଆଣ୍ଠୁ ସର୍ଜରୀ ହୋଇଥିଲା ଏବଂ ପନ୍ତ ପ୍ରାୟ ଦୁଇବର୍ଷ କ୍ରିକେଟ୍‌ରୁ ଦୂରେଇ ରହିଥିଲେ।

### ■ ୩୮ତମ ଥର କୋହଲି ଶୂନ୍ୟରେ ଆଉଟ୍

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ବିରାଟ କୋହଲି ଗୁରୁବାର ୯ ବଲ୍‌ର ସାମ୍ନାକରି ମଧ୍ୟ ଖାତା ଖୋଲିପାରି ନାହାନ୍ତି। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ କୋହଲି ୩୮ତମ ଥର ପାଇଁ ଶୂନ୍ୟରେ ଆଉଟ୍ ହୋଇଛନ୍ତି। ସର୍ବାଧିକ ଥର ଶୂନ୍ୟରେ ଆଉଟ୍ ହେବାରେ ସେ ଭାରତୀୟ କ୍ରିକେଟର୍‌ଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ପୂର୍ବତନ ଫାଷ୍ଟ ବୋଲର୍ ଜାହିର୍ ଖାନ୍ (୪୩ ଥର) ଏହି ତାଲିକାର ଶୀର୍ଷରେ ଥିବାବେଳେ ଇଶାନ୍ତ ଶର୍ମା ୪୦ ଥର ଶୂନ୍ୟରେ ଆଉଟ୍ ହୋଇଛନ୍ତି।



ବିରାଟଙ୍କ ପଛକୁ ହରଭଜନ ସିଂହ (୩୭), ଅନୀଲ୍ କୁମ୍ବଲେ (୩୫), ସଚିନ୍ ତେନ୍ଦୁଲକର (୩୪) ଏବଂ ରୋହିତ ଶର୍ମା (୩୪) ରହିଛନ୍ତି।

### ■ ମ୍ୟାଟ୍ ହେନ୍‌ରୀଙ୍କ ୧୦୦ ୱିକେଟ୍ ପୂରା

ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର୍ ମ୍ୟାଟ୍ ହେନ୍‌ରୀ ବେଙ୍ଗାଲୁରୁ ଟେଷ୍ଟରେ ୫ ୱିକେଟ୍ ସଫଳତା ହାସଲ କରିଛନ୍ତି। ଏହା ସହିତ ଟେଷ୍ଟ କ୍ରିକେଟ୍‌ରେ ତାଙ୍କର ୧୦୦ ୱିକେଟ୍ ମଧ୍ୟ ପୂରା ହୋଇଛି। ସେହିପରି ଦ୍ରୁତ ୧୦୦ ୱିକେଟ୍ ହାସଲ କରିବାରେ ସେ ସଂଯୁକ୍ତ ଭାବେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ବୋଲର୍ ହୋଇଛନ୍ତି। ୨୬ ମ୍ୟାଚ୍‌ରେ ସେ ନୀଲ୍ ୱାଗ୍‌ନର୍‌ଙ୍କ ସହ ଯୁଗ୍ମ ଭାବେ ଏହି ଉପଲବ୍ଧି ହାସଲ କରିଛନ୍ତି। ରିଚାର୍ଡ ହାଡ୍‌ଲି (୨୫ ମ୍ୟାଚ୍) ଏହି ତାଲିକା ଶୀର୍ଷରେ ରହିଛନ୍ତି। ସେହିପରି ଭାରତରେ ୫ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ୱିକେଟ୍ ନେବାରେ ହେନ୍‌ରୀ ଚତୁର୍ଥ କିୱି ବୋଲର୍ ହୋଇଛନ୍ତି।

## ୪ର୍ଥ ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ୍

# ଓଡ଼ିଶା ୩ ୱିକେଟ୍‌ରେ ବିଜୟୀ

**ଭୁବନେଶ୍ୱର,୧୭।୧୦/ଏନ୍‌ଏନ୍‌ଏସ୍:** ରାଜସ୍ଥାନର ଉଦୟପୁରରେ ଚାଲିଥିବା ଚତୁର୍ଥ ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟୀ ହୋଇଛି। ଗୁରୁବାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ୍‌ରେ ଟିମ୍ ବିହାରକୁ ୩ ୱିକେଟ୍‌ରେ ହରାଇ ଦେଇଛି। ବିହାର ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୯ତମ ଓଭର୍‌ରେ ୭ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି। ଜଗଜିତ୍ ମହାନ୍ତି ୨୬ ବଲ୍‌ରେ ଧୂଆଁଧାର ଅପରାଜିତ ୪୪ ରନ୍ କରିଥିବା ବେଳେ ଭରତ ପଣ୍ଡା ୩୩, ବଳରାମ ବସ୍ତିଆ ୧୯ ଏବଂ ସୋହେଲ୍ ଖାନ୍ ୭ ରନ୍ କରି ଅପରାଜିତ ରହିଥିଲେ। ବିହାର ପକ୍ଷରୁ ଶୁଭଲେସ୍ ୩ଟି, ଅସିତ କୁମାର ଦୁଇଟି ଏବଂ ବ୍ରିଜ ମୋହନ ଓ ୱାକର୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି। ପୂର୍ବରୁ ପ୍ରଥମେ ବ୍ୟାଟିଂ ପାଇଥିବା ବିହାର ପକ୍ଷରୁ କୁନାଲ୍ ଶର୍ମା ସର୍ବାଧିକ ୨୬ ରନ୍ କରିଥିବା ବେଳେ ଓଡ଼ିଶା ପକ୍ଷରୁ ଅଭିଷେକ ସର୍ବାଧିକ ୪ ଓ ରାଜେଶ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ସୋହେଲ୍ ଖାନ୍, ଜଗଜିତ ଏବଂ ପ୍ରଫୁଲ୍ଲଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

# ଏସ୍‌ଆର୍‌ଏଚ୍‌ରୁ ଓହରିଲେ ଡେଲ୍ ଷ୍ଟେନ୍



**ନୂଆଦିଲ୍ଲୀ,୧୭।୧୦/ଏଜେନ୍ସି:** ଆଇପିଏଲ୍ ୨୦୨୫ ମେଗା ନିଲାମୀ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ଜୋର୍‌ଦାର ଧକ୍କା ଲାଗିଛି। ବୋଲିଂ କୋଚ୍ ଡେଲ୍ ଷ୍ଟେନ୍ ଟିମ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଷ୍ଟେନ୍ ସୋସିଆଲ୍ ମିଡିଆରେ ପୋଷ୍ଟ ଜରିଆରେ ଏହି ଘୋଷଣା କରିଛନ୍ତି। ଆଗାମୀ ସିଜନ୍‌ରେ ବୋଲିଂ କୋଚ୍ ଭାବେ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ବୋଲି ଜଣାଇଛନ୍ତି। ପୂର୍ବତନ ସାଉଥ୍ ଆଫ୍ରିକା ଫାଷ୍ଟ ବୋଲର୍ ଏହି ପୋଷ୍ଟରେ ଲେଖିଛନ୍ତି, 'ବୋଲିଂ କୋଚ୍ ଭାବେ ସନ୍‌ରାଇଜର୍ସ ହାଇଦ୍ରାବାଦ ସହ କିଛି ବର୍ଷ କାମ କରିଥିବାରୁ ବହୁତ ଧନ୍ୟବାଦ। ମାତ୍ର ଦୁର୍ଭାଗ୍ୟର ବିଷୟ ମୁଁ ଆଇପିଏଲ୍ ୨୦୨୫ ପାଇଁ ଫେରିପାରିବି ନାହିଁ।' ତେବେ ଷ୍ଟେନ୍ ସାଉଥ୍ ଆଫ୍ରିକାର ଏସ୍‌ଏ୨୦ରେ ସନ୍‌ରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ସହିତ କାର୍ଯ୍ୟ ଜାରି ରଖିବେ ବୋଲି ଜଣାଇଛନ୍ତି। ଷ୍ଟେନ୍ ବ୍ୟକ୍ତିଗତ କାରଣ ଯୋଗୁଁ ଆଇପିଏଲ୍ ୨୦୨୪ରୁ ନାମ ପ୍ରତ୍ୟାହାର କରିନେଇଥିଲେ। ଏହାପରେ ହାଇଦ୍ରାବାଦ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ଷ୍ଟାର୍ କ୍ରିକେଟର୍ ଜେମ୍ସ ଫ୍ରାଙ୍କଲିନ୍‌ଙ୍କୁ ବୋଲିଂ କୋଚ୍ ନିଯୁକ୍ତ କରିଥିଲା। ସାଉଥ୍ ଆଫ୍ରିକୀୟ ପୂର୍ବତନ ଫାଷ୍ଟ ବୋଲର୍ ଷ୍ଟେନ୍ ୨୦୨୨ରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ସହ ବୋଲିଂ କୋଚ୍ ଭାବେ ଯୋଡ଼ି ହୋଇଥିଲେ।

# ହେମାଙ୍ଗ ବଦାନୀ ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍

## ଗାଙ୍ଗୁଲିଙ୍କ ସ୍ଥାନରେ ବେଣୁଗୋପାଳ ରାଓ କ୍ରିକେଟ୍ ଡାଇରେକ୍ଟର



**ନୂଆଦିଲ୍ଲୀ,୧୭।୧୦/ଏଜେନ୍ସି:** ଆଇପିଏଲ୍ ୨୦୨୫ ମେଗା ଅକ୍ସନ୍ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ନିଜ କୋଚିଂ ଷ୍ଟାଫ୍‌କୁ ନେଇ ବଡ଼ ଘୋଷଣା କରିଛି। ପୂର୍ବତନ ଅଷ୍ଟ୍ରେଲୀୟ କ୍ୟାପ୍ଟେନ୍ ରିକି ପଣ୍ଟିଙ୍ଗଙ୍କ ସ୍ଥାନରେ ଫ୍ରାଞ୍ଚାଇଜି ପୂର୍ବତନ ଭାରତୀୟ ବ୍ୟାଟର୍ ହେମାଙ୍ଗ ବଦାନୀଙ୍କୁ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ସେହିପରି ପୂର୍ବତନ ଭାରତୀୟ କ୍ୟାପ୍ଟେନ୍ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ବେଣୁଗୋପାଳ ରାଓଙ୍କୁ କ୍ରିକେଟ୍ ଡାଇରେକ୍ଟର ନିଯୁକ୍ତ କରାଯାଇଛି। ଗାଙ୍ଗୁଲି ମହିଳା ପ୍ରିମିୟର୍ ଲିଗ୍‌ରେ ଟିମ୍‌ର କ୍ରିକେଟ୍ ଡାଇରେକ୍ଟର ଦାୟିତ୍ୱ ବୁଝିବେ। ୪୭ ବର୍ଷୀୟ ବଦାନୀ ୨୦୦୧ରୁ ୨୦୦୪ ମଧ୍ୟରେ ୪ଟି ଟେଷ୍ଟ ଏବଂ ୪୦ ଦିନିକିଆ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ତେବେ କେତେକ କ୍ରିକେଟ୍ ଲିଗ୍‌ରେ ତାଙ୍କର କୋଚିଂ ଅଭିଜ୍ଞତା ରହିଛି। ୨୦୨୧ରୁ ୨୦୨୩ ମଧ୍ୟରେ ସେ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦର ବୋଲିଂ ଏବଂ ବ୍ୟାଟିଂ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ଦିଗ୍‌ଦର୍ଶନରେ ଜାଫ୍‌ନା କିଙ୍ଗ୍‌ସ ଫ୍ରାଞ୍ଚାଇଜି ଲଗାତାର ଦୁଇଥର ଲଙ୍କା ପ୍ରିମିୟର ଲିଗ୍ ଟାଇଟଲ୍ ଜିତିଛି। ବଦାନୀ ଏସ୍‌ଏ୨୦ର ପ୍ରଥମ ସଂସ୍କରଣରେ ଟାଇଟଲ୍ ବିଜେତା ସନ୍‌ରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ଟିମ୍‌ର ବ୍ୟାଟିଂ କୋଚ୍ ଭାବେ ମଧ୍ୟ କାମ କରିଛନ୍ତି। ଏହା ବ୍ୟତୀତ ଚଳିତ ବର୍ଷର ଆଇଏଲ୍‌ଟି୨୦ ଫାଇନାଲିଷ୍ଟ ଦୁବାଇ କ୍ୟାପିଟାଲ୍ସ ଟିମ୍‌ର ମୁଖ୍ୟ କୋଚ୍ ମଧ୍ୟ ଥିଲେ।

ସେହିପରି ଟିମ୍‌ର କ୍ରିକେଟ୍ ଡାଇରେକ୍ଟର ନିଯୁକ୍ତ ହୋଇଥିବା ବେଣୁଗୋପାଳ ରାଓ ଭାରତ ପକ୍ଷରୁ ୧୬ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ୨୦୦୯ ଆଇପିଏଲ୍ ଟାଇଟଲ୍ ବିଜେତା ଡେକାନ୍ ଚାର୍ଜର୍ସ ଟିମ୍‌ର ସଦସ୍ୟ ମଧ୍ୟ ଥିଲେ। ଏହା ବ୍ୟତୀତ ସେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ଆଇପିଏଲ୍‌ର ତିନିଟି ସିଜନ୍ (୨୦୧୧-୧୩)ରେ ଖେଳିଛନ୍ତି। ସେହିପରି ସେ ଦୁବାଇ କ୍ୟାପିଟାଲ୍ସ ସହ ମଧ୍ୟ ସାମିଲ ଥିଲେ। ଉଦ୍‌ଘାଟନୀ ସିଜନ୍‌ରେ ସେ ଦୁବାଇ କ୍ୟାପିଟାଲ୍ସର ମେଣ୍ଟର ଏବଂ ପରବର୍ତ୍ତୀ ସିଜନ୍‌ରେ କ୍ରିକେଟ୍ ଡାଇରେକ୍ଟର ରୂପେ କାମ କରିଥିଲେ।

## ମୁଲତାନ ଟେଷ୍ଟ: ପାକିସ୍ତାନ ଦ୍ୱିତୀୟ ଇନିଂସ୍ ୨୨୧ରେ ଶେଷ

# ଇଂଲଣ୍ଡ ପାଇଁ ବିଜୟ ଲକ୍ଷ୍ୟ ୨୬୧ ରନ୍



**ମୁଲତାନ୍,୧୭।୧୦/ଏଜେନ୍ସି:** ମୁଲ୍‌ତାନରେ ଖେଳାଯାଉଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟଠାରୁ ୨୬୧ ରନ୍ ଦୂରରେ ରହିଛି। ପାକିସ୍ତାନ ଦ୍ୱିତୀୟ ଇନିଂସ୍‌ରେ ଇଂଲଣ୍ଡ ଆଗରେ ୨୯୭ ରନ୍‌ର ଲକ୍ଷ୍ୟ ରଖିଥିବା ବେଳେ ଟିମ୍ ତୃତୀୟ ଦିନ ଖେଳ ଶେଷ ବେଳକୁ ୨ ୱିକେଟ୍ ବିନିମୟରେ ୩୬ ରନ୍ କରିନେଇଛି। ଜ୍ୟାକ୍ କ୍ରଲି (୩) ଓ ବେନ୍ ଡକେଟ୍ (୦) ଆଉଟ୍ ହୋଇଥିବା ବେଳେ ଓଲି ପୋପ୍ ୨୧ ଏବଂ ଜୋ ରୁଟ୍ ୧୨ ରନ୍‌ରେ ଅପରାଜିତ ଅଛନ୍ତି।

ଏହା ପୂର୍ବରୁ ପାକିସ୍ତାନ ଦ୍ୱିତୀୟ ଇନିଂସ୍‌ରେ ୨୨୧ ରନ୍ କରିଥିଲା। ଟିମ୍‌କୁ ପ୍ରଥମ ଇନିଂସ୍ ଆଧାରରେ ୭୫ ରନ୍‌ର ଅଗ୍ରଣୀ ମିଳିଥିଲା। ଶାନ୍ ମସୁଦଙ୍କ ଟିମ୍ ପ୍ରଥମ ଇନିଂସ୍‌ରେ ୩୬୬ ରନ୍ କରିଥିବା ବେଳେ ତୃତୀୟ ଦିନ ଇଂଲଣ୍ଡ ପ୍ରଥମ ଇନିଂସ୍ ୨୯୧ ରନ୍‌ରେ ଶେଷ ହୋଇଥିଲା। ପାକିସ୍ତାନ ପକ୍ଷରୁ ସାଜିଦ୍ ଖାନ୍ ଘାତକ ବୋଲିଂ କରି ୭ ୱିକେଟ୍ ଅକ୍ତିଆର କରିଛନ୍ତି।

ଦ୍ୱିତୀୟ ଇନିଂସ୍‌ରେ ଆଗା ସଲ୍‌ମାନ୍ ପାକିସ୍ତାନର ଶୀର୍ଷ ସ୍କୋରର୍ ହୋଇଛନ୍ତି। ସେ ପାଞ୍ଚ ଚୌକା ଓ ଗୋଟିଏ ଛକା ସହାୟତାରେ ୬୩ ରନ୍ କରିଛନ୍ତି। ଏହା ବ୍ୟତୀତ ସଉଦ୍ ଶକିଲ୍ ୩୧, ମହମ୍ମଦ ରିଜ୍‌ୱାନ୍ ୨୩, ସାଜିଦ୍ ଖାନ୍ ୨୨ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସୋଏବ୍ ବଶୀର ୪, ଜ୍ୟାକ୍ ଲିଚ୍ ୩, ବ୍ରାଏଡନ୍ କାର୍ସ ୨ ଏବଂ ମାଥ୍ୟୁ ପଟ୍ସ ଗୋଟିଏ ୱିକେଟ୍ ନେଇଛନ୍ତି।

ଏହା ପୂର୍ବରୁ ତୃତୀୟ ଦିନ ସକାଳେ ୨୩୯/୬ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ମାତ୍ର ୫୨ ରନ୍ ଯୋଗ କରିବା ପରେ ଅଲ୍‌ଆଉଟ୍ ହୋଇଥିଲା। ବ୍ରାଏଡନ୍ କାର୍ସ ୪, ଜେମି ସ୍ମିଥ୍ ୨୧, ମାଥ୍ୟୁ ପଟ୍ସ ୬ ଏବଂ ସୋଏବ୍ ବଶୀର ୯ ରନ୍ କରି ଆଉଟ୍ ହୋଇଥିବା ବେଳେ ଜ୍ୟାକ୍ ଲିଚ୍ ୨୫ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ସାଜିଦ୍ ଖାନ୍ ୭ଟି ଏବଂ ନୋମାନ୍ ଅଲୀ ୩ଟି ୱିକେଟ୍ ନେଇଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra